MAY 24, 2026
SUNDAY, BHUBANESWAR
ମେ ୨୪, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 261 | ବର୍ଷ- ୧ ● ସଂଖ୍ୟା- ୨୬୧ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

## ସ୍ଥଗିତ ରହିବ ରତ୍ନଭଣ୍ଡାର ଗଣତି ମଣତି

ପୁରୀ,୨୩।୫(ଅକ୍ଷର ଓଡ଼ିଶା): ଆଜିଠାରୁ ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ସ୍ଥଗିତ ରହିବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଏବଂ ମହାପ୍ରଭୁଙ୍କ ଆଗାମୀ ପର୍ବପର୍ବାଣୀ ବିଶେଷକରି ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଜନା



ପ୍ରସ୍ତୁତ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଆସନ୍ତା ସପ୍ତାହରୁ ଛତିଶା ନିଯୋଗ ଓ ପରିଚାଳନା କମିଟିର

**ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଲା ଶ୍ରୀମନ୍ଦିର ପ୍ରଶାସନ**

ବୈଠକଗୁଡ଼ିକ କ୍ରମାଗତ ଭାବେ ଆୟୋଜିତ ହେବ। ଏହାକୁ ଦୃଷ୍ଟିରେ ରଖି ରବିବାର ଠାରୁ ଗଣତି କାର୍ଯ୍ୟକୁ ସ୍ଥଗିତ ରଖିବାକୁ ସ୍ଥିର କରାଯାଇଛି। ମହାପ୍ରଭୁଙ୍କ ଅଶେଷ କୃପା ଓ ଆଶୀର୍ବାଦରୁ ସମଗ୍ର ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସୁଚାରୁ ତଥା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଆଗେଇ ଚାଲିଛି। ଗଜପତି ମହାରାଜାଙ୍କ ମାର୍ଗଦର୍ଶନ, ଉଚ୍ଚସ୍ତରୀୟ ଓ ପରିଚାଳନା କମିଟିର ପରାମର୍ଶ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସାଥୀଅଧିକାରୀ ଓ ବିଶେଷକରି ସେବକବନ୍ଧୁମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରୁଛି। ଆଜିର ଗଣତି କାର୍ଯ୍ୟ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଚାଲିଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଉଲ୍ଲେଖଯୋଗ୍ୟ ଇତି ମଧ୍ୟରେ ରତ୍ନଭଣ୍ଡାରର ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି ମଣତି ପ୍ରକ୍ରିୟା ଶେଷ ହୋଇଛି। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଷ୍ପତ୍ତି ☞ପୃଷ୍ଠା-୨

## ଛୁଟି ଦିନରେ କାମ କଲେ ମୁଖ୍ୟମନ୍ତ୍ରୀ
# ଆକ୍ସନ ମୋଡ୍‌ରେ ରାଜ୍ୟ ସରକାର



### ରାଜ୍ୟର ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ଆଇନଶୃଙ୍ଖଳା ଜରୁରୀ

- ୧୫ ଦିନରେ ୩ ଥର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା
- ଡିଜିପି ଓ ଗୃହ ସଚିବଙ୍କ ସହ ପ୍ରାୟ ଅଢ଼େଇ ଘଣ୍ଟା ଧରି ବସିଲା ବୈଠକ
- ପୁଲିସ୍‌କୁ କଡ଼ା ଚେତାବନୀ

ଭୁବନେଶ୍ୱର,୨୩।୫: ମୁଖ୍ୟମନ୍ତ୍ରି ମୋହନ ଚରଣ ମାଝି ଚତୁର୍ଥ ଶନିବାର ଛୁଟି ଦିନରେ ମଧ ରାଜ୍ୟ ପାଇଁ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ମାତ୍ର ୧୫ଦିନ ମଧ୍ୟରେ ତୃତୀୟଥର ପାଇଁ ପୁଣିଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳାର ସ୍ଥିତି ଦିନକୁ ଦିନ ବିଗୁଡିଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଛୁଟିଦିନରେ ଖାରବେଳ ଭବନଠାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶିଳ୍ପାୟନ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ସୂଚନା ଅନୁସାରେ, ଶନିବାର ଖାରବେଳ ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟ ସରକାର ନିଜର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବାରୁ ରାଜ୍ୟବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ରାଜ୍ୟରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଶିଳ୍ପାୟନ ପ୍ରକ୍ରିୟାକୁ ଆଗକୁ ବଢାଇବା ଏବଂ ଆଗାମୀ ଦିନ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା କିଭଳି ହେବ, ସେ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅତି ଜରୁରୀ। ତେଣୁ ପୁଲିସ ପ୍ରଶାସନ ଅଧିକ ଦକ୍ଷତା, ସ୍ୱଚ୍ଛତା ଓ ସତର୍କତାର ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ☞ପୃଷ୍ଠା-୨

## ମେ’ ୩୧ ବିଏଡ, ଜୁନ ୩ରେ ବି.ଏଚ.ଏଡ଼ ଓ ଏମ.ଏଡ଼ ପରୀକ୍ଷା

ଭୁବନେଶ୍ୱର,୨୩।୫: ଆସନ୍ତା ମେ’ ୩୧ ତାରିଖରେ ଦୁଇ ବର୍ଷିଆ ବି.ଏଡ଼ ପାଠ୍ୟକ୍ରମ ଏବଂ ଜୁନ୍ ୩ ତାରିଖରେ ବି.ଏଚ.ଏଡ଼ (ହିନ୍ଦୀ) ଓ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଷ୍ଟେଟ ସିଲେକ୍ସନ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ମେ’ ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ଼ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଭାବେ ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଚ.ଏଡ଼ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ମେ’ ୨୭ ତାରିଖ ଦିନ ୧୧ ଘଟିକା ଠାରୁ ବିଏଡ଼, ବି.ଏଚ.ଏଡ଼ ଓ ଏମ.ଏଡ଼ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ଼ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ର ୱେବ୍‌ସାଇଟକୁ ଯାଇ ନିଜର ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ। ଜୁନ୍ ୪ ତାରିଖରେ ଏସଏସବି ୱେବ୍‌ସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି’ ପ୍ରକାଶିତ ହେବ।

## ୨୦୪୭ରେ ବିକଶିତ ଭାରତର ସାରଥୀ ହେବେ ଯୁବବର୍ଗ: ପ୍ରଧାନମନ୍ତ୍ରୀ

- ଦେଶବ୍ୟାପି ୧୯ତମ ନିଯୁକ୍ତି ମେଳା
- ଏକକାଳୀନ ୪୭ଟି ସ୍ଥାନରେ ବଣ୍ଟାଗଲା ନିଯୁକ୍ତି ପତ୍ର
- ୫୧,୦୦୦ ଯୁବକଯୁବତୀଙ୍କ ପାଇଲେ ନିଯୁକ୍ତି




ସମ୍ବଲପୁର,୨୩।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସ ମାଧ୍ୟମରେ ୫୧,୦୦୦ ରୁ ଅଧିକ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମଟି ଦେଶବ୍ୟାପୀ ଏକକାଳୀନ ୪୭ଟି ସ୍ଥାନରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେଇ ‘ନାଗରିକ ଦେବୋ ଭବଃ’ ମନ୍ତ୍ର ପ୍ରଦାନ କରି କହିଥିଲେ,‘ନାଗରିକ କଲ୍ୟାଣ ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ ’ ହେବା ଉଚିତ୍। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ସୁଯୋଗର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହିତ ସମ୍ବଲପୁରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ଠାରେ ଆଞ୍ଚଳିକ ☞ପୃଷ୍ଠା-୨

**ଭାଇରସ୍ ସଂକ୍ରମଣ ପ୍ରତିରୋଧ ପାଇଁ ସମୀକ୍ଷା**

## ଇବୋଲା ମୁକାବିଲା ପାଇଁ ସଜାଗ ଓଡ଼ିଶା: ସ୍ୱାସ୍ଥ୍ୟ ମନ୍ତ୍ରୀ



- ବିମାନବନ୍ଦରରେ ସୁଦୃଢ଼ ହେବ ସ୍କ୍ରିନିଂ ବ୍ୟବସ୍ଥା
- ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ
- ଭୟଭୀତ ନ ହୋଇ ସଚେତନ ରୁହନ୍ତୁ

ଭୁବନେଶ୍ୱର,୨୩।୫: ରାଜ୍ୟ ସଚିବାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ☞ପୃଷ୍ଠା-୨

## ଜନନେତାଙ୍କ ସୁସ୍ଥତା କାମନା କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- ★ ସମଲେଶ୍ୱରୀଙ୍କ ନିକଟରେ କଲେ ଆଶୁ ଆରୋଗ୍ୟ କାମନା
- ★ ଜନସେବା ପ୍ରତି ତାଙ୍କର ନିଷ୍ଠା ଓ ଆଦର୍ଶ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣା: ମନ୍ତ୍ରୀ ଶ୍ରୀ ପାତ୍ର



ସମ୍ବଲପୁର, ୨୩/୫- ଭାରତୀୟ ଜନତା ପାର୍ଟିର ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଆଦରଣୀୟ ସୁରେନ୍ଦ୍ର ଲାଠଙ୍କୁ ସମ୍ବଲପୁର ସ୍ଥିତ ତାଙ୍କ ବାସଭବନରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ ହୋଇଛନ୍ତି। ସାକ୍ଷାତକାଳୀନ ଆତ୍ମୀୟ ଆଲୋଚନାରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ଦୀର୍ଘଦିନ ଧରି ସାଧାରଣ ଲୋକଙ୍କ ସେବା, ଦଳୀୟ ସଂଗଠନର ସୁଦୃଢ଼ତା ଏବଂ ସାମାଜିକ ଜୀବନରେ ଶ୍ରୀ ଲାଠଙ୍କ ଅବିସ୍ମରଣୀୟ ଅବଦାନ ସଦା ସର୍ବଦା ପ୍ରେରଣାଦାୟକ ଓ ସ୍ମରଣୀୟ ହୋଇ ରହିବ। ସେ ଆହୁରି କହିଥିଲେ ଯେ, ଶ୍ରୀ ଲାଠଙ୍କ ସରଳତା, ଆଦର୍ଶ ନେତୃତ୍ୱ ☞ପୃଷ୍ଠା-୨

## ମାଛକୁଣ୍ଡ ହାଇଡ୍ରୋ ପାୱାର ପ୍ରକଳ୍ପରେ ଅଗ୍ନିକାଣ୍ଡ

**ନିଆଁକୁ ଆୟତ୍ତ କଲା ନନ୍ଦପୁର ଅଗ୍ନିଶମ ବାହିନୀ**



କୋରାପୁଟ,୨୩।୫(ସମୀର) : ନନ୍ଦପୁର ମାଛକୁଣ୍ଡ ହାଇଡ୍ରୋ ପାୱାର ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟଣାରେ ନନ୍ଦପୁର ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରି ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ନନ୍ଦପୁର ଓ ଲମତାପୁଟ ଅଗ୍ନିଶମ ଦଳକୁ ସଫଳତା ମିଳିଛି। ପ୍ରକଳ୍ପ ଭିତର ଓ ବାହାରେ ଲାଗିଥିବା ନିଆଁକୁ ଦଳ ସମ୍ପୂର୍ଣ୍ଣ ଆୟତ୍ତ କରିଛି। ଟରବାଇନ୍ ଓ ପ୍ୟାନେଲ ବୋର୍ଡରେ ନିଆଁ ଲାଗି ପ୍ରକଳ୍ପର ମୁଖ୍ୟ ଗୃହରେ ନିଆଁ ଲାଗି ଥିଲା। ପରିସର ଧୂଆଁମୟ ହେବାସହ ଭିତରେ ଓ ବାହାରେ ଥିବା ବିଭିନ୍ନ ବୈଦ୍ୟୁତିକ ସରଞ୍ଜାମ, ପାଇପ୍, ତାର ଆଦିରେ ନିଆଁ ବ୍ୟାପି ସ୍ଥିତି ଭୟାନକ ହୋଇଥିଲା। ସମସ୍ତ ପ୍ରତିକୂଳ ସ୍ଥିତି ସହ ଯୁଝି ଅଗ୍ନିଶମ ଦଳ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିବା କେନ୍ଦ୍ରାଧିକାରୀ ସାମଲ ସୂଚନା ଦେଇଛନ୍ତି। ଅଗ୍ନିଶମ ବାହିନୀର ସାହସିକତାକୁ ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀ ଚାହିଁଲେ ପୁଣି ସଂଗ୍ରହ ହେବ ଧାନ: ଯୋଗାଣ ମନ୍ତ୍ରୀ

- ◆ ୭୦ ବର୍ଷର ଚାଷ ଜମିର ନାହିଁ ସରକାରୀ ପଟ୍ଟା
- ◆ ମଣ୍ଡିରେ ଦେଇପାରୁ ନାହାଁନ୍ତି ଧାନ
- ◆ ହୀରାକୁଦ ବୁଡ଼ି ଅଞ୍ଚଳର ଚାଷିଙ୍କୁ ଆଶ୍ୱସ୍ତି ଦେଲେ ମନ୍ତ୍ରୀ
- ◆ ଧାନ ସଂଗ୍ରହ ବିଚାରଯୋଗ୍ୟ କହିଲେ ଯୋଗାଣ ମନ୍ତ୍ରୀ



ସମ୍ବଲପୁର, ୨୩।୫: ହୀରାକୁଦ ଜଳଭଣ୍ଡାରର ବୁଡ଼ି ଅଞ୍ଚଳରେ ଚାଷ କରୁଥିବା ହଜାର ହଜାର ବିସ୍ଥାପିତ ଚାଷୀଙ୍କ ପାଇଁ ଏକ ବଡ଼ ଆଶାର କିରଣ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଚାହିଁଲେ ହୀରାକୁଦ ବୁଡ଼ି ଅଞ୍ଚଳର ପଟ୍ଟାହୀନ ଜମିରୁ ପୁଣିଥରେ ଧାନ ସଂଗ୍ରହ ହୋଇପାରିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଥିପାଇଁ ସମ୍ଭାବନା ଉଜ୍ଜ୍ୱଳ ଥିବା ସହ ବିଷୟଟି ସରକାରଙ୍କ ବିଚାରଯୋଗ୍ୟ ବୋଲି ସେ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ସକାରାତ୍ମକ ମନ୍ତବ୍ୟ ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ଥିବା ବୁଡ଼ି ଅଞ୍ଚଳର ଚାଷୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ୬୩୨ ଫୁଟ୍ ବିଶିଷ୍ଟ ହୀରାକୁଦ ଜଳଭଣ୍ଡାର ପାଇଁ ବ୍ୟାପକ ଜମି ଅଧିଗ୍ରହଣ କରାଯାଇଥିଲା। ମାତ୍ର ବ୍ୟବହାରିକ କ୍ଷେତ୍ରରେ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ମଧ୍ୟରେ ସୀମିତ ରହିବାରୁ ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକର ବସନ୍ତପୁର ଏବଂ ଝାରସୁଗୁଡ଼ା ଜିଲ୍ଲା ଲକ୍ଷଣପୁର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଅନେକ ଉର୍ବର ଚାଷ ଜମି ଅବ୍ୟବହୃତ ହୋଇ ରହିଗଲା। ସେଠାକାର ବାସଚ୍ୟୁତ ତଥା ବିସ୍ଥାପିତ ଚାଷୀଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ଜୀବିକା ନଥିବାରୁ, ସେମାନେ ଦୀର୍ଘ ୭୦ ବର୍ଷ ହେବ ଏହି ବଳକା ଜମିରେ ପୁରୁଷାନୁକ୍ରମେ ଚାଷ କରି ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ମାତ୍ର ଜମିର ସରକାରୀ ପଟ୍ଟା ନଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ ସେମାନଙ୍କ ଧାନ ସଂଗ୍ରହ ଉପରେ କଟକଣା ଜାରି କରାଯାଇଛି, ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଉକ୍ତ ଜମିରେ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ରାଜନୈତିକ ଓ ସାମାଜିକ ସ୍ତରରେ ଲଢ଼େଇ ଚାଲିଆସିଛି। ସିପିଆଇର ନେତା ତଥା ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ବିଭିନ୍ନ ସମୟରେ ଦଳମତ ନିର୍ବିଶେଷରେ ଅନେକ ବଡ଼ ବଡ଼ ନେତା ସାମିଲ ହୋଇଛନ୍ତି। ବର୍ତ୍ତମାନର ☞ପୃଷ୍ଠା-୨

## ଲୋକାର୍ପିତ ହେଲା ରାଜ୍ୟର ଦ୍ୱିତୀୟ ‘ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍’



- ହିତାଧିକାରୀମାନଙ୍କୁ ସମ୍ମାନର ସହ ରାସନ ଯୋଗାଇବା ଆମ ସରକାରଙ୍କ ପ୍ରାଥମିକତା: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
- ମଞ୍ଚେଶ୍ୱରରେ ପ୍ରଥମ ‘ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍’
- ସମଗ୍ର ଦେଶରେ ତୃତୀୟ ଗ୍ରେନ୍ ଏଟିଏମ୍‌ର ଗୌରବ ପାଇଲା ଝାରସୁଗୁଡ଼ା
- ହିତାଧିକାରୀଙ୍କୁ ମିଳିବ ୨୪×୭ ଡିଜିଟାଲ୍ ରାସନ ସେବା
- ବାୟୋମେଟ୍ରିକ୍ ମାଧ୍ୟମରେ ଉଠାଇବେ ରାସନ

ଝାରସୁଗୁଡ଼ା,୨୩।୫: ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିର ନୂଆ ଅଧ୍ୟାୟ ଯୋଡ଼ି ଓଡ଼ିଶା ସରକାର ଆଉ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ଝାରସୁଗୁଡ଼ାରେ ଅତ୍ୟାଧୁନିକ ‘ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍’ ଶୁକ୍ରବାର ଲୋକାର୍ପିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଗ୍ରେନ୍ ଏଟିଏମ୍‌ର ଉଦ୍‌ଘାଟନ କରିଥିଲେ। ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତର ତୃତୀୟ ଗ୍ରେନ୍ ଏଟିଏମ୍ ଭାବେ ପରିଗଣିତ ହେଉଛି। ଓଡିଶାର ମଞ୍ଚେଶ୍ୱର ପ୍ରଥମ ଗ୍ରେନ ଏଟିଏମ ପ୍ରତିଷ୍ଠା ହୋଇ ଥିବା ବେଳେ ଝାରସୁଗୁଡାରେ ଦ୍ୱିତୀୟ ଏଟିଏମ ଲୋକାର୍ପିତ ☞ପୃଷ୍ଠା-୨

## ବିଜ୍ଞାନ ଟପ୍ପରଙ୍କୁ ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ ଶ୍ରୀ ପାତ୍ର



ଢେଙ୍କାନାଳ,୨୩।୫: ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ଗ୍ରାମର ସୁନା ପୁଅ ପାର୍ଥସାରଥୀ ଖିଲାର ଚଳିତ ବର୍ଷର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୬୦୦ରୁ ୫୯୮ ମାର୍କ ରଖି ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସହ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଇ-ଟେକ ଆବାସିକ ବିଦ୍ୟାଳୟର ଛାତ୍ର ପାର୍ଥସାରଥୀ ଜଣେ କୃଷକ ପରିବାରରୁ ଆସିଥିଲେ ମଧ ନିଜର କଠୋର ପରିଶ୍ରମ, ଅଦମ୍ୟ ଇଚ୍ଛାଶକ୍ତି, ପିତାମାତାଙ୍କ ଆଶୀର୍ବାଦ ଓ ଶିକ୍ଷକମାନଙ୍କ ସୁଯୋଗ୍ୟ ମାର୍ଗଦର୍ଶନ ବଳରେ ଏହି ଅସାଧାରଣ ସଫଳତା ହାସଲ କରିଛନ୍ତି। ତାଙ୍କ ଏହି କୃତିତ୍ୱ ଆଜି ☞ପୃଷ୍ଠା-୨



**ଅକ୍ଷର ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ମନ୍ତ୍ରୀ କୃଷ୍ଣପାତ୍ର ଅନିଦ୍ରାରେ ରାତ୍ର
ସମ୍ବଲପୁରକୁ ଯାଇ
କୃଷକ ଭାଇଙ୍କୁ ଦମ୍ଭ ଦେଲେ ସିଏ
ଭୟ ନାହିଁ ଭୟ ନାହିଁ
ଖାଲି ହଁ କଲେ ମୁଖ୍ୟ ସାଇଁ
ପୁଣି ଥରେ ଧାନ କିଣା ହେବ
ଆମେ ସବୁ ଭାଇ ଭାଇ



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସ୍ଥଗିତ ରହିବ...

ଅନୁଯାୟୀ ଗତ ୧୯ ତାରିଖରେ ପରେ ୨୧ ତାରିଖ, ୨୩ ତାରିଖ ,୨୬ ତାରିଖ, ୨୮ତାରିଖ,୨୯ ତାରିଖ ଓ ୩୦ ତାରିଖରେ ଗଣତି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି । ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି । ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଥିଲା ।

### ଆକ୍ସନ ମୋଡ୍‌ରେ ରାଜ୍ୟ...

ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦେଇଥିବା ବାସ୍ତବବାଦୀ ନିର୍ଦ୍ଦେଶାବଳୀର ଅନୁପାଳନ କେତେଦୂର ହୋଇଛି, ସେ ନେଇ ମଧ୍ୟ ଏହି ବୈଠକରେ ତର୍ଜମା କରାଯାଇଥିଲା । ଏହି ବୈଠକ ପ୍ରାୟ ୨ରୁ ଅଢେଇ ଘଣ୍ଟା ଧରି ଚାଲିଥିବା ଜଣାପଡିଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଗୃହ ସଚିବ ହେମନ୍ତ ଶର୍ମା ଓ ପୁଲିସ ଡିଜି ଓ୍ୱାଇବି ଖୁରାନିଆଙ୍କ ସହ ରାଜ୍ୟର ଆଇନଶୃଙ୍ଖଳା ଓ ଶିଳ୍ପାୟନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରାଜ୍ୟରେ ବିଗତ କିଛିଦିନ ଧରି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଲିସ ବିଫଳ ହୋଇଥିବାବେଳେ ସରକାରଙ୍କୁ ବେଶ୍ ସମାଲୋଚିତ ହେବାକୁ ପଡୁଛି । ତେଣୁ ଚଳିତମାସ ୯ ତାରିଖ ଓ ୧୪ତାରିଖରେ ଦୁଇଥର ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରି ପୁଲିସକୁ କଡା ଭାଷାରେ ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଆଜି ପୁଣିଥରେ ପୁଲିସ ଡିଜି ଓ ଗୃହ ସଚିବଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନାକୁ ପ୍ରଶାସନିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି ।

### ୨୦୪୭ରେ ବିକଶିତ ଭାରତର...

ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ବିଭିନ୍ନ ସରକାରୀ ପଦବୀ ପାଇଁ ମୋଟ ୪୦ ଜଣ ପ୍ରାର୍ଥୀ ସେମାନଙ୍କର ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି । ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ, ଏସ. କେ. ଠାକରେ, ଡିପିଏସ, ସମ୍ବଲପୁର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇସାରିଛି, ଯାହା ଏକ ସଶକ୍ତ କାର୍ଯ୍ୟଶକ୍ତି ଗଠନ ପାଇଁ ସରକାରଙ୍କ ନିରନ୍ତର ଉତ୍ସର୍ଗୀକୃତ ଭାବନାକୁ ପ୍ରକାଶ କରୁଛି ।

### ସୁରେନ୍ଦ୍ର ଲାଠଙ୍କୁ ସାକ୍ଷାତ...

ଓ ଜନସେବା ପ୍ରତି ଅତୁଟ ନିଷ୍ଠା ହଜାର ହଜାର କାର୍ଯ୍ୟକର୍ତ୍ତାଙ୍କ ପାଇଁ ପଥପ୍ରଦର୍ଶକ ସାବ୍ୟସ୍ତ ହୋଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କର ଆଶୁ ଆରୋଗ୍ୟ, ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### ମାଛକୁଣ୍ଡ ହାଇଡ୍ରୋ...

ପ୍ରକଳ୍ପ ପ୍ରଶାସନ ତରଫରୁ ପ୍ରଶଂସା କରାଯାଇଛି । ପ୍ରକଳ୍ପର ଯନ୍ତ୍ରପାତି ସବୁ ବହୁ ପୁରୁଣା ଓ ତାହାର ସୁରକ୍ଷା ଯାଞ୍ଚ ସମୟାନୁସାରେ କରା ଯାଉନଥିବା ଅଭିଯୋଗ ହୋଇଛି । ଅଗ୍ନିକାଣ୍ଡରେ ମୁଖ୍ୟ କଣ୍ଟ୍ରୋଲ ରୁମ, ପ୍ୟାନେଲ ବୋର୍ଡ, ମୂଲ୍ୟବାନ ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି । ନିଆଁ ଓ ଧୂଆଁରେ ଫସି ସାମାନ୍ୟ ଆହତ ହୋଇଥିବା ୪ କର୍ମଚାରୀ ସୁସ୍ଥ ଥିବା ସୂଚନା ଦିଆଯାଇଛି । ଅନ୍ୟପଟେ ଏହି ଅଗ୍ନିକାଣ୍ଡ ଯାନ୍ତ୍ରିକ ତ୍ରୁଟି ନା କର୍ତ୍ତୃପକ୍ଷଙ୍କ ଅବହେଳା ତାହାର ଯାଞ୍ଚ ଦୁଇ ରାଜ୍ୟ ପ୍ରଶାସନ ତରଫରୁ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି ।

### ଇବୋଲା ମୁକାବିଲା...

ଗୁରୁତ୍ୱ ଦେଇଥିଲେ । ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ., ଏନଏଚଏମ ଏମଡି ଡ଼. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ଼ ବିଜୟ ମହାପାତ୍ର , ସ୍ୱତନ୍ତ୍ର ସଚିବ ଡ଼ ନୀଳକଣ୍ଠ ମିଶ୍ର , ଭୁବନେଶ୍ୱର ଏୟାରପୋର୍ଟର ଡ଼ିଜିଏମ ଅପରେସନ ଉମାକାନ୍ତ ପଟେଲ, ବରିଷ୍ଠ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀ ଚାହିଁଲେ ପୁଣି...

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବରଗଡ଼ ସାଂସଦ ଥିବା ସମୟରେ ମଧ୍ୟ ବିସ୍ଥାପିତଙ୍କ ହକ୍ ପାଇଁ ଜୋରଦାର ସ୍ୱର ଉତ୍ତୋଳନ କରିବା ସହ ପୂର୍ବତନ ବିଜେଡି ସରକାରଙ୍କ ଯୋଗାଣ ମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଚିଠି ଲେଖିଥିଲେ । ପୂର୍ବରୁ ସରକାର ସ୍ୱତନ୍ତ୍ର ଅନୁମତି ଆଧାରରେ ବିଭିନ୍ନ ସମୟରେ ଚାଷୀଙ୍କଠାରୁ ଧାନ କିଣୁଥିଲେ । କେବଳ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ବସନ୍ତପୁର ଅଞ୍ଚଳରୁ ଗୋଟିଏ ବର୍ଷ ସଫଳତାର ସହ ଧାନ ସଂଗ୍ରହ କରାଯାଇଥିଲା । ମାତ୍ର ଗତ ବର୍ଷେ ହେବ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଛି । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ସ୍ପଷ୍ଟୀକରଣରେ କହିଛନ୍ତି, 'ବର୍ତ୍ତମାନର ସରକାରୀ ନିୟମ ଅନୁଯାୟୀ ଯେଉଁ ଜମିର ଆରଓଆର ନାହିଁ ସେଠାରୁ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଉପରେ କଟକଣା ରହିଛି । ଆମେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ପ୍ରଚଳିତ ନିୟମକୁ ଆଧାର କରି କାର୍ଯ୍ୟ କରୁଛୁ । ତେଣୁ ଏ ଦିଗରେ ଆମେ ମୁଖମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ କରଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହା ଶୁଣିବା ପରେ ବିସ୍ଥାପିତ ଚାଷୀ ମହଲରେ ଆଶାର ସଂଚାର ଆଣିଦେଇଛି ।

### ଲୋକାର୍ପିତ ହେଲା ରାଜ୍ୟର...

ହୋଇଛି । ବ୍ୟାଙ୍କ ଏଟିଏମ୍ ଭଳି ଉକ୍ତ ଗ୍ରେନ୍ ଏଟିଏମ୍‌ରୁ ହିତାଧିକାରୀମାନେ ଦିନ ବା ରାତି, ଯେକୌଣସି ସମୟରେ ରାସନ ସାମଗ୍ରୀ ଗ୍ରହଣ କରିପାରିବେ । ହିତାଧିକାରୀମାନେ ରାସନ କାର୍ଡ ଓ ବାୟୋମେଟ୍ରିକ୍ ପ୍ରମାଣୀକରଣ ମାଧ୍ୟମରେ ନିଜ ଚାଉଳ ଓ ଗହମ ଉଠାଇପାରିବେ । ଏଥିରେ ମାନବୀୟ ହସ୍ତକ୍ଷେପ ନଥିବାରୁ ସେବା ହେବ ଅଧିକ ସୁରକ୍ଷିତ ଓ ପାରଦର୍ଶୀ । ଏହା ସହିତ ଡିଜିଟାଲ୍ ମାପ ବ୍ୟବସ୍ଥା ଥିବା ହେତୁ ହିତାଧିକାରୀମାନେ ସଠିକ୍ ପରିମାଣର ଖାଦ୍ୟଶସ୍ୟ ପାଇପାରିବେ । ଆଗଭଳି ଲୋକମାନେ ଆଉ ଲମ୍ବା ଧାଡ଼ିରେ ଠିଆ ହେବା ବା ରାସନ ଦୋକାନୀଙ୍କ ନିର୍ଦ୍ଧାରିତ ସମୟ ଅପେକ୍ଷା କରିବାର ଆବଶ୍ୟକତା ରହିବ ନାହିଁ । କେବଳ କିଛି ମିନିଟ୍‌ରେ ହିତାଧିକାରୀମାନେ ନିଜର ରାସନ ସାମଗ୍ରୀ ପାଇବେ । ଶିଳ୍ପାଞ୍ଚଳ ଝାରସୁଗୁଡ଼ାରେ ବସବାସ କରୁଥିବା ଦୈନିକ ମଜୁରିଆ ଓ ଶ୍ରମିକଙ୍କ ସଂଖ୍ୟା ଅଧିକ ଥିବାରୁ କାମ ସମୟରେ ରାସନ ଦୋକାନକୁ ଯିବା ସେମାନଙ୍କ ପାଇଁ ଅନେକ ସମୟରେ ସମ୍ଭବ ହେଉନଥିଲା । ୨୪/୭ ଗ୍ରେନ୍ ଏଟିଏମ୍ ବ୍ୟବସ୍ଥା ସେମାନଙ୍କ ପାଇଁ ବଡ଼ ସୁବିଧା ଓ ବରଦାନ ସାବ୍ୟସ୍ତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଲୋକାର୍ପଣ ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, "ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ସମ୍ମାନର ସହ ରାସନ ଯୋଗାଇବା ଆମ ସରକାରଙ୍କ ପ୍ରାଥମିକତା । ଏହି ଗ୍ରେନ୍ ଏଟିଏମ୍ ମାଧ୍ୟମରେ ସେହି ଲକ୍ଷ୍ୟ ଆହୁରି ସୁଦୃଢ଼ ହେବ ।" ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ୍ ବିପ୍ଳବ ଆଣିବା ଦିଗରେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ସମସ୍ତ ମହଲରେ ସ୍ୱାଗତ କରାଯାଇଛି । ଏହାକୁ ଜନସାଧାରଣଙ୍କ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ବୋଲି ପ୍ରଶାସନିକ ମହଲରେ ପ୍ରକାଶ ହୋଇଛି । ଅନୁଷ୍ଠିତ ଏହି ଭବ୍ୟ ଉଦଘାଟନ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ,ମାନ୍ୟବର ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲ୍ଲାପାଳ କୁଶାଳ ମୋତିରାମ ଚହ୍ୱାଣ, ଭାରତ ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପନିର୍ଦ୍ଦେଶିକା ଶ୍ରୀମତୀ ନୋଜୋମି ହାସିମୋଟୋଙ୍କ ସହ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ ଏବଂ ଶତାଧିକ ହିତାଧିକାରୀଙ୍କ ଗାରିମାମୟ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗୌରବମୟ କରିଥିଲା ।

### ବିଜ୍ଞାନ ଟପରଙ୍କୁ ଶୁଭେଚ୍ଛା...

ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷକ ହେବାର ସ୍ୱପ୍ନ ନେଇ ଆଗେଇ ଚାଲିଥିବା ପାର୍ଥସାରଥୀଙ୍କୁ ଆଜି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତା'ଙ୍କ ମଠତେନ୍ତୁଳିଆ ଗ୍ରାମସ୍ଥିତ ବାସଭବନରେ ସାକ୍ଷାତ କରି ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ତାଙ୍କର ସୁପ୍ରତିଭା, ସୁବୁଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ପ୍ରଭୁ ମହିମା ଗୋସାଇଁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ବିଷମକଟକ ପଞ୍ଚାୟତ ଦୁର୍ନୀତି
# ସନ୍ଦେହ ଘେରରେ ଡିପିଓଙ୍କ ତଦନ୍ତ ?

- ପଞ୍ଚାୟତ ପ୍ରତିନିଧିମାନଙ୍କୁ ତଦନ୍ତରୁ ଦୂରେ ରଖାଯାଇଥିବା ଅଭିଯୋଗ
- ସିଡିଓ ଗମ୍ଭୀର, କିନ୍ତୁ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଆଭିମୁଖ୍ୟ ନେଇ ପ୍ରଶ୍ନ
- ନିଜ ନାକ ତଳେ ବିବାଦୀୟ ପ୍ରକଳ୍ପ, ତଥାପି ଘଟଣା ସ୍ଥଳକୁ ଆସିଲେନି ବିଭାଗୀୟ ଅଧିକାରୀ

ରାୟଗଡା, ୨୩।୫(ଗୌରୀପ୍ରାସାଦ ପାତ୍ର) - ବିଷମକଟକ ଗ୍ରାମ ପଞ୍ଚାୟତ ମଧ୍ୟରେ ହୋଇଥିବା ଦୁର୍ନୀତି ଅଭିଯୋଗ କୁ ଗମ୍ଭୀରତା ର ସହ ଗ୍ରହଣ କରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଓ ଏଥି ସହ ସାତ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ଡିପିଓଙ୍କୁ ନିର୍ଦ୍ଦେଶ ରହିଥିବା ଜଣାପଡିଛି ଓ ତେବେ ସିଡିଓଙ୍କୁ ବାଦ ଦେଲେ ପ୍ରଶାସନିକ ସ୍ତର ରେ କୌଣସି ଅଧିକାରୀ ଦୁର୍ନୀତି ତଥା ଅନିୟମିତତା ପ୍ରତି ଗମ୍ଭୀର ନଥିବା ଦେଖିବାକୁ ମିଳିଛି ଓ ଡିପିଓ ତଦନ୍ତ ଅଧିକାରୀ ହୋଇଥିବା ସ୍ଥଳେ ପ୍ରାରମ୍ଭରୁ ତଦନ୍ତ ବାଟ ବଣା ହୋଇଥିବା ପରି ମନେ ହେଉଛି ଓ ଅଧିକାରୀ ଜଣକ ଗ୍ରାମ ଶାସନ ମଧ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଆସିବା ପୂର୍ବରୁ ବିଦ୍ଧିବଦ୍ଧ ଭାବେ ଓ୍ୱାର୍ଡ ସଭ୍ୟ, ସରପଞ୍ଚ ତଥା ସମିତି ସଭ୍ୟଙ୍କୁ ପତ୍ର ଯୋଗେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେବା କଥା ଓ ପଞ୍ଚାୟତ ବୈଠକ, ବୈଠକ ଖାତା ରେ ଉଲ୍ଲେଖ ଥିବା ବିଷୟ, କେତେ ଟଙ୍କା କଡ଼ା ଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ନଥିବା ବିଷୟ, ୨ଲକ୍ଷ ଟଙ୍କା କଡ଼ା ଯିବା ବିଷୟ ପାଇଁ ସରପଞ୍ଚଙ୍କ ସହମତି ହୋଇଥିବା, ଇରେଜର ମାଧ୍ୟମରେ ଅଙ୍କ ବଦଳାଇ ୪ ଲକ୍ଷ ଟଙ୍କା କଡ଼ାଯିବା ଆଦି ବିଷୟକୁ ନେଇ ଅଭିଯୋଗ ହୋଇଥିଲା ଓ ଏହି କାରଣରୁ ପଞ୍ଚାୟତ ପ୍ରତନିଧି ମାନଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରିବା ବାଧ୍ୟତା ମୂଳକ ପ୍ରକ୍ରିୟା ଅଟେ ଓ ହେଲେ ପିଇଓ ପ୍ରଦୀପ କୁମାରଙ୍କ ବିରୁଦ୍ଧରେ ମୁଖ୍ୟ ଭୂମିକା ର ଅଭିଯୋଗ ରହିଥିବା ବେଳେ ଡିପିଓ କେବଳ ପିଇଓଙ୍କ ସହ ତଦନ୍ତ ନେଇ ଆଲୋଚନା କରିବା ଏବଂ ଅନ୍ୟ ଦିଗ ପ୍ରତି ଅଣଦେଖା କରିଥିବା ସୂଚନା ରହିଛି ଓ ଯାହାକୁ ନେଇ ତଦନ୍ତ ପ୍ରକ୍ରିୟାର ନିରାପକ୍ଷତା ତଥା ତାଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ପକ୍ଷରେ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୧୬ ଅନୁଯାଇ ବିଷମକଟକ ପିଇଓଙ୍କ କଲ୍ୟାଣସିଂପୁର ବ୍ଲକ ସ୍ଥିତ ମାଝୀଗୁଡା ପଞ୍ଚାୟତକୁ ୨୦୨୫ ରେ ବଦଳି ହୋଇଥିଲା ଓ ନିର୍ଦ୍ଦେଶ କ୍ରମେ ମାଝୀଗୁଡା ପିଇଓଙ୍କୁ ପତ୍ର ସଂଖ୍ୟା ୧୨୭୫ ରେ କାର୍ଯ୍ୟରୁ ରିଲିଭ କରିଥିଲେ କଲ୍ୟାଣସିଂପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ହେଲେ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପତ୍ର ସଂଖ୍ୟା ୫୦୯/୨୦୨୫ ରେ ସମ୍ପୃକ୍ତ ପିଇଓଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଥିବା ସୂଚନା ରହିଛି ଓ ତେବେ ଡିପିଓଙ୍କ ତଦନ୍ତ ରେ ସେହି ସମାନ ପିଇଓଙ୍କ ବିରୁଦ୍ଧରେ ଅଭିଯୋଗ ରହିଥିବା ବେଳେ, ସେ କିପରି ନିରପେକ୍ଷ ତଦନ୍ତ କରିବେ ତାହା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଡିପିଓଙ୍କ ବୈଷୟିକ ଜ୍ଞାନ ନାହିଁ ଏବଂ ବିଷମକଟକ ଯନ୍ତ୍ରୀ ବିବି ବେହେରା ଫେବୃଆରୀ ମାସରୁ ଛୁଟିରେ ଅଛନ୍ତି ଓ ମୋବାଇଲ ସ୍ୱିଚ ଅଫ ରଖିଥିବା ବେଳେ ତଦନ୍ତ ରେ ବ୍ଲକ ପ୍ରଶାସନକୁ ସହଯୋଗ ମଧ୍ୟ କରୁନଥିବା ଚର୍ଚ୍ଚା ହେଉଛି ଓ ଏପରି ସ୍ଥଳେ ବିବାଦୀୟ ପ୍ରକଳ୍ପ ବିଲ ମଞ୍ଜୁର କରିଥିବା ବିଷମକଟକ ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ଅଧିକାରୀକ ଭାବେ ତଦନ୍ତ ପ୍ରକ୍ରିୟାରେ ବୈଷୟିକ ବିଷୟବସ୍ତୁର ଯାଞ୍ଚ କରିବା ଏସଓପି ରହିଛି ଓ ହେଲେ ପ୍ରକଳ୍ପଟି ଏଇଇ ରମେଶ ସାହୁଙ୍କ ବାସ ଭବନ ପାଖରେ ହୋଇଥିଲେ ହେଁ ବିଲ ମଞ୍ଜୁର କଲା ପିର୍ବରୁ କିମ୍ବା ବିବାଦ ସୃଷ୍ଟି ହେବା ପରେ ମଧ୍ୟ କ୍ଷେତ୍ର ପରିଦର୍ଶନ ପାଇଁ ଅବା ତଦନ୍ତ ପାଇଁ ମଧ୍ୟ ଯାଇନଥିବା ତାଙ୍କ ପ୍ରତିକ୍ରିୟାରେ ସେ ପ୍ରକାଶ କରିଛନ୍ତି । ନିଜ ନାକ ତଳେ ବିବାଦୀୟ କ୍ଷେତ୍ର ହୋଇଥିବା ସ୍ଥଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଠୁ ଆରମ୍ଭ କରି ଜିପିଡିଓ କିମ୍ବା ଯନ୍ତ୍ରୀ କେହି ହେଲେ ଥରୁଟିଏ ପାଇଁ ମଧ୍ୟ ତଦନ୍ତ ପାଇଁ ଆସିନଥିବା ଜଣା ପଡିଛି ଓ ଏପରି ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତି ଅଭିଯୋଗ ତଥା ଆଭିମୁଖ୍ୟ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି ଓ ଆଉ ମାସକ ପରେ ଅତିରିକ୍ତ ସହକାରୀ ଯନ୍ତ୍ରୀଙ୍କ ଅବସର ରହିଥିବା ବେଳେ ଏଭଳି ପ୍ରକଳ୍ପରେ ଅନିୟମିତତା ସତ୍ତ୍ୱେ ବିଲ ମଞ୍ଜୁରୀ ଦେବା ଅଧିକାରୀଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ଅନୁମାନ କରାଯାଉଛି ଓ ତେବେ ତଦନ୍ତର ରିପୋର୍ଟ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଆଗରେ ଦାଖଲ କରିବେ ବୋଲି ଡିପିଓ ସୂର୍ଯ୍ୟ ନାରାୟଣ ମହାରଣା ସୂଚନା ଦେଇଥିବା ବେଳେ ତାଙ୍କ ରିପୋର୍ଟକୁ ନେଇ ସମସ୍ତଙ୍କ ନଜର ରହିଛି ଓ ଅନ୍ୟପଟେ ଏହାର ଭିଜିଲାନ୍ସ ତଦନ୍ତ ସହ ଅର୍ଥ ରାଶି ରିକଭରି ପାଇଁ ବିଷମକଟକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟନାୟକ ଦାବି କରିଛନ୍ତି ।

# ସିଡିପିଓଙ୍କ ପ୍ରିୟାପ୍ରୀତି ପଦାରେ ପଡ଼ିଲା

**୧୦ ନଂ ଓ୍ୱାର୍ଡ କେନ୍ଦ୍ରରେ ୮ ନଂ ଅଙ୍ଗନବାଡି କେନ୍ଦ୍ର କରିବାକୁ ମସୁଧା**

ହିଞ୍ଜିଳିକାଟୁ,୨୩/୫(ଅବନି କାନ୍ତ ପଟ୍ଟନାୟକ)ସ୍ଥାନୀୟ ପୌରାଞ୍ଚଳସ୍ଥିତ ଓ୍ୱାର୍ଡ ନଂ ୧୦ ରେଗିଡ଼ି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ୮ ନଂ ଓ୍ୱାର୍ଡକୁ ଟେକି ଦେବାକୁ ମନ ବଳାଇଛନ୍ତି ହିଞ୍ଜିଳି ସିଡିପିଓ । ପୂର୍ବରୁ ଉକ୍ତ ସ୍ଥାନ ରେଗିଡ଼ି ପ୍ରାଥମିକ ବିଦ୍ୟାଳୟ ନାମରେ ନାମିତ ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାହା ଅଙ୍ଗନବାଡି କେନ୍ଦ୍ର ପାଇଁ ପ୍ରସ୍ତାବ ଆସିଥିଲା । ନୂତନ କୋଠା ନିର୍ମାଣ ବେଳେ ସାହି ବାସିନ୍ଦାଙ୍କ ଅବଦାନ ଅତୁଳନୀୟ ଥିଲା । ଅନ୍ୟପଟେ ଓ୍ୱାର୍ଡ ନଂ ୧୦ ର ଗୃହ ନଂ ୧ ରେ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଅଛି ତଥାପି ସବୁ ଜାଣିଶୁଣି କିଭଳି ଅନ୍ୟ ଓ୍ୱାର୍ଡକୁ ପ୍ରବେଶ କରିବାକୁ ଯୋଜନା କରାଯାଉଛି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ପ୍ରାୟ ଏକ ସପ୍ତାହ ତଳେ ସାହି ବାସିନ୍ଦା ଏଥିଲାଗି ବିଡ଼ିଓଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । କ୍ଷେତ୍ର ପରିଦର୍ଶନରେ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ଇଓ ସୁକାନ୍ତ ଚନ୍ଦ୍ର ବେଉରା,ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ ଓ ଦୁଇ ଅଙ୍ଗନବାଡି କର୍ମୀ ସୁନିତା ପାଣିଗ୍ରାହୀ ଓ ଚିନ୍ମୟୀ ସାହୁଙ୍କ ସମେତ ସାହି ବାସିନ୍ଦା ଉପସ୍ଥିତ ରହିଥିଲେ । ଦସ୍ତଖତ ଅଭିଯାନରେ ନୂଆ ଓ ପୁରୁଣା ବିଲଡିଂ ପାଇଁ ଫର୍ମାଟ ପ୍ରସ୍ତୁତି ବି ହେଲା । ପୁରୁଣା ବିଲଡିଂ ସପକ୍ଷରେ ଅଧିକ ଦସ୍ତଖତ ଆସିଥିବା ସିଡିପିଓ ବିରକ୍ତି ପ୍ରକାଶ କରି ପୋଷଣ ମେଳାରେ ଏହା ଜାଲ ଦସ୍ତଖତ କହିଥିଲେ । ଦିନେ ଦୁଇ ଦିନରେ ନୂଆ ବିଲଡିଂ ସ୍ଥାନାଂତର ହେବାକୁ ଅଙ୍ଗନବାଡି ଦିଦିଙ୍କୁ ଶୁଣାଇଥିଲେ । ଯାହାକୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରୁଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ହତା ଭିତରେ ଅଙ୍ଗନବାଡି ନିୟମ ଥିଲେ ବି ସିଡିପିଓ ନିୟମକୁ ଉଲ୍ଲଙ୍ଘନ କିଭଳି କରୁଛନ୍ତି ? ତେବେ ଏହି ବିବାଦ କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଥିବା ବେଳେ କୁହୁଳୁଥିବା ଅସନ୍ତୋଷ ଆଗକୁ ତୀବ୍ର ରୂପ ଧାରଣ କରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

# ଧାନ କିଣାରେ ସ୍ୱଚ୍ଛତା ପାଇଁ ଚାଷୀଙ୍କୁ ମିଳୁଛି ଉଚିତ ମୂଲ୍ୟ

**ମୁଖ୍ୟମନ୍ତ୍ରୀଙ୍କୁ 'ଚାଷୀଙ୍କ ହୃଦୟ ସମ୍ରାଟ' କହି ପ୍ରଶଂସା କଲେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି**



ଭୁବନେଶ୍ୱର, ୨୩ /୦୫ :(ଅକ୍ଷର ଓଡିଶା ) ଓଡ଼ିଶାର କୃଷି ଓ କୃଷକଙ୍କ ବିକାଶ ତଥା ସେମାନଙ୍କ ଉତ୍ପାଦିତ ଶସ୍ୟର ସଠିକ୍ ମୂଲ୍ୟ ପ୍ରଦାନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଏକ ନୂଆ ଇତିହାସ ରଚନା କରିଛନ୍ତି । ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟର ବରିଷ୍ଠ ଚାଷୀ ନେତା ମୁଖ୍ୟମନ୍ତ୍ରୀଙ୍କ ଏହି ଚାଷୀ ଅନୁକୂଳ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କୁ ଓଡ଼ିଶାର 'ଚାଷୀ ଦରଦୀ' ଏବଂ 'ଚାଷୀଙ୍କ ହୃଦୟ ସମ୍ରାଟ' ଭାବେ ଅଭିହିତ କରିଛନ୍ତି । ଲଗାତାର ଦୁଇ ବର୍ଷ ଧରି ଖରିଫ ଏବଂ ରବି ଋତୁରେ ଉତ୍ପାଦିତ ଶସ୍ୟ ପାଇଁ ଯେଭଳି ଭାବେ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କାର ଲାଭଦାୟକ ମୂଲ୍ୟ ପ୍ରଦାନ କରାଯାଉଛି, ତାହା ପୂର୍ବରୁ କୌଣସି ମୁଖ୍ୟମନ୍ତ୍ରୀ କରି ଦେଖାଇ ନଥିଲେ ବୋଲି ସେ ପ୍ରକାଶ କରିଛନ୍ତି ।' ଗତ ମେ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାର ଯୋଗାଣ ବିଭାଗ ଅଧିକାରୀମାନଙ୍କୁ ନେଇ କରିଥିବା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଆମ ରାଜ୍ୟର ମୁଖିଆ ଚାଷୀଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ କୌଣସି ପ୍ରକାରର ଅବହେଳା ବା ଶିଥିଳତାକୁ ବରଦାସ୍ତ କରିବେ ନାହିଁ ।' ଗତ ୨୦୨୪-୨୫ ରବି ଋତୁରେ ରାଜ୍ୟର ମୋଟ ୧୭ଟି ଜିଲ୍ଲାକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଥିଲା । ସେହି ସମୟରେ ଧାନ ବିକ୍ରି ପାଇଁ ୩ ଲକ୍ଷ ୩୮ ହଜାର ୪୮୧ ଜଣ ଚାଷୀ ପଞ୍ଜିକରଣ କରିଥିଲେ । ସରକାର ପ୍ରାରମ୍ଭିକ ଭାବେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖିଥିବା ବେଳେ ପ୍ରକୃତ ପକ୍ଷେ ଚାଷୀଙ୍କ ଉତ୍ସାହ ଯୋଗୁଁ ଲକ୍ଷ୍ୟଠାରୁ ଅଧିକ ଅର୍ଥାତ୍ ପ୍ରାୟ ୧୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାରେ ସଫଳ ହୋଇଥିଲେ । ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା ହିସାବରେ ମୋଟ ପ୍ରାୟ ୫,୮୯୦ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପ୍ରଦାନ କରାଯାଇଥିଲା । ଅନୁରୂପ ଭାବେ, ଚଳିତ ୨୦୨୫-୨୬ ରବି ଋତୁରେ ସରକାର ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିଛନ୍ତି । ଚଳିତ ବର୍ଷ ଆଉ ୩ଟି ନୂଆ ଜିଲ୍ଲାକୁ ଯୋଡ଼ାଯାଇ ମୋଟ ୨୦ଟି ଜିଲ୍ଲାରେ ଧାନ କିଣିବାକୁ ସ୍ଥିର କରାଯାଇଛି । ଏହି ଜିଲ୍ଲାଗୁଡ଼ିକରୁ ଗତ ବର୍ଷ ତୁଳନାରେ ପ୍ରାୟ ୩୭ ହଜାର ଅଧିକ ଅର୍ଥାତ୍ ମୋଟ ୩ ଲକ୍ଷ ୭୫ ହଜାର ୫୫୬ ଜଣ ଚାଷୀ ସଫଳତାର ସହ ପଞ୍ଜିକରଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ଚଳିତ ବର୍ଷ ରବି ଧାନ ସଂଗ୍ରହର ସରକାରୀ ଲକ୍ଷ୍ୟକୁ ବଢ଼ାଇ ସ୍ପଷ୍ଟ ଭାବେ ୨୦ ଲକ୍ଷ ମେଟ୍ରିକ୍ ଟନ୍ଧାର୍ଯ୍ୟ କରିଛନ୍ତି । ଏହି ବର୍ଷ ମଧ୍ୟ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସମାନ ୩,୧୦୦ ଟଙ୍କାର ଲାଭଦାୟକ ମୂଲ୍ୟ ପ୍ରଦାନ କରାଯାଉଛି ଏବଂ ବର୍ତ୍ତମାନ ମଣ୍ଡିଗୁଡ଼ିକରେ ଧାନ କିଣା ପ୍ରକ୍ରିୟା ସଫଳତାର ସହ ଜାରି ରହିଛି । ଟାର୍ଗେଟ୍ ପୂରଣ ଓ ସ୍ୱଚ୍ଛତା ପାଇଁ ସରକାରଙ୍କ ରଣନୀତି ଉଚ୍ଚକୋଟୀର । ଚଳିତ ରବି ଋତୁରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହର ବୃହତ ଲକ୍ଷ୍ୟକୁ ସଠିକ୍ ସମୟରେ ଏବଂ ସ୍ୱଚ୍ଛତାର ସହ ହାସଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା ବୈଠକରେ କେତେକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି: କଟନୀ-ଛଟନୀ ଓ ମଧ୍ୟସ୍ଥିଙ୍କ ଉପରେ ରୋକ୍ ଦେବା ପାଇଁ ମଣ୍ଡିଗୁଡ଼ିକରେ ଚାଷୀମାନେ ଯେପରି ମିଲର୍ସ କିମ୍ବା ଦଲାଲ୍‌ଙ୍କ ଦ୍ୱାରା ଶୋଷଣର ଶିକାର ନ ହେବେ, ସେଥିପାଇଁ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ସିଧାସଳଖ ମଣ୍ଡି ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ପ୍ରକୃତ ଚାଷୀଙ୍କ ଠାରୁ ଧାନ କିଣିବା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆଧାର ଭିତ୍ତିକ ଇ କେଓ୍ୱାଇସି ଏବଂ ଜମିର ସତ୍ୟାସତ୍ୟ ଯାଞ୍ଚ ପାଇଁ ସାଟେଲାଇଟ୍ ସର୍ଭେ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି । ଚାଷୀ ଧାନ ବିକ୍ରି କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ କ୍ୱିଣ୍ଟାଲ ପିଛା ସମ୍ପୂର୍ଣ୍ଣ ୩,୧୦୦ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇବାକୁ ସମୀକ୍ଷା ବୈଠକରେ ତାଗିଦ୍ କରାଯାଇଛି । ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମଧ୍ୟ ଚାଷୀ ନେତା ମହେଶ୍ୱର ସାହୁ ଦୃଢ଼କ୍ତି ପ୍ରକାଶ କରିଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ପିଟିପିଟି ହତ୍ୟା ଅଭିଯୋଗ

**ଘଟଣା ସ୍ଥଳରେ ପହଞ୍ଚି ପୋଲିସର ଛାନ୍‌ଭିନ୍**

ମାଲକାନଗିରି, ୨୩।୫(ପ୍ରଦୀପ ରାଉଳ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ସାରଦାଗୁଡା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ମିତାବକ ସାରଦାଗୁଡା ଗ୍ରାମରେ ରହୁଥିବା ସ୍ୱର୍ଗତ ସହଦେବ ନାୟକଙ୍କ ସ୍ତ୍ରୀ ପଦ୍ମା ନାୟକ-(୫୦)ଙ୍କୁ ଉକ୍ତ ଗ୍ରାମର ଦୁଇଜଣ ବ୍ୟକ୍ତି ବୃଦ୍ଧାଙ୍କୁ ଗୁଣିଗାରେଡି ସନ୍ଦେହରେ ଗାଁ ଦାଣ୍ଡରେ ପିଟିପିଟି ହତ୍ୟା କରିଥିବା ନେଇ ମୃତ ବୃଦ୍ଧା ପଦ୍ମାଙ୍କପୁଅ ଗଣେଷ ନାୟକ ଓର୍କେଲ ଥାନାରେ ପହଁଚି ଏକ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର -୧୫୭/୨୦୨୬ ରେ ଏକ ମାମଲା ରୁଜୁ କରିବା ସହିତ ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ, ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଉକ୍ତ ଗ୍ରାମରେ ପହଁଚି ବୃଦ୍ଧା ପଦ୍ମାଙ୍କ ମୃତ ଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ । ତେବେ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଉକ୍ତ ଗ୍ରାମରେ କିଛି ଦିନ ପୂର୍ବେ ୨ ଜଣ ବ୍ୟକ୍ତିଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଥିଲା । ଗ୍ରାମର କୌଣସି ଏକ ବ୍ୟକ୍ତି ସେମାନଙ୍କୁ ଗୁଣି ଗାରେଡି କରି ମାରିଦେଇଛନ୍ତି ବୋଲି ଗ୍ରାମବାସୀ ସନ୍ଦେହ କରୁଥିଲେ । ଏହି ଘଟଣାର ସତ୍ୟତା ଜାଣିବା ପାଇଁ ଗ୍ରାମବାସୀ ଆଜି କୋଟପାଡ଼ ଅଞ୍ଚଳର ଜଣେ ଗୁଣିଆକୁ ଗାଁକୁ ଡାକିଥିଲେ । ଉକ୍ତ ଗୁଣିଆ ଗାଁରେ ପହଁଚିବା ପରେ ଉକ୍ତ ଗ୍ରାମରେ ଗ୍ରାମବାସୀଙ୍କୁ ନେଇ ଉକ୍ତ ଗୁଣିଆ ଏକ ମିଟିଙ୍ଗ କରିବା ସହିତ ପ୍ରସାଦ ଖୁଆଇବା ପରେ ମୃତ ପଦ୍ମାଙ୍କ ନାମ ପ୍ରକାଶ କରିଥିଲା । ଏହା ପରେ ପୂର୍ବରୁ ଉକ୍ତ ଗ୍ରାମରେ ମୃତ୍ୟୁ ବରଣ କରିଥିବା ଦୁଇ ବ୍ୟକ୍ତିଙ୍କ ପୁଅମାନେ ପଦ୍ମାଙ୍କୁ ନିସ୍ତୁକ ମାଡ ମାରିଥିଲେ । ଆହତ ଅବସ୍ଥାରେ ପଦ୍ମାଙ୍କ ପୁଅ ତାଙ୍କ ମାଆଙ୍କୁ ଗାଁ ଦଣ୍ଡରୁ ଉଦ୍ଧାର କରି ଘରକୁ ନେବା ସମୟରେ ପଦ୍ମାଙ୍କର ମୃତ୍ୟୁ ହୋଇଯାଇଥିଲା । ପୋଲିସ ପକ୍ଷରୁ ଆସନ୍ତା କାଲି ରବିବାର ସାଇଣ୍ଟିଫିକ ଟିମ ଆସି ପହଁଚି ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ କରାଯିବ । ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧିରେନ ପଟ୍ଟନାୟକ କହିଛନ୍ତି ।

# କାଠ ମାଫିଆଙ୍କ ଦ୍ୱାରା ସରକାରୀ ଜାଗା ଜବରଦଖଲକୁ ଚୈତନ୍ୟପୁର ଗ୍ରାମବାସୀଙ୍କ ବିରୋଧ

ଖଣ୍ଡପଡ଼ା, ୨୩।୫ (ଅକ୍ଷର ଓଡ଼ିଶା)- ଖଣ୍ଡପଡ଼ା ତହସିଲ ଅଧିନସ୍ଥ ବଡ଼ବାଣପୁର ପଞ୍ଚାୟତର ଚୈତନ୍ୟପୁର ଗ୍ରାମରେ ଏକ ମୂଲ୍ୟବାନ ସରକାରୀ ଜାଗା ଜବରଦଖଲକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଗ୍ରାମର ଅସାମାଜିକ ବ୍ୟକ୍ତି ତଥା କାଠ ମାଫିଆ ସୂର୍ଯ୍ୟମଣି ରାଉତ ଗ୍ରାମବାସୀଙ୍କୁ ଭୟଭୀତ କରି ଏକ ୬ ଡିସିମିଲ ସରକାରୀ ଜାଗାକୁ ଅନଧିକାର ଭାବେ ଜବରଦଖଲ କରି ରଖିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ନିମନ୍ତେ ଗ୍ରାମବାସୀ ଲିଖିତ ଭାବେ ଖଣ୍ଡପଡ଼ା ତହସିଲଦାର, କଣ୍ଟିଲୋ ଫାଣ୍ଡି କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ପୁଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବାରୁ ଚୈତନ୍ୟପୁର ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରଶାସନିକ ଉଦାସୀନତାର ସୁଯୋଗ ନେଇ ସଂପୃକ୍ତ ଜବରଦଖଲକାରୀ ଜଣକ ବିଭିନ୍ନ ସମୟରେ ସରଳ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ ଧମକ ଦେଉଥିବା ଅଭିଯୋଗ ହେଉଛି । ଫଳରେ ଗ୍ରାମର ଶାନ୍ତ ପରିବେଶ ବେଳକୁ ବେଳ ଅଶାନ୍ତ ଆଡକୁ ଗତି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ ୨ ଦିନ ତଳେ ଜବରଦଖଲକାରୀ ଜଣକ ଗ୍ରାମର ସଭାପତି ବଳଭଦ୍ର ପ୍ରଧାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଶେଷ କରିଦେବା ପାଇଁ ଧମକ ଦେଇଥିବା ନେଇ ଚୈତନ୍ୟପୁର ଗ୍ରାମବାସୀଙ୍କ ପକ୍ଷରୁ ଖଣ୍ଡପଡ଼ା ଥାନାରେ ଗତ ୨୨ ତାରିଖରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି ।


## AFFIDAVIT

By virtue of Affidavit No. 74AA 504145 sworn before the Executive Magistrate, Umarkote on dated 14/05/2026, I, **DAMBARUDHAR BHATRA**, S/o- MADAN BHATRA, resident of Village-Jadapadar, P.O.- Beheda, P.S.- Umarkote, Dist.- Nabarangpur, Odisha, Pin- 764073, do hereby solemnly affirm and declare as follows: That I have completely renounced and abandoned my former name **"MADAN BHATRA"** and in place thereof have assumed the name **"DAMBARUDHAR BHATRA."** Henceforth, I shall be known and identified by the name **"DAMBARUDHAR BHATRA"** and not by my former name **"MADAN BHATRA"**. I further declare that **"MADAN BHATRA"** and **"DAMBARUDHAR BHATRA"** are one and the same person. Henceforth, for all purposes, I shall be known as "Dambarudhar Bhatra."

AO-A-26/133

# ଗଁଦିଆରେ ପରିବହନ ବିଭାଗର କଡ଼ା ଚେକିଂ

## ନିୟମ ଭଙ୍ଗକାରୀଙ୍କଠାରୁ ଜରିମାନା ଆଦାୟ, ସଚେତନ କଲେ କନିଷ୍ଠ ମୋଟର ଯାନ ନିରୀକ୍ଷକ



ଗଁଦିଆ, ୨୩/୦୫ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହନ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ ଓ ଜୋରଦାର କରାଯାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଇଲେଇଜଙ୍ଗ ନିକଟରେ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚଲାଯାଇଥିଲା। ଏହି ସମୟରେ ଅନେକ ବେପରୁଆ ଗାଡ଼ି ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ଢେଙ୍କାନାଳ କନିଷ୍ଠ ମୋଟର ଯାନ ନିରୀକ୍ଷକ ସୁନିତା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନାରେ ଏହି ବ୍ୟାପକ ଚେକିଂ କରାଯାଇଥିଲା। ଅଭିଯାନ ସମୟରେ ମୁଖ୍ୟତଃ ଯାନବାହନଗୁଡ଼ିକର ଫିଟନେସ୍, ବୈଧ ଇନ୍ସୁରାନ୍ସ, ପଲ୍ୟୁସନ୍ ସର୍ଟିଫିକେଟ୍, ରେଜିଷ୍ଟ୍ରେସନ୍ ପେପର୍ସ ଏବଂ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଆଦିର ତନ୍ନ ତନ୍ନ ଯାଞ୍ଚ କରାଯାଇଥିଲା। ଏହା ସହିତ ବିନା ହେଲମେଟ୍‌ରେ ଦୁଇଚକିଆ ଯାନ ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ ବ୍ୟବହାର କରିବା ଏବଂ ଓଭରଲୋଡିଂ ଭଳି ମାରାତ୍ମକ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଉପରେ ପରିବହନ ବିଭାଗ ବିଶେଷ ନଜର ରଖିଥିଲା। ଚେକିଂ ସମୟରେ ନିୟମ ଭଙ୍ଗ କରି ଧରାପଡ଼ିଥିବା ଚାଳକମାନଙ୍କଠାରୁ ଆଇନ ଅନୁଯାୟୀ ନିର୍ଦ୍ଧାରିତ ଜରିମାନା ଆଦାୟ କରାଯିବା ସହ ସେମାନଙ୍କୁ ଭବିଷ୍ୟତ ପାଇଁ ସଚେତନ ମଧ୍ୟ କରାଯାଇଥିଲା। କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀମତୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ଆକସ୍ମିକ ଯାଞ୍ଚର ମୂଳ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା, ଜନସାଧାରଣଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ପ୍ରତି ସଚେତନତା ଓ ଭୟ ସୃଷ୍ଟି କରିବା ଏବଂ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା। ଆଗାମୀ ଦିନରେ ଏହି ଚେକିଂ ଅଭିଯାନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏମିତି ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଯୁକ୍ତ ୨ ପରୀକ୍ଷାରେ ବନିତାଙ୍କ କୃତିତ୍ୱ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅର୍ଜନ



ଭୁବନ ୨୩/୦୫ (ନନ୍ଦ କିଶୋର ନାଏକ) : ଚଳିତ ବର୍ଷର ଯୁକ୍ତ ୨ ପରୀକ୍ଷାରେ ଭୁବନର ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ଛାତ୍ରୀ ବନିତା ସାହୁ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି । ସେ ମୋଟ ୫୪୧ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ କୃତିତ୍ୱ ହାସଲ କରିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଦେଖାଦେଇଛି । ଭୁବନ ଏନଏସି ୱାର୍ଡ ନଂ–୮ ଘଣାଶାଳ ଛକର ବାସିନ୍ଦା ବନିତାଙ୍କ ଏହି ସଫଳତା ପରିବାର ସହ ସମଗ୍ର ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି । ତାଙ୍କର ଅଦମ୍ୟ ପରିଶ୍ରମ, ନିୟମିତ ଅଧ୍ୟୟନ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଏହି କୃତିତ୍ୱର ମୂଳ କାରଣ ବୋଲି କୁହାଯାଉଛି । ବନିତାଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ, ଅଧାପକ-ଅଧାପିକା, ସ୍ଥାନୀୟ ଜନପ୍ରତିନିଧି ଓ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ଆଗାମୀ ଦିନରେ ସେ ଅଧିକ ଉଚ୍ଚଶିକ୍ଷା ଗ୍ରହଣ କରି ଜୀବନରେ ଆହୁରି ସଫଳତା ଅର୍ଜନ କରନ୍ତୁ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି ।

## ଢେଙ୍କାନାଳ ଜିଲ୍ଲା ସିଏଚ୍ ଏସ୍ ଇ +୨ ଟପର ସୁଶ୍ରୀ ଅର୍ଚ୍ଚିତା ସାହୁ



ହିନ୍ଦୋଳ.୨୩/୫(ଅଜୟ କୁମାର ଭଞ୍ଜ )ହିନ୍ଦୋଳ ମହାବିଦ୍ୟାଳୟ(ଖଜୁରିଆକଟା)ର ଛାତ୍ରୀ ନାମ ସୁଶ୍ରୀ ଅର୍ଚ୍ଚିତା ସାହୁ,ପିତା ବିଜୟ ସାହୁ,ମାତା ଶ୍ରୀମତି ନମିତା ସାହୁ,ଗ୍ରାମ ଖଣ୍ଡତିରି ଶିକ୍ଷାବର୍ଷ ୨୦୨୫/୨୬ ସିଏଚ୍‌ଏସ୍‌ଇ ଯୁକ୍ତ ଦୁଇ କଳା ବିଭାଗ ପରୀକ୍ଷାରେ ୬୦୦ ମାର୍କ ରୁ ୫୫୬ମାର୍କ ରଖି କୃତିତ୍ୱ ଅର୍ଜନ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ଗ୍ରାମ ତଥା ହିନ୍ଦୋଳ ବ୍ଲକ୍ ପାଇଁ ଆଣି ଦେଇଛନ୍ତି ଗୌରବ ।ତେବେ ସେ ସାହିତ୍ୟ ରେ ୯୩,ଇଂରାଜୀରେ ୯୬, ଇତିହାସରେ ୯୫,ରାଜନୀତି ବିଜ୍ଞାନରେ ୯୩,ଶିକ୍ଷାରେ ୯୧, ବାଧ୍ୟତାମୂଳକ ସାହିତ୍ୟରେ ୮୮ ମାର୍କ ରଖି ସର୍ବ ମୋଟ ୬୦୦ ମାର୍କରୁ ୫୫୬ନମ୍ବର(ଶତକଡା ୯୩%)ରଖି ନିଜର ପରିଶ୍ରମ ର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ତାଙ୍କର ଏତାଦୃଶ ସଫଳତା ପାଇଁ ସାଙ୍ଗ ସାଥି,ବନ୍ଧୁ ବାନ୍ଧବ, ପରିବାର ବର୍ଗ ଓ ଶିକ୍ଷକ/ଶିକ୍ଷୟତ୍ରୀ ମହଲ ରେ ଆନନ୍ଦ ର ଲହରୀ ଖେଳି ଥିବା ବେଳେ ଆଞ୍ଚଳିକ ସ୍ତର ରେ ବହୁ ଶିକ୍ଷାବିତ ଓ ସରକାରୀ ବେସରକାରୀ ଅନୁଷ୍ଠାନ ତରଫରୁ ଅଜସ୍ର ଶୁଭକାମନା ଓ ଅଭିନନ୍ଦନ ଜଣାଇବା ସହିତ ପ୍ରଶଂସାର ସୁଅ ଛୁଟିଛି। ସୁଶ୍ରୀ ଅର୍ଚ୍ଚିତାଙ୍କର ଦୈନିକ ପାଞ୍ଚ ଘଣ୍ଟାର ପରିଶ୍ରମ ଓ ତାଙ୍କର ପାଠ ପଢ଼ା ରେ ଏକାଗ୍ରତା ସାଙ୍ଗ କୁ ପିତା ମାତା,ଗୁରୁଜନଙ୍କ ଆଶୀର୍ବାଦ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ସହଯୋଗ ଓ ସାଙ୍ଗ ସାଥୀ ମାନଙ୍କର ଉତ୍ସାହ ଭରା ବାଣୀ ଏତାଦୃଶ ସଫଳତା ର ମୂଳ ମନ୍ତ୍ର ବୋଲି ଯାହା ନିଜେ ମତ ଦିଅନ୍ତି ।ପିତା ବିଜୟ ସାହୁ ଜଣେ ଜନ ସେବକ ଓ ମାତା ଜଣେ ସୁଗୃହିଣୀ ହୋଇ ଥିବା ବେଳେ ପିତା ମାତା ଙ୍କଠାରୁ ପ୍ରେରଣା ପାଇ ମାନବ ସେବା ହିଁ ମାଧବ ସେବା ର ମୂଳ ମନ୍ତ୍ର କୁ ସାର୍ଥକ କରିବା ପାଇଁ ସୁଶ୍ରୀ ଅର୍ଚ୍ଚିତା ଭବିଷ୍ୟତରେ ନିଜକୁ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜର ପରିଚୟ ସୃଷ୍ଟି କରି ଗରିବ ଅସହାୟ ଦଳିତ ଶ୍ରେଣୀର ଲୋକ ମାନଙ୍କୁ ତାଙ୍କର ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଆଶା ରଖିଛନ୍ତି ।

## +୨ ଟପର୍ ଛାତ୍ରୀଙ୍କୁ ଓ କେ ସି ଏଲ୍ ପକ୍ଷରୁ ସମ୍ବର୍ଦ୍ଧନା

ଖଜୁରିଆକଟା ୨୩/୫(ନୀଳକଣ୍ଠ ଦାସ) ହିନ୍ଦୋଳ ଉପଖଣ୍ଡ ମହାଲୁଣ୍ଡା ଗ୍ରାମପଞ୍ଚାୟତ ଅଧିନସ୍ଥ ହାଟସାହିର ନିରାକାର ସାହୁଙ୍କ କନ୍ୟା ମଧୁମିତା ସାହୁ +୨ ବିଜ୍ଞାନ ବିଭାଗରେ ଅଧ୍ୟୟନ କରି ଚଳିତ ବର୍ଷ + ୨ ବାର୍ଷିକ ପରୀକ୍ଷା -୨୦୨୬ ରେ ସାରା ଓଡ଼ିଶା ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ୬୦୦ ନମ୍ବରରୁ ୫୯୮ ନମ୍ବର ଅର୍ଥାତ୍ ୯୯ , ୬୭ ଶତକଡ଼ା ନମ୍ବର ରଖି ରାଜ୍ୟରେ ଟପର୍ ହୋଇ ଢେଙ୍କାନାଳ ଜିଲାପାଇଁ ଗୌରବ ଆଣିଛନ୍ତି । ସେ ଇଂରାଜୀ, ମାତୃଭାଷା( ହିନ୍ଦୀ), ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ମାନଙ୍କରେ ୧୦୦ ଲେଖାଏଁ ନମ୍ବର ରଖିଥିବା ବେଳେ ବାଇଓ ଲୋଜିରେ ୯୮ ନମ୍ବର ରଖିଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ହୋଇଥିବା ପରୀକ୍ଷାଫଳ ଜାଣିବା ପରେ ନିଜର ୧୨ /୧୪ ଘଣ୍ଟା ପରିଶ୍ରମର ଫଳ ସନ୍ତୋଷ ଜନକ ବୋଲି କହିଥିଲେ । ତାଙ୍କର ଏହି ଗୌରବ ପାଇଁ ପ୍ରଭୁ ଜଗନ୍ନାଥ , ନିଜ ପିତା ମାତାଙ୍କର ଆଶୀର୍ବାଦ ବୋଲି ପ୍ରକାଶ କରିଛନ୍ତି । ମଧୁମିତା ଜଣେ ଉତ୍ତମ ଛାତ୍ରୀ । ସେ ପ୍ରାରମ୍ଭିକ ସ୍ତରରେ ହାତୁରା ଶିଶୁ ମନ୍ଦିରରେ ଅଧ୍ୟୟନ କରି କୁରୁମିଠାସ୍ଥିତ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ ଦଶମ ପରୀକ୍ଷାରେ ୫୪୦ ନମ୍ବର ଏ - ୧ ଅର୍ଥାତ୍ ୯୦ ଶତକଡା ନମ୍ବର ରଖି କଟକ ସ୍ଥିତ ଶକ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରୁଥିଲେ ।ଏହାପରେ ମଧୁମିତା ସାହୁ +୩ କଳା ଅର୍ଥନୀତି (ସମ୍ମାନ) ବିଭାଗରେ ଅଧ୍ୟୟନ କରି ଭବିଷ୍ୟତରେ ସିଭିଲ୍ ସର୍ଭିସ୍ କରିବେ ବୋଲି କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳ ବାସୀ ଖୁସି ଥିବା ବେଳେ ଖଜୁରିଆକଟା ଓ କେ ସି ଏଲ ର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ମଧୁମିତା ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି ।

## ଶୁଭମ ସୁପ୍ରିୟା ପଣ୍ଡାଙ୍କୁ ଯୁବ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ




ଢେଙ୍କାନାଳ : ୨୨/୫ (ବିଜ୍ଞାନ ମହାନ୍ତି )ରାଜଧାନୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଗୁରୁବାର ଦିନ ରାଜ୍ୟସ୍ତରୀୟ 'ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ଉତ୍ସବ-୨୦୨୬' ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର +୩ ବିଜ୍ଞାନ ଦ୍ୱିତୀୟ ବର୍ଷର ମେଧାବୀ ଛାତ୍ରୀ ଶୁଭମ ସୁପ୍ରିୟା ପଣ୍ଡାଙ୍କୁ 'ଯୁବ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଶୁଭମ ସୁପ୍ରିୟାଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଶ୍ରୀ ରାଉତରାୟ କହିଥିଲେ, "ସ୍ୱର୍ଗତ ରାଜୀବ ଗାନ୍ଧୀ ଯୁବଶକ୍ତି ଉପରେ ବିଶ୍ୱାସ କରୁଥିଲେ। ଶୁଭମ ସୁପ୍ରିୟାଙ୍କ ପରି ମେଧାବୀ ଛାତ୍ରୀମାନେ ହିଁ ନୂଆ ଭାରତ ଗଢିବେ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମ ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମରେ ଶୁଭମ ସୁପ୍ରିୟା ଜନ୍ମ। ପିଲାଟି ଦିନରୁ ମେଧାବୀ ଓ +୨ ବିଜ୍ଞାନରେ ପାଠ ପଢିବା ସହ ସେ ଜାତୀୟ ସେବା ଯୋଜନାରେ ଦୀର୍ଘ ୨ ବର୍ଷ ଧରି ସେବା କରି ଆସୁଛନ୍ତି। ସେ ଗତ ବର୍ଷ ନଭେମ୍ବର ମାସରେ ରେ ହିମାଞ୍ଚଳ ପ୍ରଦେଶର ମନାଲି ମଧ ଯାଇ ନିଜର ସାହାସିକତା ପଦର୍ଶନ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ ।ସମ୍ମାନ ପାଇବା ପରେ ଭାବବିହ୍ୱଳ ଶୁଭମ ସୁପ୍ରିୟା କହିଛନ୍ତି, "ଏହି ସମ୍ମାନ ମୋତେ ଆଗକୁ ଅଧିକ ଭଲ କାମ କରିବାକୁ ପ୍ରେରଣା ଦେବ। ମୁଁ ଭବିଷ୍ୟତରେ ଜଣେ ଭାରତ ପ୍ରଶାସନିକ ଅଧିକାରୀ ହୋଇ ଦେଶ ସେବା କରିବାକୁ ଚାହୁଁଛି। ମୋ ବାପା-ମା, ଶିକ୍ଷକ ଓ ମହାବିଦ୍ୟାଳୟକୁ ଏହି ସଫଳତାର ଶ୍ରେୟ ଦେଉଛି।"ଉକ୍ତ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଭାଙ୍କୁ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଶ୍ୱ ରଞ୍ଜନ ସାହୁ ଓ କଳା ବିଭାଗର ଲକ୍ଷ୍ମୀପ୍ରିୟା କୋଡ଼ମା ସିଂଙ୍କୁ ମଧ୍ୟ ସମ୍ବୋର୍ଦ୍ଧନା ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆଖି ବୁଜିଲେ ବାଇଁଶିଆ ରାଜସ୍ୱ ନିରୀକ୍ଷକ ଚୈତନ୍ୟ ଦେହୁରୀ



ଗଁଦିଆ, ୨୩/୦୫ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ ଅନ୍ତର୍ଗତ ବାଇଁଶିଆ ଅଞ୍ଚଳର ରାଜସ୍ୱ ନିରୀକ୍ଷକ (ଆର.ଆଇ.) ଚୈତନ୍ୟ ଦେହୁରୀଙ୍କର ଅଂଶଘାତରେ ଆକସ୍ମିକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ସୂଚନା ଅନୁଯାୟୀ, ଶ୍ରୀ ଦେହୁରୀ ଭୁବନ ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡରେ ଏକ ଭଡ଼ାଘରେ ପରିବାର ସହ ରହୁଥିଲେ। ଗତକାଲି ରାତିରେ ସେ ଘର ଭିତରେ ପ୍ରବଳ ଗରମ ଯୋଗୁଁ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଅବସ୍ଥା ବିଗିଡ଼ିବାରୁ ତାଙ୍କ ସ୍ତ୍ରୀ ପ୍ରମୋଦିନୀ ଦେହୁରୀ ତାଙ୍କୁ ଘର ବାହାରକୁ ଖୋଲା ପବନକୁ ଆଣିବା ସମୟରେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ହେଲେ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ 'ମୃତ' ଘୋଷଣା କରିଥିଲେ। ଅଂଶୁଘାତ କାରଣରୁ ଏହି ଅଭାବନୀୟ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଖବର ପାଇ ଭୁବନ ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।ପ୍ରକାଶ ଥାଉକି, ଶ୍ରୀ ଦେହୁରୀ ପଦୋନ୍ନତି ପାଇବା ପରେ ପ୍ରାୟ ଦେଢ଼ ବର୍ଷ ହେବ ବାଇଁଶିଆ ସର୍କଲର ରାଜସ୍ୱ ନିରୀକ୍ଷକ ଭାବେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ଗତ ବୁଧବାର ଦିନ ସେ ଶେଷ ଥର ପାଇଁ କାର୍ଯ୍ୟାଳୟକୁ ଆସି ସରକାରୀ କାମ କରିଥିବା ଜଣାପଡ଼ିଛି। ତାଙ୍କର ଏଭଳି ଆକସ୍ମିକ ବିୟୋଗରେ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ଓ ଗଁଦିଆ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ଧସିଲା ମୁଖ୍ୟ ରାସ୍ତା ମେଗା ପ୍ରକଳ୍ପ ପାଇପ୍ ଫାଟି କୃତ୍ରିମ ଜଳଭଣ୍ଡାର

## ଯାତାୟାତ ବାଧାପ୍ରାପ୍ତ



ଗଁଦିଆ, ୨୨/୫ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲାର ସଦର ମହକୁମାକୁ ଗଁଦିଆ ବ୍ଲକ ସହ ଯୋଡୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଏବେ ଅତୀବ ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ୩ ବର୍ଷ ଧରି ଏହି ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ ତାହା ଶେଷ ହେବାର ନାଁ ଧରୁନି। ଓଲଟା ନିମ୍ନମାନର କାର୍ଯ୍ୟ ଯୋଗୁଁ ଅନେକ ସ୍ଥାନରେ ରାସ୍ତା ବିପଦସଂକୁଳ ଅବସ୍ଥାରେ ରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ଲକର ସବୁଠାରୁ ବ୍ୟସ୍ତବହୁଳ ହାଟ ଛକଠାରେ। ନୂତନ ଭାବେ ନିର୍ମିତ ପୋଲର ଗୋଟିଏ ପାର୍ଶ୍ୱରେ ରାସ୍ତା ହଠାତ୍ ଧସିଯାଇ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ସେହି ରାସ୍ତା କଡ଼ ଦେଇ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ଫାଟି ପ୍ରବଳ ପାଣି ନିର୍ଗତ ହେଉଛି। ଫଳରେ ଉକ୍ତ ସ୍ଥାନରେ ଏକ କୃତ୍ରିମ ଜଳଭଣ୍ଡାର ସୃଷ୍ଟି ହୋଇଛି, ଯାହା ଗମନାଗମନକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି। ଏହି ରାସ୍ତାଟି କେବଳ ଗଁଦିଆ ନୁହେଁ, ବରଂ ସିଧାସଳଖ ଭୁବନ ବ୍ଲକ ଓ ଯାଜପୁର ଜିଲ୍ଲାର ଚଢ଼େଇଧରା ଛକକୁ ସଂଯୋଗ କରୁଛି। ଗଁଦିଆ ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତ ସମେତ ଗଁଦିଆ ଏନଏସିର ହଜାର ହଜାର ଜନସାଧାରଣ ପ୍ରତିଦିନ ଜୀବିକା ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି ।ହାଟ ଛକଟି ବ୍ଲକର ସବୁଠାରୁ ପ୍ରମୁଖ କେନ୍ଦ୍ରସ୍ଥଳ। ଏଠାରେ ବାଣିଜ୍ୟ ବ୍ୟବସାୟ କେନ୍ଦ୍ର ସମେତ ବଡ଼ ବଡ଼ ସରକାରୀ କାର୍ଯ୍ୟାଳୟ ଓ ଆର୍ଥିକ ବ୍ୟାଙ୍କିଙ୍ଗ ସଂସ୍ଥାମାନ ରହିଛି। ପ୍ରତିକ୍ଷଣରେ ଏଠାରେ ଗାଡ଼ିମୋଟର ଓ ଲୋକଙ୍କ ଗହଳି ଜମୁଥିବା ବେଳେ, ରାସ୍ତାର ଏଭଳି କାରୁଣ୍ୟ ଚିତ୍ର ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ଉଦାସୀନତାକୁ ନିନ୍ଦା କରିବା ସହ ପୂର୍ତ୍ତ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ପାଗଳ କୋକିଶିଆଳ ଆତଙ୍କ, ୧୦ରୁ ଉର୍ଦ୍ଧ୍ୱ ଆହତ

ଗଁଦିଆ ୨୩/୦୫(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ଗ୍ରାମପଞ୍ଚାୟତର ଅଞ୍ଚଳରେ ପାଗଳ କୋକି ଶିଆଳ କାମୁଡ଼ାରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁଯାୟୀ ପଞ୍ଚାୟତ ରେ ଆରଡୁଆ, ମଠତେନ୍ତୁଳିଆ ,ସୁରପ୍ରତାପ ରାଜକିଶୋର ପୁର ଅଞ୍ଚଳରେ ଏକ ପାଗଳ କୋକି ଶିଆଳ ଲୋକଙ୍କୁ ଗୋଡ଼ାଇ କାମୁଡି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । ଆଜି ଲୋକ କୋକି ଶିଆଳ କୁ କାବୁ କରିବାକୁ ଚେଷ୍ଟା କରିଥିଲେ ,କିନ୍ତୁ କୋକି ଶିଆଳଟି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା , ପାଗଳ କୋକି ଶିଆଳକୁ କାବୁ କରିବା ପାଇଁ ବନ ବିଭାଗକୁ ଅଞ୍ଚଳରେ ଦାବି ହୋଇଛି ।

## ପାରିବାରିକ କଳହରୁ ସ୍ତ୍ରୀଙ୍କ ଆତ୍ମହତ୍ୟା

## ଝିଅ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ






ଗଁଦିଆ ୨୩/୦୫(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ଆମ୍ବବାହାଲି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ, ଏହାକୁ ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ଲୋକ। ମୃତକ ହେଲେ ପୂଜା ରାଣୀ ସ୍ୱାଇଁ। ସୂଚନା ଅନୁଯାୟୀ, ପାଞ୍ଚ ବର୍ଷ ପୂର୍ବେ ପୂଜାଙ୍କ ବିବାହ ଜଗବନ୍ଧୁ ରାଉତଙ୍କ ସହ ହୋଇଥିଲା। ତାଙ୍କର ତିନି ବର୍ଷର ଝିଅ ମଧ ରହିଛି। ପୂଜାଙ୍କ ବାପା ଭାକୁର ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ, ଜଗବନ୍ଧୁ ମଦ୍ୟପାନ କରି ପୂଜାଙ୍କୁ ପ୍ରାୟତଃ ମାରଧର କରୁଥିଲେ। ଗତକାଲି ରାତିରେ ମଧ ମାରପିଟ୍ ପରେ ପୂଜାଙ୍କ ମୃତ୍ୟୁ ଘଟିଥିବା ସହ ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ବେକରେ ରଶି ଲଗାଇ ଟାଙ୍ଗି ଦିଆଯାଇଥିବା ଅଭିଯୋଗ କରାଯାଇଛି। ଖବର ପାଇ ଗଁଦିଆ ପୋଲିସ୍ କେସ ନଂ --୨୫୧/୨୬ ରେ ଏକ ମାମଲା ରୁଜୁ କରି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ, ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଜାରି ରହିଛି।

### ଢେଙ୍କାନାଳ ଜିଲ୍ଲା ଚେସ୍ ଚମ୍ପିଆନ୍‌ସିପ୍ ଉଦ୍‌ଯାପିତ

## ସୂର୍ଯ୍ୟପ୍ରାଞ୍ଜଲ୍ ଇନ୍ଦ୍ରଜିତ୍ ଏସ୍.ପି. ଚମ୍ପିଆନ୍, ଖାନ୍ ଅଲ୍‌ମାସ ଦ୍ୱିତୀୟ




ଢେଙ୍କାନାଳ, ୨୩/୦୫ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଚେସ୍ ଚମ୍ପିଆନ୍‌ସିପ୍ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ମେଡିକାଲ୍ ଅଫିସର ଡକ୍ଟର ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ୍‌ର ସଭାପତି ସାଗରିକା ମିଶ୍ର ଓ ସଂପାଦକ ତପନ କୁମାର ପାଲ୍ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ସଂପାଦକ ଇଂ. ଦେବବ୍ରତ ଭଞ୍ଜ ସମ୍ପାଦକୀୟ ବିବରଣୀ ପ୍ରଦାନ କରି ପ୍ରତିଯୋଗିତାର ସଫଳ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଇଂ. ରାଜେନ୍ଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ଆର୍ବିଟର ତାପସ କୁମାର ମହାନ୍ତି ଏବଂ ଅଭିଷେକ ଆଚାର୍ଯ୍ୟଙ୍କ ପରିଚାଳନା ତଥା ଆଶିଷ ମିଶ୍ରଙ୍କ ସହାୟତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫଳାଫଳ ନିମ୍ନରେ ପ୍ରଦ: ସୂର୍ଯ୍ୟପ୍ରଞ୍ଜଲ୍ ଇନ୍ଦ୍ରଜିତ୍ ଏସ୍.ପି.: ୭ ପଏଣ୍ଟ – ପ୍ରଥମ ସ୍ଥାନ ଖାନ୍ ଅଲ୍‌ମାସ: ୬ ପଏଣ୍ଟ – ଦ୍ୱିତୀୟ ସ୍ଥାନଅଂଶୁମାନ୍ ଭଞ୍ଜ: ୫.୫ ପଏଣ୍ଟ – ତୃତୀୟ ସ୍ଥାନଅମୃତାଂଶୁ ଭଞ୍ଜ: ୫ ପଏଣ୍ଟ – ଚତୁର୍ଥ ସ୍ଥାନସାନ୍‌ଭି ମିଶ୍ର: ୫ ପଏଣ୍ଟ – ୫ମ ସ୍ଥାନଆକାଶ କୁମାର ବେହେରା: ୫ ପଏଣ୍ଟ – ୬ଷ୍ଠ ସ୍ଥାନବିଶ୍ୱରଞ୍ଜନ ବେରୋ: ୫ ପଏଣ୍ଟ – ୭ମ ସ୍ଥାନଶୁଭଶ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ: ୫ ପଏଣ୍ଟ – ୮ମ ସ୍ଥାନତାନ୍‌ଭି ମିଶ୍ର: ୪.୫ ପଏଣ୍ଟ – ୯ମ ସ୍ଥାନସୁଚେତା ରଞ୍ଜନ ଦାସ: ୪.୫ ପଏଣ୍ଟ – ୧୦ମ ସ୍ଥାନପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳୀମାନଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା।

୧୩ ବର୍ଷରୁ କମ୍: ଶାନ୍ ସାତ୍‌ଭିକ୍ ବେହେରା ଓ ଦିବ୍ୟଙ୍କା ମିଶ୍ର, ଉଭୟ ୪ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ଗ୍ରହଣ କରିଥିଲେ।୧୧ ବର୍ଷରୁ କମ୍: ସୂର୍ଯ୍ୟାଦିତ୍ୟ ସାହୁ, ୪.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ।୯ ବର୍ଷରୁ କମ୍: ରିଶାନ୍ ଖାନ୍, ୪ ପଏଣ୍ଟ ପାଇ ପ୍ରଥମ ସ୍ଥାନ।୭ ବର୍ଷରୁ କମ୍: ଶୁଭମ୍ରିତ୍ ମିଶ୍ର, ୩ ପଏଣ୍ଟ ପାଇ ପ୍ରଥମ ସ୍ଥାନ।ସମସ୍ତ ବୟସ ବର୍ଗ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।ଚେସ୍ ଭଳି ବୌଦ୍ଧିକ ଖେଳର ଲୋକପ୍ରିୟତା ଢେଙ୍କାନାଳ ଜିଲ୍ଲାରେ କ୍ରମଶଃ ବୃଦ୍ଧି ପାଉଥିବା ଏହି ପ୍ରତିଯୋଗିତାରୁ ସ୍ପଷ୍ଟ ହୋଇଛି ବୋଲି ଆୟୋଜକମାନେ ମତ ଦେଇଛନ୍ତି।




ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଭାରତରେ ବୈଦ୍ୟୁତିକ ଯାନ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶରେ ତୈଳ ସଂକଟ ଏବଂ ଦୀର୍ଘ ଚାରିବର୍ଷ ପରେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ଦର ଏବେ ଚାରି ଟଙ୍କାରୁ ଅଧିକ ବୃଦ୍ଧି କେବଳ ଯାନବାହାନ ବ୍ୟବହାରକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇନାହିଁ, ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି କରିଛି। ସେହିପରି ବସ ସମେତ ପେଟ୍ରୋଲ, ଡିଜେଲ ପରିଚାଳିତ ପରିବହନ ବ୍ୟବସ୍ଥା ଭଡା ବୃଦ୍ଧି ମଧ୍ୟ ଘଟିଛି। ଏହା ନିସନ୍ଦେହ ଯେ, ପେଟ୍ରୋଲ, ଡିଜେଲ ବ୍ୟବହାର କମାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଶରେ କେବଳ ଏହାର ଅଭାବ ନୁହେଁ, ଆର୍ଥୀକ ସଂକଟର ସଂକେତ ପ୍ରଦାନ କରିଛି। ନିକଟରେ କେନ୍ଦ୍ର ପରିବହନ ମନ୍ତ୍ରୀ ନିତୀନ ଗଡକାରୀ ଏକ ଆଲୋଚନା ଚକ୍ରରେ ପେଟ୍ରୋଲ-ଡିଜେଲ ଚାଳିତ ଯାନବାହନ ଉପରେ ଯେଉ ମନ୍ତବ୍ୟ ଦେଇଛନ୍ତି, ତାହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ସେ କହିଛନ୍ତି ଯେ, ପେଟ୍ରୋଲ-ଡିଜେଲ ଚାଳିତ ଯାନବାହାନର ଭବିଷ୍ୟତ ଶୂନ। କେନ୍ଦ୍ର ପରିବହନ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଭବିଷ୍ୟତରେ ଦେଶରେ ପେଟ୍ରୋଲ-ଡିଜେଲ ଚାଳିତ ଯାନବାହାନ ବ୍ୟବହାର ନିଷିଦ୍ଧ କିମ୍ବା ପେଟ୍ରୋଲ-ଡିଜେଲର ସଂକଟ ସମ୍ପର୍କରେ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ମାସିକ ପ୍ରାୟ ୨୦ ମିଲିଅନ ଟନ ପେଟ୍ରୋଲିୟମ ଉତ୍ପାଦ ତଥା ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ଲୁବ୍ରିକାଂଟ ବ୍ୟବହୃତ ହେଉଛି। ଏହି କ୍ରମରେ ପେଟ୍ରୋଲିୟମଜାତ ଉତ୍ପାଦର ୭୫ପ୍ରତିଶତ ହେଉଛି ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଗ୍ୟାସ। ଡଲାର ତୁଳନାରେ ଟଙ୍କାର କ୍ରମାଗତ ମୂଲ୍ୟ ହ୍ରାସ, ଅଶୋଧିତ ତୈଳର ମୂଲ୍ୟବୃଦ୍ଧି ଯୋଗୁଁ ଦେଶର ମୁଦ୍ରା ଭଣ୍ଡାର ଉପରେ ଏହାର ପ୍ରଭାବ ପଡିଛି। ସେହିପରି ପେଟ୍ରୋଲ ଡିଜେଲର ବହୁଳ ବ୍ୟବହାର ଯୋଗୁଁ ପରିବେଶ ମଧ୍ୟ ଦିନକୁ ଦିନ ବିଗିଡିବାରେ ଲାଗିଛି। ପରିବେଶ ସୁରକ୍ଷା ନେଇ ଏବେ ବିଶ୍ୱବାସୀ ଚିନ୍ତିତ। ପରିବେଶ ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ସୁରକ୍ଷା ପାଇଁ ଏବେ ବୈଦ୍ୟୁତିକ ଯାନବାହାନ (ଇଭି) ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ମାତ୍ର ପେଟ୍ରୋଲ, ଡିଜେଲ ଯାନବାହାନ ନିକଟରେ ଇଭି ଅତ୍ୟନ୍ତ ପ୍ରଭାବହୀନ ରହିଛି। ଉଦାହରଣ ସ୍ୱରୁପ ଗଲାବର୍ଷ ଦେଶରେ ୪.୭ ମିଲିଅନ କାର ବିକ୍ରି ହୋଇଥିବାବେଳେ ସେଥିମଧ୍ୟରେ ମାତ୍ର ୦.୨ ମିଲିଅନ କିମ୍ବା ୪.୩ ପ୍ରତିଶତ ହେଉଛି ଇଭି କାର। ଏହି ସମୟରେ ଚୀନରେ ୨୪ ମିଲିଅନ କାର ବିକ୍ରି ହୋଇଥିଲା। ଯେଉଥିରେ ୫୩ପ୍ରତିଶତ ଥିଲା ଇଭି କାର। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି। ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ଇଭି କାର ବିକ୍ରି ୧୦ ପ୍ରତିଶତ କିମ୍ବା ୨୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ଯେତବଳେ ଇଭି ଯାନ ଉପରେ ଆମର ନିର୍ଭରଶୀଳତା ବଢିବ, ସେତବଳେ ଦେଶର ତୈଳ ଆମଦାନୀ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ। ଆମ ରାଜ୍ୟରେ ଇଭି ଯାନ ବ୍ୟବହାର ବୃଦ୍ଧି ଏବେ ପରିଲକ୍ଷିତ ହୋଇଛି। ଇଭି ଯାନ କିଣିବା ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ନିକଟରେ ଆମ ରାଜ୍ୟରେ ତୈଳ ସଂକଟ ପରି ଆମ ରାଜ୍ୟରେ ଇଭିଯାନ ବିକ୍ରି ବଢିଛି ସତ ମାତ୍ର ଯଥେଷ୍ଟ ନୁହେଁ। ଇଭି ପ୍ରତି ଏବେ ବି ଜନସାଧାରଣ ବିମୁଖ। ଏହାର କାରଣ ହେଉଛି ଅତ୍ୟଧିକ ଦାମ, ମେକାନିଜମ ଏବଂ ଭିତିଭୂମିର ଅଭାବ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଇଭି କାରର ଦାମ ଆଇସିଇ କାର ଠାରୁ ଅଧିକ। କେବଳ କାର ନୁହେଁ, ଇଭି ବାଇକ ଏବଂ ସ୍କୁଟରର ଦାମ ସାଧାରଣ ପେଟ୍ରୋଲ ଚାଳିତ ବାଇକ, ସ୍କୁଟର ଦାମ ଠାରୁ ଅଧିକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଭି ଯାନକୁ ସାଧାରଣ ଗ୍ୟାରେଜ ମିସ୍ତ୍ରୀ ସଜାଡି ପାରେ ନାହିଁ। ଏଥିପାଇଁ ସୋ ରୁମକୁ ନେବାକୁ ପଡିଥାଏ। ସେହିପରି ଇଭି ଚାର୍ଜିଂ ସେଂଟରର ଭିତିଭୂମିର ଅଭାବ। ସ୍କୁଟର, ବାଇକକୁ ଘରେ ଚାର୍ଜ କରି ହେବ କିନ୍ତୁ କାର ନୁହେଁ। ବର୍ତ୍ତମାନ ସୁଦ୍ଧା ଆବଶ୍ୟକୀୟ ଚାର୍ଜିଂ ସେଂଟର ନାହିଁ। ଚାର୍ଜିଂ ସେଂଟର ପ୍ରତିଷ୍ଠା ପାଇଁ ସରକାର କିମ୍ବା ଇଭି କାର ଉତ୍ପାଦନକାରୀ କମ୍ପାନୀଗୁଡିକ ସେପରି ଆଗ୍ରହ ପ୍ରଦର୍ଶନ କରୁଥିବା ମନେହୁଏ ନାହିଁ। ବୋଧହୁଏ ଏହି ସବୁ ଜଟିଳତା ପାଇଁ ଇଭି ଯାନ ବ୍ୟବହାର ଲକ୍ଷ୍ୟ ପୂରଣ ଏବେ ବି ବହୁ ଦୂରରେ ରହିଛି।

# ସଫଳତାର ରହସ୍ୟ




ଦାଶରଥୀ ଶତପଥୀ
ପୂର୍ବତନ ସଚିବ, ଓଡିଶା
ବିଧାନସଭା, ଭୁବନେଶ୍ୱର


ଦୁଇଜଣ ବନ୍ଧୁ ଏକାଠି ବସି ବିଭିନ୍ନ ବିଷୟରେ ଆଲୋଚନା କରୁଥିବା ସମୟରେ ଜରଣ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ପଚାରିଲା ସଫଳତାର ରହସ୍ୟ କ'ଣ ? ସଙ୍ଗେ ସଙ୍ଗେ ବନ୍ଧୁ ଜଣଙ୍କ ଉତ୍ତର ଦେଲେ ଆମେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ। ସେ ଟିକେ ବୁଝିପାରିଲେ ନାହିଁ ବରଂ ବନ୍ଧୁଜଣଙ୍କ ବୁଝାଇବା ପାଇଁ ଚେଷ୍ଟାକଲେ। ଜୀବନରେ ସଫଳ ସେହି ବ୍ୟକ୍ତି ସିଏକି ଜୀବନରେ ବାରମ୍ବାର ଅସଫଳତାକୁ ସାମ୍ନା କରିବା, ସ୍ଥିର ଚିତ୍ତରେ ସମୟ ଚକ୍ରର ଆହ୍ୱାନରେ ତାହା ଠିକ ହେଇଯିବ ବୋଲି ଭାବିନେଇଛି। ଯାହା ହେବାର ଥିବ ହେବ ଏବଂ ଯାହା ଘଟିବାର ଥିବ ତାହା ଘଟିବ। କିନ୍ତୁ ସମସ୍ତ ଜିନିଷକୁ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡ଼ିଦେଲେ ହେବାନହିଁ। ସେଥିପାଇଁ ସମୟର ସଦୁପଯୋଗ କରିବ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ। ପରିଶ୍ରମର ପଳ ସଫଳତା। ସେଥିପାଇଁ ଧର୍ଯ୍ୟବାନ ଓ ଧର୍ଯ୍ୟଶୀଳ ହେବାକୁ ପଡ଼ିବ ଏବଂ ଯାହା ଅନ୍ୟମାନେ କରିପାରି ନାହାନ୍ତି ତାହାକୁ ନିଜେ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ହେଉଛି ସଫଳତା।

ସଫଳତାର ପ୍ରଥମ ପାହଚ ହେଉଛି, ସମୟର ସଦୁପଯୋଗ ଓ ସ୍ୱପ୍ନ ରେଖିବା ଖାଲି ସ୍ୱପ୍ନମନସ୍ୱ ହେବା ବଡ଼କଥା ନୁହେଁ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ, ସ୍ୱପ୍ନ ରେଖିବା ସମୟରୁ ପ୍ରୟାସ ଜାରି ରଖିବା। ଯଦି ମନଭିତରେ ଆସେ କିଏ କଣ ଭାବିବ, ସେଥିରୁ ସବୁବେଳେ କ୍ଷାନ୍ତ ରହିବା ଉଚିତ, ଆମେ ଲୋକମାନଙ୍କର ମତାମତ ଉପରେ ଆମେ ଚଳିପାରିବା ନାହିଁ କିମ୍ବା ସ୍ୱପ୍ନକୁ ସାକାର କରିବପାରିବା ନାହିଁ। ଏହାର ଅର୍ଥ ନୁହେଁ ଯେ, ଗୁରୁଜନମାନଙ୍କର କଥାକୁ ଆମେ ଯଥୋଚିତ ସମ୍ମାନ ଦେବାନାହିଁ। ସେମାନଙ୍କର ଆଦେଶ, ଆର୍ଶିବାଦ ଓ ସୁଚିନ୍ତା ଆମ ସମସ୍ତଙ୍କ ପାଇଁ ପ୍ରେୟରଣାର ଉତ୍ସ କିନ୍ତୁ ସମାଜରେ ଏଭଳି କିଛି ଲୋକ ଥାନ୍ତି ଯେଉଁମାନେ ତୁମକୁ ଉପରକୁ ଉଠିବାକୁ ଦେବେ ନାହିଁ, ଗୋଡ଼ ଟାଣିବେ ଏବଂ ସେମାନେ ପରନିନ୍ଦା ଓ ପରଚର୍ଚ୍ଚାରେ ସମୟ ଅତିବାହିତ କରି ପରମ ଆତ୍ମତୃପ୍ତି ଲାଭ କରନ୍ତି। ତେଣୁ ସ୍ୱପ୍ନକୁ ସାକାର କରିବା ପାଇଁ ଦରକାର ସାହାସ, ଧର୍ଯ୍ୟ ଏବଂ କଠିନରୁ କଠିନତମ ପରିଶ୍ରମ। ସହଜରେ କୌଣସି ଜିନିଷ ହାତ ପାହାନ୍ତାରେ ମିଳିଯାଏ ନାହିଁ ଏବଂ ଯାହାବି ମିଳେ ତାହା କ୍ଷଣସ୍ଥାୟୀ। ଝାଳବୁହା ଧନ ପରିଶ୍ରମ କରି ପାଇଥିବା ଫଳରେ ଅନୁଭବ ଓ ଅନୁଚିତ ନିଆରା। ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହେବା ଭୀରତ୍ତୁତାର ପରିଚୟ। କରିବାର ଅଛି ସମାଜ ପାଇଁ, ଏକ ନୂତନ ଦିଶାର ଆବଶ୍ୟକ ଅଛି, ସେହି ଦୃଢ଼ ସଙ୍କଳ୍ପରେ ଆମେ ଆଗେଇଯିବା ଉଚିତ।

ସଫଳତାର ଅର୍ଥ ନୁହେଁ ଯେ, କେବଳ ଧନ ରୋଜଗାର କରିବା, ନିଜର ଆତ୍ମପ୍ରଚାର ଓ ଆତ୍ମବଡ଼ିମା ଦେଖାଇବା। ସଫଳତାର ଅର୍ଥ ହେଉଛି ନମ୍ର, ବିନୟୀ ଓ ନତମସ୍ତକ ହେବା, ଯେଉଁମାନେ ଜ୍ଞାନୀ, ଗୁଣୀ, ସେମାନଙ୍କର ନମ୍ରତା ଓ ବିନମ୍ରତା ଆମର ମୁଣ୍ଡ ତଳକୁ ହୋଇଯାଏ। ସବୁ ସମୟରେ ଧର୍ମ ମାର୍ଗର ସତପଥରେ ଓ ଅନ୍ୟାୟକୁ ପ୍ରତିରୋଧ କରିବା ହେଉଛି ସଫଳତା। ହୃଦୟକୁ ସବୁ ସମୟରେ ସ୍ୱଚ୍ଛ ଓ ନିର୍ମଳ ରଖିବା। ପରନିନ୍ଦା, ପରଚର୍ଚ୍ଚାରେ ସମୟ ଅତିବାହିତ ନକରି ସମୟର ସଦୁପଯୋଗ କରିବା। ସମୟ ବଡ଼ ବଳବାନ ଓ ଥରେ ସମୟ ଅତିବହିତ ହୋଇଗଲେ ତାହା ଆଉ ହାତକୁ ଆସେନାହିଁ।

ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଆତ୍ମ ସମୀକ୍ଷା କରିବା ଉଚିତ ଏବଂ ଯାହା କରଣୀୟ ତାକୁ କରିବା ପାଇଁ ପ୍ରାଣପ୍ରଣେ ଚେଷ୍ଟା କରିବା।

ଯେପରି ସ୍ୱପ୍ନ ଦେଖିଲେ ଆମକୁ ସାଙ୍ଗେ ସାଙ୍ଗେ ଫଳ ପ୍ରଦାନ କରିପାରିବା ନାହିଁ ଏବଂ ଏହାକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ, ସମୟ, ଧର୍ଯ୍ୟ ଓ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟର ପ୍ରଚେଷ୍ଟା କରିବା ଦରକାର। ଆଚରଣ ଓ ଉଚ୍ଚାରଣରେ ସୁଦ୍ଧତା ଓ ଲୋକଙ୍କୁ ଚିହ୍ନିବା ଓ ଜାଣିବା ଏହାହିଁ ସଫଳତା।

ନିଜର ଆତ୍ମବିଶ୍ୱାସ ବଳରେ ଆମେ ସମୃଦ୍ଧିର ଶିଖରରେ ପହଞ୍ଚିପାରିବା। ଏହା ନିଃସନ୍ଧହରେ କୁହାଯାଇପାରେ ଆରମ୍ଭରୁ ଆମେ ସମସ୍ତେ ଶପଥ ନେବା ଉଚିତ ଏକ ସାମୁହିକ ଭାରତବର୍ଷ ଗଠନ ପାଇଁ। ଆମେ ପ୍ରତ୍ୟେକେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଓ ଆମମାନଙ୍କ ପ୍ରୟାସ ଓ ପେରଣା ଜାତୀୟ ଜନଜୀବନକୁ ନିଶ୍ଚିତଭାବେ ରୁଦ୍ଧିମନ୍ତ କରିବ।

# ନାରୀର ଆଦର୍ଶ




ପ୍ରତିଭା ଦାଶ
ନୂଆପଡ଼ା, ୭୮୯୪୫୨୮୪୯୩


ତୁଳସୀ ଦୁଇ ପତ୍ରରୁ ବାସେ। ରମାଦେବୀଙ୍କ ବାଲ୍ୟକାଳରୁ ହିଁ ଗୁଣ, ଭାବନା, ଚିନ୍ତାଧାରା ଉଚ୍ଚକୋଟୀର ଥିଲା। ତାଙ୍କ ମନ ଓ ପ୍ରାଣର ଗଭୀର ଅନ୍ତରାତ୍ମାରୁ ଦେଶ ଓ ଜନତାଙ୍କ ପ୍ରତି ଆତ୍ମତ୍ୟାଗ, ସେବା, ପରୋପକାର, ସତ୍ ବିଚାର କରିବା ଭାବନା ଅତି ବାଲ୍ୟକାଳରୁ ଜାଗ୍ରତ ହୋଇଥିଲା। ଜଣକର ପରିବେଶ ଉପରେ ନିର୍ଭର କରେ ତା' ବ୍ୟବହାର, ମନୋଭାବନା। ପିତା ଗୋପାଳବଲ୍ଲଭ ଦାସ ଏବଂ ମାତା ବସନ୍ତ କୁମାରୀ ଦେବୀଙ୍କ ଔରସରୁ ତା' ୧୩. ୧୨. ୧୮୯୯ ରେ କଟକ ସହରରେ ଜନ୍ମ ହୋଇଥିଲେ ଆମ ନାରୀ ନେତ୍ରୀ ରମାଦେବୀ। ତାଙ୍କ ବାପା ପ୍ରସିଦ୍ଧ ଔପନ୍ୟାସିକ ସହ ସେହି ସମୟରେ ଡେପୁଟି କଲେକ୍ଟର ଥିଲେ। ମା' ବିଖ୍ୟାତ 'ସୁପରିନଟେଣ୍ଡେଣ୍ଟ ଅଫ୍ ଗଡ଼ଜାତ ମହାଲସ' ଭାବରେ ଉଚ୍ଚପଦସ୍ଥ କର୍ମଚାରୀ ଥିଲେ ଓ ଧନୀ ଜମିଦାର ମଧ୍ୟ ଥିଲେ। ତାଙ୍କ ବଡ଼ ବାପା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ସ୍ନେହ, ଆଦର, ପ୍ରାଚୁର୍ଯ୍ୟ, ବୈଭବ ଭିତରେ ରମାଦେବୀ ବଢିଥିଲେ। ପନ୍ଦର ବର୍ଷ ବୟସରେ ୧୯୧୪ ମସିହାରେ ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ତାଙ୍କ ଶ୍ୱଶୁର ଗୋକୁଳାନନ୍ଦ ଚୌଧୁରୀ କଟକ ଜିଲ୍ଲା ଜଗତସିଂହପୁର ପାଖ ଖେରସ ଗ୍ରାମର ଜମିଦାର ଥିଲେ ଏବଂ ତାଙ୍କ ବାପାଙ୍କର ସହପାଠୀ ମଧ୍ୟ ଥିଲେ।

ବାଲ୍ୟକାଳରୁ ରମାଦେବୀଙ୍କ ଦେଶ ପ୍ରତି ଭକ୍ତି, ଲୋକଙ୍କ ପ୍ରତି କର୍ତ୍ତବ୍ୟ, ଅସହାୟଙ୍କୁ ସାହାଯ୍ୟ କରିବା ପାଇଁ ମନରେ ଯେଉଁ ଇଚ୍ଛା ତାହା ସ୍ପଷ୍ଟ ଜଣା ପଡୁଥିଲା। ଉଭୟ ପିତାମାତାଙ୍କ ଚାଲିଚଳଣୀ, ଭାଷା, ବ୍ୟବହାର ତାଙ୍କ ଜୀବନ ଚରିତ୍ର ଉପରେ ପ୍ରଭାବ ପଡୁଥିଲା। ପ୍ରତିଦିନ ରାତିରେ ତାଙ୍କ ମା' ବିଭିନ୍ନ ପ୍ରକାର ଗପ ଯେମିତି ରାମାୟଣ, ମହାଭାରତ, ଐତିହାସିକ ଘଟଣା ତଥା ଦେଶପ୍ରେମୀଙ୍କ ଚରିତ୍ରକୁ ଖୁବ୍ ସୁନ୍ଦର ଜୀବନ୍ତ ଭାବେ ଚିତ୍ରଣ କରୁଥିଲେ ଯାହା କି ସେମାନଙ୍କ ଗୁଣ, ଚରିତ୍ର, ରମାଦେବୀଙ୍କ ମାନସପଟରେ ଆଙ୍କି ହୋଇଯାଉଥିଲା। ନିତିଦିନର ଛୋଟ ଛୋଟ ଘଟଣାର ଅନୁଭବ ଓ ଅନୁଭୂତିରୁ ସେ ବହୁ ଶିକ୍ଷାଲାଭ କରୁଥିଲେ। ବିହାରର ମୋଜାପରପୁରକୁ ତାଙ୍କ ବାପାଙ୍କର ବଦଳି ହେବାରୁ ସପରିବାର ସେଇଠିକୁ ରହିବା ପାଇଁ ଗଲେ। ସରକାରୀ ଘର ମିଳି ନ ଥିବାରୁ ଗୋଟିଏ ବଡ଼ କୋଠାରେ ରହୁଥିଲେ। ଘର ସାମନାରେ ଫଳ ଗଛର ବଡ଼ ବଗିଚା ଥିଲା। ସେମାନେ ସେଠାରେ ନୂଆ ଥିବାରୁ କେହି ତାଙ୍କୁ କିମ୍ବା ସେମାନେ ମଧ୍ୟ କାହାକୁ ଚିହ୍ନି ନ ଥିଲେ। ଗାଟିଏ ଦିନ ବଗିଚାରେ ଦି' ଭଉଣୀ ବୁଲୁଥିଲେ। ବିଗିଚାର ମାଳୀ ଦୁଇଟି ଡାଳିମ୍ବ ଆଉ କିଛି ଫଳ ଖୁସୀରେ ଦେବାରୁ ଘରକୁ ନେଇକି ଆସିଲେ। ଫଳ ଆଣିବାର ଦେଖି ବାପା ପଚାରିଲେ,'ଏ ଫଳ କିଏ ଦେଲା ? 'ରମାଦେବୀ କହିଲେ,'ମାଳୀ।' ବାପା ପୁଣି ପଚାରିଲେ,' ବଗିଚାର ମାଲିକ ଜାଣିଛନ୍ତି ନା ନାହିଁ ?' ରମାଦେବୀ ଉତ୍ତର ଦେଲେ,'ଆମେ ଜାଣି ନାହୁଁ। 'ବାପା କହିଲେ,'ଯଦି ମାଲିକଙ୍କ ଅଜାଣତରେ ଫଳ ଆଣିଛ ତେବେ ତାହା ଚୋରୀ କୁହାଯିବ। ଯାଅ ଫେରାଇ ଦିଅ। 'ସେମାନେ ମାଳୀ ସହ ବଗିଚାର ମାଲିକ ପାଖକୁ ଗଲେ। ମାଳୀ ସମସ୍ତ ଘଟଣା ବର୍ଣ୍ଣନା କଲା। ମାଲିକ ସେମାନଙ୍କର ସଚ୍ଚୋଟ ପଣରେ ଆନନ୍ଦିତ ହୋଇ ଆହୁରି ଫଳ ଦେଲେ।

ଏମିତି ଆଉ ଏକ ଘଟଣା ରମାଦେବୀଙ୍କ ମନରେ ଗଭୀର ରେଖାପାତ କରିଥିଲା। ନିତିମତ ଭାବେ ରମାଦେବୀଙ୍କ ପରିବାରର ପିନ୍ଧା କପଡ଼ା ଧୋବାକୁ ସଫା କରିବା ପାଇଁ ଦେଉଥିଲେ। ଦିନକର ଘଟଣା ଧୋବା କପଡ଼ା ସଫା କରି ଇସ୍ତ୍ରୀ ମାରି ଫେରାଇବା ପାଇଁ ଆଣିଥାଏ। ରମାଦେବୀ ତାଙ୍କୁ ସସ୍ନେହେ ପଚାରିଲେ,' ତମେ କେଉଁ ଜାତିର ? 'ତାଙ୍କ ବାପା ଏହା ଶୁଣି ରାଗିକି ତାଗିଦ୍ କଲେ ଏବଂ କହିଲେ, 'କେବେ କାହାକୁ ଜାତିର କଥା ପଚାରିବୁ ନାହିଁ। ଏହା ଠିକ୍ ନୁହେଁ।' ସେହି ଦିନଠାରୁ ସେ ଜାତି ବିଷୟରେ କାହା ସହ ଆଲୋଚନା କରୁ ନ ଥିଲେ କି କାହାକୁ ପଚାରୁ ନ ଥିଲେ। ମାତ୍ର ଯେତେବେଳେ ବିବାହ କଲେ ତାଙ୍କ ଶାଶୁ ପୁରୁଣା ଯୁଗର ଚିନ୍ତାଧାରା ରଖୁଥିବାରୁ ଜାତି ପ୍ରଥାକୁ ଗୁରୁତ୍ୱ ଦେଉଥିଲେ। ଛୁଆଁ ଛୁଇଁ ଭେଦଭାବ ଏବଂ ଉଚ୍ଚ ଜାତିକୁ ପ୍ରାଧାନ୍ୟ ଦେଉଥିଲେ। ସେଥିପାଇଁ ରମାଦେବୀଙ୍କୁ ମଧ୍ୟ ଶାଶୁଙ୍କ କଥା ମାନିବାକୁ ପଡ଼ିଲା। ମାତ୍ର ୧୯୩୨ ମସିହା ସେପଟେମ୍ବର ମାସ ହଜାରିବାଗ ଜେଲରେ ଥିବାବେଳେ ଶୁଣିବାକୁ ପାଇଲେ ଯେ ଗାନ୍ଧିଜୀ ହରିଜନଙ୍କ ଅଲଗା ନିର୍ବାଚନ ମଣ୍ଡଳି କଥା ଉପରେ ଜେଲରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କର ଏଇ ପଦକ୍ଷେପ ରମାଦେବୀଙ୍କ ମନକୁ ବିଚଳିତ କରିଦେଲା। ତାଙ୍କ କୁକର୍ମକୁ ସେ ନିଜେ ହିଁ ଧିକ୍କାର କଲେ ଏବଂ ନିଷ୍ପତ୍ତି ନେଲେ ଯେ ଜେଲରୁ ବାହାରି ତାଙ୍କ ପାପର ପ୍ରାୟଶ୍ଚିତ କରିବେ। ସତକୁ ସତ ଜେଲରୁ ବାହାରି ଗାନ୍ଧିଜୀଙ୍କ ପଥାନୁସରଣ କରିଥିଲେ। ବୁଲି ବୁଲି ଲୋକଙ୍କ ମଧ୍ୟରେ ଥିବା ଜାତି ଅଜାତି, ଛୁଆଁ ଅଛୁଆଁ, ଧର୍ମଭେଦ, ଗୋଷ୍ଠୀ ସଙ୍କୀର୍ଣ୍ଣତା, କୁସଂସ୍କାର, ଅନ୍ଧବିଶ୍ୱାସ ଆଦି ବନ୍ଦ କରିବାକୁ ପ୍ରଚାର ପ୍ରସାର କରି ଲୋକଙ୍କ ହୃଦୟରେ ଏକ ସୁନ୍ଦର ପରିବାରତ୍ୱ ସମାଜ ଗଢ଼ିବାକୁ ପ୍ରୟାସ କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ।

ଉଚ୍ଚ ଶିକ୍ଷିତ ଏବଂ ଆଭିଜାତ୍ୟ ପରିବାରର ହୋଇ ମଧ୍ୟ ସରଳ ଜୀବନ ଯାପନ କରିବା ପାଇଁ ଆଗ୍ରହୀ ଥିଲେ। ଜୀବନର ପ୍ରତି ଛୋଟ ବଡ଼ ଘଟଣାରୁ ସେ କିଛି ନା କିଛି ଶିକ୍ଷା କରୁଥିଲେ। ଯାହା ତାଙ୍କ ପରବର୍ତ୍ତୀ ଜୀବନର ଅଗ୍ରଗତିରେ ସହାୟକ ହୋଇଥିଲା। ରମାଦେବୀ ହେଉଛନ୍ତି ଆମର ଆଦର୍ଶ। ନାରୀଙ୍କର ମନୋବଳ ସୁଦୃଢର ସେ ଜଣେ ଜଳନ୍ତ ଉଦାହରଣ। ସ୍ତ୍ରୀ ଶକ୍ତି ଜାଗ୍ରତ କରିବାରେ ସେ ପୁରୋଧା। ତାଙ୍କୁ ଆଜି ବି ସମାଜ ମନେ ପକାଉଛି। ସେ ଏଇ ଧରାରେ ଚିର ନମସ୍ୟ, ଚିର ସ୍ମରଣୀୟ ହୋଇ ରହିବେ।

# ସାହିତ୍ୟର ଦଲକାଏ ସବୁଜ ପବନ: ଜାଗରୂକ

ଓଡ଼ିଶାର ପ୍ରତି ଜିଲ୍ଲାର ଏକ ନିଜସ୍ୱ ସାହିତ୍ୟ ଇତିହାସ ରହିଛି। ଯେଉଁସବୁ ଏକକ ମିଶି ଏକ ବୃହତ୍ତର ଓଡ଼ିଆ ସାହିତ୍ୟର କଳେବର ତିଆରି କରିଥାନ୍ତି।ସେହିପରି କେନ୍ଦ୍ରାପଡ଼ାର ସାହିତ୍ୟ ଇତିହାସ। ଏକ ସମୟରେ ମୁଖ୍ୟ ସ୍ରୋତର ସାହିତ୍ୟ ସହ ଧାରାବାହିକତା ଓ ବିବିଧତାକୁ ଅକ୍ଷୁର୍ଣ୍ଣ ରଖି ଅତୀତରୁ ଅଦ୍ୟାବଧି ଏହାର ସାହିତ୍ୟର ଧାରା ବିଭିନ୍ନ ପର୍ଯ୍ୟାୟ ଦେଇ ଅବ୍ୟାହତ ଓ ବିସ୍ତାରିତ।

'ଜାଗରୂକ' ସେହିପରି ଏହାର ଏକ ସୀମିତ କାଳଖଣ୍ଡର ସାହିତ୍ୟ ବିଭବ। ଏହାର ସାହିତ୍ୟ କାନନରେ ଏକ ହାବୁକାଏ ତାଜା ହୃଦୟାବେଗର ବାଙ୍ମୟ। ସୃଜନର ଚଳଚଞ୍ଚଳ ଶିହରଣ। ସାହିତ୍ୟାବେଗର ଏକ ଭିନ୍ନ କଥନିକା। ତାରୁଣ୍ୟର ହୃଦୟବତ୍ତାରେ ସୃଜନର ଏକ ଉଜ୍ଜ୍ୱଳ ଧାରା। ଯଦିଓ ସଂକ୍ଷିପ୍ତ ପରମାୟୁଧାରୀ ତଥାପି ଭିନ୍ନ ଏକ ଉଭାସନରେ ସମୁଜ୍ଜ୍ୱଳ ତା'ର କ୍ଷୁଦ୍ର କଳେବର।

ଗତ ଶତାବ୍ଦୀର ନବେ ଦଶକ ସୃଜନ ଓ କଳା କ୍ଷେତ୍ରରେ ଅନେକ ଦୃଷ୍ଟିରୁ ନୂଆପଣର ସୁଗନ୍ଧ ବିଞ୍ଚିଥାଏ। ଏହାର ପୃଥକ୍ ସାକ୍ଷର ଉଭୟ ଜାତୀୟ ଓ ଆଞ୍ଚଳିକ ସ୍ତରରେ ବାରି ହୋଇ ପଡିଥାଏ। ଯେପରି ନବେ ଦଶକର ଶ୍ରୁତିମଧୁର ହିନ୍ଦୀ ସଙ୍ଗୀତ, ସେହିପରି ମଧ୍ୟ ନବେ ଦଶକର ଓଡ଼ିଆ ସିନେମା ଓ ସାହିତ୍ୟ ମଧ୍ୟ କିଛିଟା ଅନନ୍ୟପଣରେ ସମୃଦ୍ଧ।

ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ଯେପରି ତା'ର ସଂକ୍ଷିପ୍ତ ଉଡାଣରେ ସାହିତ୍ୟ ଆକାଶରେ ଛୋଟ ହେଲେ ବି ଅଲିଭା ନକ୍ଷତ୍ରର ଛାପଟିଏ ଛାଡ଼ି ଯାଇଛି। ସେହିପରି କେନ୍ଦ୍ରାପଡ଼ାର ସାହିତ୍ୟ ଆକାଶରେ 'ଜାଗରୂକ'। ସାହିତ୍ୟାନୁରାଗୀ କିଛି ନବ ତରୁଣ ତରୁଣୀଙ୍କ ଭାବସ୍ୱର ସୃଜନ ସାକ୍ଷର। ଯାହାର ନିଆରାପଣ ଧରି ରଖିଥାଏ ଉଭୟ ପ୍ରେମର କଳକଳ ନାଦ ପୁଣି ବିଦ୍ରୋହ ଓ ପ୍ରତିବାଦର ନିଆଁଝୁଲ।

ନବେ ଦଶକର ଦ୍ୱିତୀୟାର୍ଦ୍ଧ ବେଳକୁ ନବପ୍ରଜନ୍ମର ଜିଲ୍ଲା ରୂପେ ମୁଣ୍ଡ ଟେକିଥିବା କେନ୍ଦ୍ରାପଡ଼ାର ସଦର ମହକୁମାରେ ଭରି ରହିଥିଲା ସାହିତ୍ୟର ଭରପୂର ସ୍ପନ୍ଦନ। କବି ଦୀପକ ମିଶ୍ର, କଥାକାର ରାମଚନ୍ଦ୍ର ବେହେରା, କବି ବ୍ରହ୍ମାନନ୍ଦ ଦାସ, କଥାକାର ଅଦ୍ୱୈତ ମହାନ୍ତି, ରାମଚନ୍ଦ୍ର ସାହୁ, କବି ନୀଳମଣି ପରିଡ଼ା, କବି ଅପର୍ଣ୍ଣା ମହାନ୍ତି ଓ ଅନ୍ନପୂର୍ଣ୍ଣା ମହାନ୍ତି ଏବଂ ସେହିପରି ଆର୍ଯ୍ୟ ଯଜ୍ଞଦତ୍ତ, ରମେଶ ପ୍ରତାପ ଓ ଶ୍ରୀରାମ ଦାସଙ୍କ ପରି ସରସ୍ୱତଃ ବ୍ୟକ୍ତିତ୍ୱମାନେ ନିଜ ନିଜର ବୃହତ୍ତର ପରିଚୟର ସ୍କେଚ୍ ଆଙ୍କି ସାରିଥାନ୍ତି।

ଶ୍ରାବଣୀ ପରି ସାହିତ୍ୟ ଅନୁଷ୍ଠାନ ଏହାର ପୂର୍ବ ଅଶି ଦଶକରେ ତା'ର ସୀମିତ ପରମାୟୁ ପୃଷ୍ଠାକୁ ରୁଦ୍ଧିମନ୍ତ କରି ସାରିଥାଏ। ଏହି ସମୟ ବେଳକୁ ଡ଼ ବାସୁଦେବ ଦାସଙ୍କ ଦ୍ୱାରା ସ୍ଥାପିତ ଓ ପ୍ରଗତିଶୀଳ କବି କଲମଧାରୀ ଅନୁଷ୍ଠାନ ତା'ର ଶେଷ ନିଃଶ୍ୱାସ ନେବାକୁ ଆରମ୍ଭ କରିଥାଏ।

କେନ୍ଦ୍ରାପଡା ସଦର ମହକୁମାର ସାହିତ୍ୟ ପରିମଣ୍ଡଳରେ ଏହିପରି ଏକ ସକ୍ରିୟ ସଂଗଠନଶୂନ୍ୟତାର ପୃଷ୍ଠପଟରେ ନୂତନପିଢ଼ିର ସପ୍ନିଳ ସାକ୍ଷର ହୋଇ ଆତ୍ମପ୍ରକାଶ କରେ ଜାଗରୂକ ସାହିତ୍ୟ ପ୍ରତିଷ୍ଠାନ। ୧୯୯୬ ମସିହାର ଅନ୍ତିମ ଚରଣରେ ଏହାର ସୃଷ୍ଟିଲଗ୍ନ। ଯଦିଓ ଏହାର ସୃଷ୍ଟିବୀଜର ଅଙ୍କୁରୋଦ୍‌ଗମ ଭୁବନେଶ୍ୱରରେ ହିଁ ଘଟିଥିଲା। ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରଥମ କରି ଭୁବନେଶ୍ୱର ବିଜେବି ମହାବିଦ୍ୟାଳୟ ଷ୍ଟଡି ସେଣ୍ଟରରେ ଖୋଲିଥାଏ ସାମ୍ବାଦିକତା ଓ ଗଣଯୋଗାଯୋଗର ପିଜି ଡିପ୍ଲୋମା ପାଠ୍ୟକ୍ରମ। ପୂର୍ବରୁ କେବେ ପରିଚିତି ନ ଥିବା ମୂଳ କେନ୍ଦ୍ରାପଡ଼ାର ଦୁଇ ଯୁବକ ଏହି କୋର୍ସ ଅଧ୍ୟୟନ କରୁଥିବାବେଳେ ପରସ୍ପରକୁ ଚିହ୍ନନ୍ତି। ଦୁହିଁଙ୍କର ସାହିତ୍ୟ ପ୍ରତି ରହିଥାଏ ରୁଚି ଓ ଆଗ୍ରହ। ସେମାନଙ୍କ ମଧ୍ୟରୁ ଜଣେ (ବିରଜା ରାଉତରାୟ)ଙ୍କ ପ୍ରସ୍ତାବକ୍ରମେ 'ଜାଗରୂକ' ନାମକ ଅନୁଷ୍ଠାନର ପରିକଳ୍ପନା ଉଠେ। ଆର ଜଣକ(ମନୋଜ ଦାସ) ନିଜର ସମ୍ମତି ପ୍ରଦାନ କରି ଆଗଭର ହୁଅନ୍ତି। ପ୍ରଥମ ଜଣକ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ହୁଅନ୍ତି। ଆର ଜଣକ ପ୍ରତିଷ୍ଠାତା ସଭାପତି।

ଏହାର ପ୍ରଥମ ବୈଠକ ଆହୂତ ହୁଏ ୧୫ ଅଗଷ୍ଟ ୧୯୯୬ ମସିହାରେ। ସ୍ଥାନ ରହିଥିଲା ସେହି ସମୟର ସହର ମଧ୍ୟସ୍ଥ ଚଳଚଞ୍ଚଳ ସାଂସ୍କୃତିକ ପୀଠ ଗୋକୁଳ ଚନ୍ଦ୍ର ସଂଗୀତ ସଦନ। ଆଜିକାଲି ଭଳି ହ୍ୱାଟ୍‌ସାପ୍ ଗ୍ରୁପ୍ କିମ୍ବା ଟେଲିଫୋନ୍ ଜରିଆରେ ନିମନ୍ତ୍ରିତ କରିବା ଥିଲା ଦୁହିଁଙ୍କ କଳ୍ପନା ବାହାରେ। ଗୋଟିଏ ଦିନ ପୂର୍ବରୁ ଆସି ଦୁଇଖଣ୍ଡ ସାଇକେଲ ଗଡ଼ାଇ ଦୁହେଁ ଦୁହୁରିଆ କଷୋଟି ଗାଁର ହରେକୃଷ୍ଣ ବରାଳଙ୍କଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସର ରାମଚନ୍ଦ୍ର ସାହୁ(ରତ),ବାଟରେ ଟେଲିଗ୍ରାମ୍ ଅଫିସର କଥାକାର ଅଦ୍ୱୈତ ମହାନ୍ତି,ମାଧପୁରର ଅନ୍ନପୂର୍ଣ୍ଣା ମହାନ୍ତି ଓ ବ୍ରହ୍ମାନନ୍ଦ ଦାସ,ନସଡିପୁରରେ ସୁରେନ୍ଦ୍ର ପଲାଇ ଓ ନୃସିଂହ ତ୍ରିପାଠୀ,ଗୋପ ଗାଁର ରମେଶ ପ୍ରତାପ, ଜଇପୁରାସ୍ଥିତ ମେଡିକାଲ ହତାରୁ ବଂଶୀଧର ମହାନ୍ତି,ସୁନାଇଲୋରୁ ନିରଞ୍ଜନ କର ଓ ପ୍ରସନ୍ନ ମହାନ୍ତି,ଗରାପୁରରୁ କବି ଅପର୍ଣ୍ଣା ମହାନ୍ତି ପ୍ରଭୃତିଙ୍କୁ ନିମନ୍ତ୍ରଣ ବାଣ୍ଟିବାଣ୍ଟି ପରିଶେଷରେ ଇଚ୍ଛାପୁର ମଧ୍ୟଖଣ୍ଡିର ସୁବାସ ଶତପଥୀଙ୍କର ଘର ଅଗଣାରେ ଦୁହିଁଙ୍କ ନିମନ୍ତ୍ରଣ ଯାଚନାର ସମାପ୍ତି ଘଟେ। ତହିଁ ଆରଦିନ ସ୍ୱତନ୍ତ୍ରତା ଦିବସର ବିଗୁଲ ବଜାଇ ସହରକୁ ଓହ୍ଲାଇ ଆସେ ୧୫ ଅଗଷ୍ଟ। ସେହିଦିନ ଅପରାହ୍ଣର ଲଗ୍ନରେ ଆଗତ ସନ୍ଧ୍ୟାକୁ ସାକ୍ଷୀ ରଖି କେନ୍ଦ୍ରାପଡ଼ା ସାହିତ୍ୟ ଆକାଶରେ ନୂଆ ଅତିଥି ତାରାଟିଏ ହୋଇ ଜାଗରୁକ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଆତ୍ମପ୍ରକାଶ କରେ। ଅନେକ ଦୃଷ୍ଟିରୁ ପୂର୍ବ ଓ



ତତ୍କାଳୀନ କେନ୍ଦ୍ରାପଡ଼ା ସାହିତ୍ୟ ପୃଷ୍ଠଭୂମିରେ ଏକ ସ୍ୱଷ୍ଟ ନୂଆପଣ ଓ ସତେଜତା ଧରି ଉଭାହୋଇଥିଲା ଜାଗରୂକ। କହିବାକୁ ଗଲେ, ଯାହାସବୁ ଥିଲା ଏହାର ଉଲ୍ଲେଖନୀୟ ବିଶିଷ୍ଟତା। ଯେପରି ପ୍ରଚୁର ତରୁଣ୍ୟତାର ମହକ। ଯେପରି ଯୁବପ୍ରାଣର ଆବେଗିକ ସମ୍ମିଳିତ ସ୍ପନ୍ଦନ। ଯେପରି ସୃଜନସ୍ୱରର ହାଟରେ ନବପ୍ରାଣର ଉଦୟରାଗ।

ସେସମୟରେ ସୃଜନମନସ୍କ ତରୁଣ ତରୁଣୀମାନଙ୍କୁ ଏକାଠି କରି ନିଜ ପାଇଁ ଏକ ପୃଥକ୍ ସବୁଜ ସାକ୍ଷର ତିଆରି କରିଥିଲା ସାହିତ୍ୟ ଅନୁଷ୍ଠାନ ଜାଗରୂକ। ଯେଉଁଠି ଜଣକ ପରେ ଜଣେ ପାଖୁଡା ପାଲଟି ଆସି ଯୋଡ଼ି ହୋଇ ଯାଇଥିଲେ ପଛକୁ ପଛ ଗୋଟିଏ ଫୁଲର ପେନ୍ଥାରେ। କଲେଜହତାରୁ ସାହିତ୍ୟକ ରାମଚନ୍ଦ୍ର ସାହୁଙ୍କ ପୁଅ ଦୀପିନ ସାହୁ, କଜଳାରୁ ପ୍ରଦୀପ୍ତ ଓଝା(ଚନ୍ଦନ), ସମ୍ପ୍ରତି ଗପ ଓ ଉପନ୍ୟାସରେ ନିଜସ୍ୱ ପରିଚୟ ଅର୍ଜିଥିବା ବରିଷ୍ଠ ସାମ୍ବାଦିକ ରଞ୍ଜନ ପ୍ରଧାନ, ସଂପ୍ରତି କବିତାରେ ସକ୍ରିୟ ଥିବା ରଞ୍ଜନ ବାଇ, ସ୍ୱଳ୍ପ ଲେଖାରେ ସୁପରିଚିତି ହୋଇ ପାରିଥିବା ଓ ସମ୍ପ୍ରତି ଆମେରିକାରେ ଅବସ୍ଥାପିତ ପ୍ରଦୀପ୍ତ ମହାପାତ୍ର(ଶୂନ୍ୟ),ଏଲଆଇସି କଲୋନୀର ଉମେଶ ଚନ୍ଦ୍ର ଲେଙ୍କା, ଯୁବଅଧ୍ୟାପକ ଆଲୋକ ରାୟ,ପ୍ରଦୀପ ତ୍ରିପାଠୀ, ମନକରପୁରର ପ୍ରଭାକର ବେହେରା,ସମ୍ପ୍ରତି କଟକରେ ଆଇନ ବ୍ୟବସାୟ କରୁଥିବା କୁଞ୍ଜବିହାରୀ ଦାସ,ଧର୍ମଦର୍ଶୀ କର,ଶେଖ ଜଲାଲଉଦ୍ଦିନ,କମଳାକାନ୍ତ ବେହେରା, ଶେଷଦେବ ଦାସ ଓ ମାନସ ଦାସଙ୍କ ପରି ଲେଖାଲେଖି ପ୍ରତି ଆଗ୍ରହ ପ୍ରକାଶ କରୁଥିବା ନୂଆପିଢ଼ିର ଯୁବକମାନେ ଆସି ସାମିଲ ହେଇଥିଲେ। ଅନୁଷ୍ଠାନର ସବୁଠାରୁ ବଳିଷ୍ଠ ଦିଗଟି ଥିଲା,ଏହାର ସୃଜନଦୀପ୍ତ ନବୀନ ନାରୀ ପ୍ରତିଭା ସେତବେଳେ ଆଇନ ବିଷୟ ଅଧ୍ୟୟନ କରୁଥିବା ଖଡ଼ିଅଙ୍ଗର ବବିତା ମହାନ୍ତି ଓ ଅନିତା ଦାଶ,ସାନ୍ତସାହି ପୋଲିସ କଲୋନୀର ସୁଜ୍ଞାନୀ ମହାପାତ୍ର ,କଜଳାର ପ୍ରଜ୍ଞା ପାରମିତାଙ୍କ ପରି ମହାବିଦ୍ୟାଳୟର ଛାତ୍ରୀବୃନ୍ଦ।

ସେତେବେଳେ ଏହି ଗୋକୁଳ ଚନ୍ଦ୍ର ସଂଗୀତ ସଦନ କ୍ରମଶଃ ପାଲଟି ଯାଇଥିଲା ଜାଗରୂକର କେବେ ପାକ୍ଷିକ ଓ କେବେ ମାସିକ ସାହିତ୍ୟ ଆସରର ପୀଠ। କେନ୍ଦ୍ରାପଡ଼ା ଜିଲ୍ଲା ସାରସାତ୍ୱ ମାଟିରୟ କନିଷ୍ଠ ସ୍ରଷ୍ଟାଙ୍କ ସହ ବରିଷ୍ଠଙ୍କର ଏକ ସୌହାର୍ଦ୍ଦପୂର୍ଣ୍ଣ ମିଳନସ୍ଥଳୀ। ବର୍ଷାକୁ ନେଇ, ଗାନ୍ଧୀଜୀଙ୍କୁ ନେଇ, ହୋଲିକୁ ନେଇ, ଶାରଦୀୟ ପାର୍ବଣକୁ ନେଇ ଓ ଶୀତକୁ ନେଇ ସ୍ୱତନ୍ତ୍ର ସାହିତ୍ୟ ଓ ଚିତ୍ରର ଆସର ସବୁ ଏହି ଗୋକୁଳ ସଙ୍ଗୀତ ସଦନଠାରେ ଆୟୋଜନ କରାଯାଉଥିଲା। ସେହି ସମୟରେ ଏକ ଚମତ୍କାର ପରିକଳ୍ପନା ଧରି କେନ୍ଦ୍ରାପଡା ନିକଟସ୍ଥ ଯାଜପୁର ରତ୍ନଗିରି ବୌଦ୍ଧ ବିହାରଠାରେ ଏକ ଚିତ୍ର ଓ କବିତାର ଯୁଗଳବନ୍ଦୀ କାର୍ଯ୍ୟକ୍ରମ କରାଯାଇଥିଲା ସତ ମାତ୍ର ଯାନବାହନଗତ ପରିଚାଳନା ବ୍ୟବସ୍ଥାରେ ତ୍ରୁଟି ହେତୁ ପୂର୍ଣ୍ଣାଙ୍ଗ ରୂପେ ସାକାର ହୋଇ ପାରି ନ ଥିଲା।

ଏହି ସମୟକାଳରେ ସ୍ଥାନୀୟ ବଳଦେବ ପ୍ରେସରୁ ଛପା ହୋଇ ଜାଗରୂକ ନାମକ ଏକ ମାସିକ ସାହିତ୍ୟ ପତ୍ରିକାର ପ୍ରକାଶନ ଆରମ୍ଭ ହୁଏ। ଫୁଲ୍ ଡିମାଇ ଆକାରର ଚାରିପୃଷ୍ଠିଆ ଏହି ପତ୍ରିକାର ସମ୍ପାଦନା ପ୍ରଥମେ ବିରଜା ରାଉତରାୟଙ୍କ ଦ୍ୱାରା ଆରମ୍ଭ ହୁଏ। ବିଜ୍ଞାପନ ଓ ପୃଷ୍ଠପୋଷକତା ବିନା ଆର୍ଥିକ ସମସ୍ୟା ହେତୁ ପ୍ରକାଶନର ଧାରାବାହିକତାରେ ସମସ୍ୟା ଲାଗି ରହେ। ପରବର୍ତ୍ତୀ ପର୍ଯ୍ୟାୟରେ ଯୁବକବୟତ୍ରୀ ବବିତା ମହାନ୍ତିଙ୍କ ସମ୍ପାଦନାରେ କେତୋଟି ସଂଖ୍ୟା ବାହାରି ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ। ଉକ୍ତ ପତ୍ରିକାର ଲକ୍ଷଣୀୟ ବିଶେଷତ୍ୱ ଥିଲା, ଯୁବପିଢ଼ିର ନୂଆ ଲେଖକ ଲେଖିକାଙ୍କ କୃତିକୁ ପ୍ରାଥମିକତା ଦେଇ ପ୍ରକାଶନ କରିବା ଏବଂ ଏହାଥିଲା ଏହି ପତ୍ରିକା ପ୍ରକାଶନ ପଛରେ ପ୍ରମୁଖ ବଳିଷ୍ଠ ଆଭିମୁଖ୍ୟ।

୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀର ସ୍ମାରକୀ ରୂପେ 'ଜାଗରୁକ'ର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯାଇଥିଲା। ସେହି ସମୟର ଅନେକ ପ୍ରଥିତଯଶା ସାହିତ୍ୟିକଙ୍କ ଲେଖାରେ ସମୃଦ୍ଧ ଏକ ସଂଗ୍ରହଣୀୟ ସଂଖ୍ୟା ରୂପେ ଏହାର ଆଜି ସୁଦ୍ଧା ସାହିତ୍ୟିକ ମୂଲ୍ୟ ରହିଛି।

ଏଥିସହ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ ନମ୍ବର ହଲ୍‌ରେ ଜାଗରୂକ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ସାହିତ୍ୟ ସମାରୋହ। ଅତିଥି ରୂପେ ଯେଉଁ ଉତ୍ସବରେ ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ର,ବିଶିଷ୍ଟ କବି ଓ ସାଂସଦ ଡ଼ଃ ପ୍ରସନ୍ନ ପଟ୍ଟାଶାଣୀ ଓ ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ତଥା ସମାଜ ଖବରକାଗଜର କାର୍ଟୁନିଷ୍ଟ ଜ୍ଞାନ ରଥ ଯୋଗଦାନ କରିଥିଲେ। ଏହି ଦିବସର ଅନ୍ୟ ଏକ ସ୍ମରଣୀୟ ସଂଯୋଗ ମଧ୍ୟ ରହିଥିଲା। ତାହା ଥିଲା, ଏକନମ୍ବର ହଲ୍ ସନ୍ନିକଟ କକ୍ଷରେ ଏହି ଅନୁଷ୍ଠାନ ଦ୍ୱାରା ପ୍ରଥମ କରି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ବ୍ୟଙ୍ଗଚିତ୍ରକଳାର ପ୍ରଦର୍ଶନୀ କରାଯାଇଥିଲା। ଯେଉଁଥିରେ ବିରଜା ରାଉତରାୟ, ଧର୍ମଦର୍ଶୀ କରଙ୍କ ପରି ଯୁବପିଢ଼ିର ଚିତ୍ରଶିଳ୍ପୀମାନଙ୍କ ବ୍ୟଙ୍ଗଚିତ୍ର ପ୍ରଦର୍ଶିତ ହୋଇଥିଲା। କଲେଜ ପଡିଆରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ୟାରେଡର ସମାପନ ପରେ ତତ୍କାଳୀନ ଜିଲ୍ଲାପାଳ ଏହି ପ୍ରଦର୍ଶନୀକୁ ଆସି ଉଦ୍‌ଘାଟନ କରିଥିଲେ।

କବି ଗୁରୁ ରବୀନ୍ଦ୍ରନାଥ ବଙ୍ଗଳା ସାହିତ୍ୟରେ ନବ ତାରୁଣ୍ୟର ଝଙ୍କାର ତୋଳି ଆତ୍ମପ୍ରକାଶ କରିଥିବା କଲ୍ଲୋଳ ଯୁଗର କବିମାନଙ୍କୁ ଉପଲକ୍ଷ୍ୟ କରି ଏକଦା, "ଓରେ ସବୁଜ ଓରେ ଅବୁଝ ଓରେ କାଞ୍ଚା ଅଧମରାଦେର ଘା ମେରେ ତୁଇ ବାଁଚା।" ପରି କବିତାର ସମ୍ବୋଧନରେ ସତେଜତା ଓ ଜାଗ୍ରତପଣର ସାହାନାଇ ଶୁଣାଇଥିଲେ।

ବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକର ପରବର୍ତ୍ତୀ କିୟତକାଳ ଅବିକଳ ସେହିପରି ଜୀବନ, ଯୌବନ ଓ ସବୁଜିମାରନବ ଉନ୍ମାଦର ସାହିତ୍ୟ ସୃଷ୍ଟି କରିଥିଲା ସବୁଜ ଯୁଗ। ଏକ ସଂକ୍ଷିପ୍ତ ଅବଧିର ହେଲେ ହେଁ ଓଡ଼ିଆ ସାହିତ୍ୟରେ ସେମାନଙ୍କ ଚିରସ୍ଥାୟୀ ମୁଦ୍ରାଙ୍କ ଯଦିଓ ସ୍ୱଳ୍ପ ଅଥଚ ସ୍ୱକୀୟ ବିଭବ ବିଶିଷ୍ଟତାରେ ମଣ୍ଡିତ। ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ସାହିତ୍ୟ ଇତିହାସରେ ତାରୁଣ୍ୟତାର ସୃଜନ ଆଭାରେ ଏହି "ଜାଗରୂକ"ର ଉପସ୍ଥିତି ଯଦିଓ ମାତ୍ର କେଇଟା ବର୍ଷର ଏକ ସଂକ୍ଷିପ୍ତ ଉଡାଣ, କିନ୍ତୁ ସେଇ ଉଡାଣର ସୀମିତ ଅବଧି ସୃଜନର ଅନନ୍ୟ ତୂର୍ଜନାଦରେ ପ୍ରକମ୍ପିତ। ଏହା ଅବଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ଇତିହାସର ଲମ୍ବା କାଳଖଣ୍ଡରେ ଏକ ସବୁଜଯୁଗୀୟ ଛାପ ପରି ସତେଜତାର ବାସ୍ନା ଧରି ସର୍ବଦା ପ୍ରତୀୟମାନ ହୋଇ ରହିଥିବ।


● ବିରଜା ରାଉତରାୟ
ମାଧପୁର,କେନ୍ଦ୍ରାପଡ଼ା
୯୬୫୮୮୧୦୨୪୪

ଅକ୍ଷର
AKHYARA ODISHA ଓଡ଼ିଶା

# ସିଜେପିର ସମର୍ଥକ ସଂଖ୍ୟା ୧୮ ନିୟୁତ ଟପିଲା



ଭୁବନେଶ୍ୱର ୨୩/୦୫ :କକ୍ରୋଚ୍ ଜନତା ପାର୍ଟି (ସିଜେପି) ଏକ ଭାଇରାଲ୍, ରାଜନୈତିକ ବ୍ୟଙ୍ଗ ଆନ୍ଦୋଳନ ଯାହା ୨୦୨୬ ମେ ମାସରେ ଭାରତୀୟ ସାମାଜିକ ଗଣମାଧ୍ୟମରେ ଦେଖାଦେଇଛି ।ଏହି ଆନ୍ଦୋଳନ ୩୦ ବର୍ଷୀୟ ଲୋକ ସମ୍ପର୍କ ସ୍ନାତକ ଏବଂ ପୂର୍ବତନ ରାଜନୈତିକ ରଣନୀତିଜ୍ଞ ଅଭିଜିତ୍ ଦୀପକେଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏ। ଏକ କୋର୍ଟ ଶୁଣାଣି ସମୟରେ ଭାରତର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଏକ ମୌଖିକ ମନ୍ତବ୍ୟର ସିଧାସଳଖ ପ୍ରତିକ୍ରିୟାରେ ସୃଷ୍ଟି ହୋଇଥିଲା।ମୁଖ୍ୟ ବିଚାରପତି ସୋସିଆଲ ମିଡିଆ ଏବଂ କର୍ମୀ ସ୍ଥାନଗୁଡ଼ିକରେ କିଛି ସ୍ୱରସମ୍ମତ, ବେକାର ଯୁବକଙ୍କୁ କକ୍ରୋଚ୍ ଏବଂ ପରଜୀବୀ ସହିତ ତୁଳନା କରିଥିଲେ। ଯଦିଓ ଭାରତର ମୁଖ୍ୟ ବିଚାରପତି ପରେ ସ୍ପଷ୍ଟ କରିଥିଲେ ଯେ ତାଙ୍କ ମନ୍ତବ୍ୟକୁ ଭୁଲ ଭାବରେ ଉଦ୍ଧୃତ କରାଯାଇଥିଲା ଏବଂ ବିଶେଷ ଭାବରେ ଯୁବକମାନଙ୍କ ବଦଳରେ ନକଲି ଡିଗ୍ରୀ ସହିତ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରାଯାଇଥିଲା, ଏହି ବିବୃତ୍ତି ଉଚ୍ଚ ବେକାରୀ ହାରର ସମ୍ମୁଖୀନ ହେଉଥିବା ଯୁବ ଭାରତୀୟଙ୍କ ମଧ୍ୟରେ ବ୍ୟାପକ କ୍ରୋଧ ସୃଷ୍ଟି କରିଥିଲା।ଶ୍ରୀ ଦୀପକେ ଏହି ହତାଶାର ଲାଭ ଉଠାଇ ଅନଲାଇନରେ କକ୍ରୋଚ୍ ଜନତା ପାର୍ଟି ସୃଷ୍ଟି କରିଥିଲେ, ଏହାକୁ ଯୁବପିଢ଼ିଙ୍କ ପାଇଁ ଏକ ହାସ୍ୟରସପୂର୍ଣ୍ଣ ଗୋଷ୍ଠୀ ଭାବରେ ପ୍ରସ୍ତୁତ କରିଥିଲେ। ଡିଜିଟାଲ୍ ଆନ୍ଦୋଳନ ଅଭୂତପୂର୍ବ ହାରରେ ବୃଦ୍ଧି ପାଇଲା, ପାଞ୍ଚ ଦିନ ମଧ୍ୟରେ ଇନଷ୍ଟାଗ୍ରାମରେ ୧୮ ନିୟୁତ ଅନୁଗାମୀରେ ଅତିକ୍ରମ କଲା, ଯାହା ଏହାକୁ ପ୍ରତିଷ୍ଠିତ ମୁଖ୍ୟଧାରାର ରାଜନୈତିକ ସଂଗଠନଗୁଡ଼ିକର ସରକାରୀ ଅନୁଗାମୀ ସଂଖ୍ୟାକୁ ଅତିକ୍ରମ କରିବାକୁ ଅନୁମତି ଦେଇଥିଲା। ଏହା ସହିତ, ଅନଲାଇନ୍ ଫର୍ମ ମାଧ୍ୟମରେ ସଦସ୍ୟତା ପାଇଁ ୩,୫୦,୦୦୦ ରୁ ଅଧିକ ଲୋକ ଦସ୍ତଖତ କରିଛନ୍ତି ।ଦଳ ନିଜକୁ ଧର୍ମନିରପେକ୍ଷ, ସମାଜବାଦୀ, ଗଣତାନ୍ତ୍ରିକ ଏବଂ ଅଳସୁଆ ଭାବରେ ବର୍ଣ୍ଣନା କରି ଅତ୍ୟନ୍ତ ବ୍ୟଙ୍ଗାତ୍ମକ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରେ। ଏହାର ନକଲି ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ସଦସ୍ୟମାନଙ୍କୁ ବଳପୂର୍ବକ, ପସନ୍ଦ କିମ୍ବା ନୀତି ଦ୍ୱାରା ବେକାର ରହିବା ଆବଶ୍ୟକ, ଦିନକୁ ଅତି କମରେ ୧୧ ଘଣ୍ଟା ପାଇଁ ଦୀର୍ଘକାଳୀନ ଭାବରେ ଅନଲାଇନ୍ ରହିବା ଏବଂ ବୃତ୍ତିଗତ ଭାବରେ କଥା କହିବା ପାଇଁ ସକ୍ଷମ ହେବା ଆବଶ୍ୟକ। ହାସ୍ୟରସ ସତ୍ତ୍ୱେ, ସିଜେପି ସ୍ନାତକ ବେକାରୀ, ପ୍ରଶ୍ନପତ୍ର ଲିକ୍ ଏବଂ ସଂସ୍ଥାଗତ ଦାୟିତ୍ୱ ସମେତ ଗମ୍ଭୀର ସାଂଗଠନିକ ଚିନ୍ତାଧାରାକୁ ଉଜ୍ଜ୍ୱଳ କରିଥାଏ। ଏହାର ନକଲି ଘୋଷଣାପତ୍ରରେ ବିଚାରପତିଙ୍କ ପାଇଁ ଅବସର ପରବର୍ତ୍ତୀ ସରକାରୀ ପଦବୀକୁ ନିଷିଦ୍ଧ କରିବା ଏବଂ ରାଜନୈତିକ ଦଳତ୍ୟାଗୀମାନଙ୍କ ପାଇଁ କଠୋର ଦଣ୍ଡ ଲାଗୁ କରିବା ଭଳି ଦାବି ଅନ୍ତର୍ଭୁକ୍ତ। ଆନ୍ଦୋଳନରେ ଅଫଲାଇନ୍ କାର୍ଯ୍ୟକଳାପ ମଧ୍ୟ ଦେଖାଯାଇଛି, ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏବଂ ସମ୍ପ୍ରଦାୟ ସଫେଇ ଅଭିଯାନ ସମୟରେ ଯୁବ ସ୍ୱେଚ୍ଛାସେବକମାନେ କକ୍ରୋଚ ପୋଷାକ ପିନ୍ଧିଛନ୍ତି। ପ୍ରମୁଖ ବିରୋଧୀ ରାଜନେତା ଏବଂ କର୍ମୀମାନେ ଅନଲାଇନ୍ ଧାରା ସହିତ ଜଡିତ ହୋଇଛନ୍ତି। ଏହି ବିଶାଳ ଆକର୍ଷଣ ଦ୍ରୁତ ଡିଜିଟାଲ୍ ଘୃଣାର ସମ୍ମୁଖୀନ ହୋଇଛି, ଆଇନଗତ ଦାବି ପରେ ଭାରତରେ ଏକ୍ସ ଉପରେ ଦଳର ପ୍ରାଥମିକ ଆକାଉଣ୍ଟକୁ ସ୍ଥଗିତ ରଖାଯାଇଛି, ଯାହା ଆୟୋଜକମାନଙ୍କୁ ବିକଳ୍ପ ହ୍ୟାଣ୍ଡେଲ ଆରମ୍ଭ କରିବାକୁ ଏବଂ ଆଇନଗତ ପ୍ରତିକାର ଖୋଜିବାକୁ ବାଧ୍ୟ କରିଛି। ତେବେ ଇନଷ୍ଟାଗ୍ରାମରେ ସମର୍ଥକଙ୍କ ସଂଖ୍ୟା ବଢିବାରେ ଲାଗିଛି ।

# ବାଲିଘାଟରେ ଅତର୍କିତ ଚଢ଼ାଉ

ବାରଙ୍ଗ ୨୩/୦୫ : ନଦୀକୁ କୋରି ଲୁଟି ନେଉଛନ୍ତି ବାଲି। ବାଲିମାଫିଆଙ୍କ ଦେରାମ୍ୟ ଏତେ ବଢ଼ି ଯାଇଛି ଯେ ସାଧାରଣ ଲୋକେ ଏହାକୁ ବିରୋଧ କରିବାକୁ ସାହସ କରି ପାରୁନାହାନ୍ତି। ପ୍ରତିଦିନ ଶହଶହ ହାଇୱାରେ ବେଆଇନ୍ ଭାବେ ନଦୀରୁ ବାଲିଉଠାଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମାଫିଆମାନେ ଚାଲାଣ କରୁଛନ୍ତି। ତେବେ ଆଜି ଭୁବନେଶ୍ୱର ଉପକଣ୍ଠ କଲ୍ୟାଣପୁର ନିକଟ କୁଆଖାଇ ବାଲିଘାଟରୁ ବେଆଇନ ଭାବେ ବାଲିଚଲାଣ ବେଳେ ଭୁବନେଶ୍ୱର କମିସନରେଟ ପୁଲିସ ଚଢ଼ଉ କରିଛି। ଜୋନ୍ ୬ ଏସିପି ସୋନାଲି ସିଂ ପରମାରଙ୍କ ତତ୍ତ୍ୱାବଧାନରେ ଚଢାଉ

## ୩୫ ହାଇୱା ଓ ୧ ଜେସିବି ଜବତ



ବେଳେ କଲ୍ୟାଣପୁର ଘାଟଠାରୁ ଆରମ୍ଭ କରି ନଦୀ ମଧ୍ୟ ଦେଇ ଅପରପାର୍ଶ୍ୱ ପର୍ଯ୍ୟନ୍ତ ବହୁ ସଂଖ୍ୟକ ହାଇୱାରେ ଜେସିବି ଯୋଗେ ବାଲି ବୋଝେଇ ହେଉଥିବା ଦେଖି ପୁଲିସର ଆଖି ଖୋସି ହୋଇଯାଇଥିଲା। ପୁଲିସ ଆସିବା ଦେଖି ହାଇୱା ଓ ଜେସିବି ଚାଳକ, ଘାଟ ମାଲିକଙ୍କ ପରିଚାଳକମାନେ ଦୌଡି ପଳାଇ ଥିଲେ। ଯିବା ବେଳେ ହାଇୱାର ଷ୍ଟିୟରିଂ ଓ ଡୋର ଲକ କରି ଚାବି ନେଇ ପାଳାଇଥିଲେ। ପୁଲିସ ମେକାନିକ୍ ଡକାଇ ହାଇୱାର କାଚ ଭାଙ୍ଗି ଡୋର ଲକ୍ ଓ ଷ୍ଟିୟରିଂ ଲକ୍ କାଟିଥିଲା। ପରେ ଡ୍ରାଇଭର ଆଣି ବାଲି ଘାଟରୁ ଗାଡ଼ିଗୁଡ଼ିକୁ ଜବତ କରିଥିଲା। କିଛି ଗାଡ଼ିମାଲିକ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଗାଡ଼ିଚାବି ଦେବାରୁ, ସେମାନଙ୍କ ଗାଡିକୁ ପୁଲିସ ଜବତ କରିଥିଲା। ପୁଲିସ ମୋଟ୍ ୩୮ଟି ହାଇୱା ଓ ଗୋଟିଏ ଜେସିବି ମେସିନ ଜବତ କରିଥିବା ସୂଚନା ମିଳିଛି। ସବୁ ଗାଡ଼ିମାଲିକ ଓ ଘାଟ ପରିଚାଳକଙ୍କ ନାମରେ ମକଦମା ରୁଜ କରାଯାଇ ଭୁବନେଶ୍ୱର କୋଟକୁ ପଠାଯାଇଛି। ଚଢାଉରେ ନନ୍ଦନକାନନ ଥାନା ଅଧିକାରୀ ବିଭୂତି ଭୂଷଣ ମୁଦୁଲି, ଚନ୍ଦକା ଥାନା ଅଧିକାରୀ ସମୀତା ମିଶ୍ର, ମଞ୍ଚେଶ୍ୱର ଥାନା ଅଧିକାରୀ ଗୟାଧର ନାୟକଙ୍କ ସମେତ ଜୋନ୍ ୬ର ଅଧିକାରୀ କର୍ମଚାରୀଙ୍କ ସହ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ସୂଚନା ଯୋଗ୍ୟ ପୂର୍ବରୁ ମଧ୍ୟ କଲ୍ୟାଣପୁର ବାଲି ଘାଟରେ ଚୋରା ଚଲାଣ ହେଉଥିବା ଜନସାଧାରଣଙ୍କ ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା। ଏବେ ଏହି କଲ୍ୟାଣପୁର ବାଲିଘାଟ ନିଲାମ ନେବା ପରେ ପ୍ରଶାସନ ଓ ନ୍ୟାୟାଳୟର ନିର୍ଦ୍ଦେଶକୁ ଅବଜ୍ଞା କରି ବାଲି ଉଠାଯାଇଥିବା ଅଭିଯୋଗ ହେଉଥିଲା। ନିର୍ଦ୍ଧାରିତ ସୀମା ଅତିକ୍ରମ କରି , ପୁଣି ଅଧିକ ଗଭୀରରେ ଖନନ କରି ବାଲି ଉଠା ଯାଉଥିବାରୁ ପରିବେଶ ନଷ୍ଟ ହେଉଛି, ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଥିଲା। ନଦୀକୁ ଗାଧୋଇ ଯାଉଥିବା ଜନସାଧାରଣ ବାଲି ଉଠାଣ ଦ୍ୱାରାସୃଷ୍ଟି ହୋଇଥିବା ଗଭୀର ଖାଲରେ ଭାସିଯାଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ମଧ୍ୟ ହେଉଥଲା। ବାଲିଘାଟ ମାଲିକ କୋର୍ଟକୁ ଯାଇ ବାଲି ଉଠାଇବା ଲାଗି ଅନୁମତିପ୍ରାପ୍ତ ହୋଇଥିବା ନିର୍ଦ୍ଦେଶନାମାପୁଲିସକୁ ଦେଖାଇଛନ୍ତି। ପୁଲିସ ପ୍ରେସ୍ ନୋଟ ଜାରି କରି କହିଛି ଯେ ନନ୍ଦନକାନନ ଥାନା ପୁଲିସ ଯାଞ୍ଚ ବେଳେ ବାଲି ପରିବହନ ଲାଗି ୱାଇ ଫର୍ମ ନ ଥିବାରୁ ଚଢାଉ କରାଯାଇଛି। ବାଲିଅନ୍ତା ବଜାର: ବାଲିଅନ୍ତା ଥାନା ଅଧୀନ କୁଆଖାଇ ନଦୀରୁ ବେଆଇନ ଭାବେ ଦିନ ଦ୍ୱିପ୍ରହରରେ ବାଲି ଚାଲାଣ ଅଭିଯୋଗରେ ଦୁଇଟି ବାଲି ବେଝୋଇ ହାଇୱାକୁ ବାଲିଅନ୍ତା ପୁଲିସ ଚଢ଼ଉ କରି ଜବତ କରି ଥାନାକୁ ଆଣିଥିଲେ। କିଛିଦିନ ହେବ ଅଞ୍ଚଳରେ ବେଆଇନ ଭାବେ ଲଘୁଜ ଖଣିଜ ସମ୍ପଦ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ନିମନ୍ତେ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବାଲିଅନ୍ତା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ସମୟ ଗାଡ଼ିରେ ସଠିକ୍ କାଗଜପତ୍ର ଦେଖାଇ ପାରିନଥିଲେ। ତା' ସହିତ ବେଆଇନ ଭାବେ ବାଲି ଚାଲାଣ କରୁଥିଲା। ପୁଲିସ ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଗାଡ଼ି ଚାଳକ ଦ୍ୱୟକୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଶିବରାମ ସେଠୀ ଓ ରାମ ମାରାଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ବାଲିପାଟଣାରେ ଚୋରଙ୍କ ରାଜ୍

## ୬ ଭରି ସୁନା ଓ ଦେଢ଼ ଲକ୍ଷ ନଗଦ ଟଙ୍କା ଲୁଟ

ବାଲିପାଟଣା ୨୩/୦୫ : ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ଏବଂ ବନମାଳୀପୁର ଫାଣ୍ଡି ଅଞ୍ଚଳରେ ଚୋରଙ୍କ ରାଜ୍ ଚାଲିଛି । ବନମାଳୀପୁର ବଜାର ବାସୁଦେବ ଜୁଏଲାରୀ ଏବଂ ବୁଦ୍ଧିକେଶ୍ୱର ମନ୍ଦିରରୁ ଚୋରି ହୋଇଛି । ଗତକାଲି ରାତିରେ ବାଲିପାଟଣା ଥାନା ଅଠାନ୍ତର ମେଡିକାଲ ଛକରୁ ଗତକାଲି ବିଳମ୍ବିତ ରାତିରେ ବଡ ଧରଣ ଲୁଟପାଟ ହୋଇଛି । ସରଦେଇପୁର ନିମାପଡା ରାସ୍ତାର ଅଠାନ୍ତର ମେଡିକାଲ ଛକରେ ବସନ୍ତଡିହ ଗ୍ରାମ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଘର କିଣି କିଛି ବର୍ଷ ହେଲା ପରିବାର ସହ ରହୁଛନ୍ତି ।ଯାତ୍ରା ଦେଖିବା ହେଲା କାଳ ଗତକାଲି ସନ୍ଧ୍ୟା ବେଳେ ପୂର୍ଣ୍ଣ ଚନ୍ଦ୍ର ଘର ତାଲା ଦେଇ ନିଜ ଗାଁକୁ ପରିବାର ସହ ଯାତ୍ରା ଦେଖିବାକୁ ଯାଇଥିଲେ । ଭୋର ୫ ଟାରେ ଘରକୁ ଫେରିଥିଲେ । ଆଗ ଗ୍ରିଲ ଏବଂ କବାଟ ତାଲା ଭଙ୍ଗା ହୋଇଥିବା ଦେଖିଥିଲେ । ଘର ଭିତର ସମସ୍ତ ରୁମରେ ଚୋର ପଶି ଭଙ୍ଗା ରୁଜା ସହ ବହୁ ଆସବାବ ପତ୍ର ଫୋପଡା ଫିଙ୍ଗା କରିଥିଲେ । ଆଲମିରା ବାକ୍ସ ଭାଙ୍ଗି ଦୁର୍ବୃତ୍ତ ମାନେ ୬ ଭରିରୁ ଅଧିକ ସୁନା ଅଳଙ୍କାର ଏବଂ ନଗଦ ଦେଢ଼ ଲକ୍ଷ ଟଙ୍କା ନଗଦ ଲୁଟି ନେଇଛନ୍ତି । ଚୋରି ସାମଗ୍ରୀ ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଖବର ପାଇ ପୁଲିସ ପିସିଆର ଘଟଣା ସ୍ଥଳ ତଦନ୍ତ କରି ଫେରିଛି । ଚୋରମାନେ ବ୍ୟବହାର କରୁଥିବା ଗୋଟିଏ ଗାମୁଛା ଛାଡି ଚାଲି ଯାଇଛନ୍ତି । ପୁଲିସ ଚୋରି ଘଟଣାର ପର୍ଦାଫାଶ କରିବାକୁ ସାଧାରଣରେ ଦାବି ହୋଇଛି ।

# ରାତି ଅଧରେ ବିଦ୍ୟୁତ୍ ଅଫିସ ଘେରିଲେ ଭରତପୁରବାସୀ



ଖଣ୍ଡଗିରି ୨୩/୦୫ : ଗତକାଲିଠାରୁ ଭରତପୁର ଅଞ୍ଚଳରେ ଲାଗି ରହିଥିବା ଘନଘନ ବିଜୁଳି କାଟ୍ ଯୋଗୁଁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଆଜି ସକାଳେ ଲୋକେ ଭରତପୁର ସେକ୍ସନ ଅଫିସ ଘେରଉ କରିଥିଲେ ଏବଂ କିଛି ସମୟ ପାଇଁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ପୁଣି ଲାଇନ୍ କଟିଲା। ମରାମତି ବିଳମ୍ବିତ ହେବାରୁ ଲୋକେ ରାତି ଅଧରେ ପୁଣି ସେକ୍ସନ ଅଫିସରେ ଧାରଣା ଦେଇଥିବା ଜଣାପଡ଼ିଛି। ଉତ୍ୟକ୍ତ ଲୋକଙ୍କୁ ଦେଖି ଅଧିକାରୀମାନେ ମୋବାଇଲ ବନ୍ଦ କରି ପଳାଇଥିବା ଜଣାପଡ଼ିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ ପୂର୍ବ ସୂଚନା ନଦେଇ ଗତକାଲି ରାତି ୧୨ଟାରୁ ବିଦ୍ୟୁତ୍ କାଟି ଦିଆଯାଇଥିଲା। ବହୁ ଅଭିଯୋଗ ପରେ ସକାଳ ୮ଟାରେ ଲାଇନ୍ ଆସିଥିଲା। ପୁଣିଥରେ ମଧ୍ୟାହ୍ନ ୧୨ଟା ବେଳକୁ ବିଜୁଳି କାଟ୍ ହୋଇ ସନ୍ଧ୍ୟା ସୁଦ୍ଧା କରେଣ୍ଟ ଆସି ନଥିଲା। ବାରମ୍ବାର ବିଦ୍ୟୁତ୍ କର୍ମଚାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କେଣସି ପଦକ୍ଷେପ ନିଆଗଲା ନାହିଁ। ଘରେ ଲାଇନ୍ ନଥିବାରୁ ପାଣି ସମସ୍ୟା ଦେଖାଦେବା ସହିତ ଶିଶୁ ଓ ରୋଗୀମାନେ ନାନା ହଇରାଣର ଶିକାର ହୋଇଥିଲେ। ଲୋ-ଭୋଲଟେଜ୍ ସମସ୍ୟା କାରଣରୁ ଘରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଉପକରଣ ପୋଡ଼ି ଯାଉଥିବା ଭରତପୁର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଜି ସ୍ଥାନୀୟ ଲୋକେ ସେକ୍ସନ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ପହଞ୍ଚିଥିବା ବେଳେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ବହୁ ସମୟ ଧରି ଅପେକ୍ଷା କରିବା ପରେ ମଧ୍ୟ କେଣସି କର୍ମଚାରୀଙ୍କ ଦେଖା ପାଇନଥିଲେ। ବିଭାଗୀୟ ଯନ୍ତ୍ରୀ ମୋବାଇଲ୍ ସୁଇଚ୍ ଅଫ୍ କରି ଲୋକଙ୍କୁ ଦେଖା ଦେଇନଥିଲେ। ଅଫିସ୍ ଖୋଲାଥିଲା। ଅଫିସ୍‌ରେ ଏସି ଚାଲୁଥିଲା। ମାତ୍ର କେଣସି କର୍ମଚାରୀ ନଥିଲେ। ତେଣୁ ଶତାଧିକ ଲୋକେ ସେକ୍ସନ ଅଫିସ୍ ଆଗରେ ବସି ରହିଥିଲେ।

# ପଠାଣି ସାମନ୍ତ ପ୍ଲାନେଟାରିୟମ୍ ମାସେ ହେଲା ସୋ' ବନ୍ଦ

ଭୁବନେଶ୍ୱର ୨୩/୦୫ : ଓଡ଼ିଶାର ପ୍ରଥମ ପ୍ଲାନେଟାରିୟମ୍ ଅଚଳ ହୋଇପଡ଼ିଛି। ଦିନେ କି ସପ୍ତାହେ ନୁହେଁ। ମାସେ ହେଲା ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନଟାରିୟମରେ କେଣସି ସୋ' ଚାଲୁ ନାହିଁ। ଆଗରୁ ଭିତ୍ତିଭୂମି ଦୁର୍ବଳ ହୋଇଥିବା ବେଳେ ଏବେ ସୋ' ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ଦୈନିକ ପ୍ରାୟ ହଜାରେ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ବିଶେଷକରି ଏବେ ଖରାଛୁଟି



ହୋଇଥିବାରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ସୋ' ଦେଖିବାକୁ ଆସୁଛନ୍ତି। ହେଲେ ସୋ' ଚାଲୁ ନଥିବାରୁ ନିରାଶ ହୋଇ ଫେରୁଛନ୍ତି। ବୈଷୟିକ ସମସ୍ୟା ପାଇଁ ସୋ' ବନ୍ଦ ହୋଇଥିବା ସମ୍ପର୍କରେ ପ୍ଲାନିଟାରିୟମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୋଟିସ୍ ମରାଯାଇଛି। ହେଲେ କେବେ ଖୋଲିବ ସେ ନେଇ କର୍ମଚାରୀଙ୍କ ପାଖରେ କେଣସି ସୂଚନା ନାହିଁ। ଏପ୍ରିଲ ୨୧ରୁ ସୋ' ବନ୍ଦ ହୋଇଥିଲେ ମଧ୍ୟ ମରାମତି ଦିଗରେ କର୍ତ୍ତୃପକ୍ଷ ଆଦେ ଧ୍ୟାନ ଦେଉନାହାନ୍ତି। ବିଜ୍ଞାନ ଓ ବୈଷୟିକ ବିଭାଗର ଅଧିକାରୀମାନେ ମଧ୍ୟ ସବୁ ଜାଣି ଆଖି ବୁଜି ଦେଇଛନ୍ତି। ଏଭଳି ପ୍ରଥମ ଥର ପାଇଁ ହୋଇନାହିଁ। ପୂର୍ବରୁ ଅନେକ ଥର ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ଯନ୍ତ୍ରପାତି ଖରାପ ହେଲେ ମରାମତି ହେବାକୁ ମାସ ମାସ ଲାଗିଯାଏ। ଅଧିକାଂଶ ସମୟ ଯନ୍ତ୍ରପାତି ଭାଙ୍ଗିଗଲେ କି ଅଚଳ ହେଲେ ସଜଡ଼ା ହୁଏ ନାହିଁ। ସେଭଳି ପଡ଼ି ରହେ। ବାରମ୍ବାର ଏଭଳି ସମସ୍ୟା ଲାଗିରହୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏଠାରେ ଓଡ଼ିଆ, ହିନ୍ଦୀ, ଇଂରାଜୀ ଭାଷାରେ ସୋ' ଚାଲୁଥିଲା। ଅପରାହ୍ଣ ୨ଟାରେ ଓଡ଼ିଆ ଭାଷାରେ 'ଅନ୍ତରୀକ୍ଷରେ ଜୀବନ' ଅନୁଷ୍ଠିତ ହେଉଥିବା ବେଳେ ୩ଟାରେ ହିନ୍ଦୀ ଭାଷାରେ 'ବିଶ୍ୱର ଜୀବନ', ୪ଟାରେ ଇଂରାଜୀ ଭାଷାରେ 'ବିଚିତ୍ର ବିଶ୍ୱ' ଓ ଅପରାହ୍ଣ ୫ଟାରେ ପୁଣିଥରେ ଓଡ଼ିଆ ଭାଷାରେ 'ଅନ୍ତରୀକ୍ଷରେ ଜୀବନ' ପ୍ରଦର୍ଶିତ ହେଉଥିଲା। ଏବେ ପିଲାମାନେ ଆଗ୍ରହର ସହ ସୋ' ଦେଖିବାକୁ ଆସୁଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଛାତ୍ର ଅନିମେଶ ଅଧିକାରୀଙ୍କ କହିବା କଥା ଏବେ ସ୍କୁଲ୍ ଛୁଟି ଅଛି। ଓଡ଼ିଶାର ପ୍ରଥମ ପ୍ଲାନେଟାରିୟମ୍ ? ଅଚଳ ହୋଇପଡ଼ିଛି। ଦିନେ କି ସପ୍ତାହେ ନୁହେଁ। ମାସେ ହେଲା ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନଟାରିୟମରେ କେ ?ଣସି ସୋ' ଚାଲୁ ନାହିଁ। ଆଗରୁ ଭିତ୍ତିଭୂମି ଦୁର୍ବଳ ହୋଇଥିବା ବେଳେ ଏବେ ସୋ' ସମ୍ପୂର୍ଣ୍ଣ ବନ୍ଦ ପ୍ଲାନଟାରିୟମରେ ସୋ ଦେଖିବାକୁ ଆସିଥିଲୁ। ହେଲେ ଏହା ବନ୍ଦ୍ ଅଛି ।ପ୍ରସ୍ତୁତ ହେବାକୁ ମାସେ ଲାଗିବ: ନିର୍ଦ୍ଦେଶିକା ପ୍ଲାନେଟାରିୟମ୍ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା କହିଛନ୍ତି ଯେ, ପ୍ଲାନେଟାରିୟମର ଉନ୍ନତୀକରଣ ପାଇଁ ବୁଝାମଣପତ୍ର ସ୍ୱାକ୍ଷରିତ ହୋଇଛି। ଉନ୍ନୟନ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବା ପାଇଁ ବୈଷୟିକ ଦଳ ଆସିଥିଲେ। ଆସନ୍ତା ମାସ ସୁଦ୍ଧା ଡିପିଆର୍ ମିଳିଯିବ। ଏହାପରେ ଏହାର କାମ ଆରମ୍ଭ ହେବ। ସେହିଭଳି ସୋ' ପାଇଁ ଥିବା ଏସି ପ୍ଲାଣ୍ଟ୍ ଖରାପ ହୋଇଯାଇଥିବାରୁ ଏହାକୁ ବନ୍ଦ କରାଯାଇଛି। ଏହାର ୱାର୍କ ଅର୍ଡର ଏଇ ସପ୍ତାହରେ ସମ୍ପୃକ୍ତ ସଂସ୍ଥାକୁ ଦିଆଯିବ। ଏହାକୁ ପ୍ରସ୍ତୁତ ହେବାକୁ ମାସେ ସମୟ ଲାଗିପାରେ।

# ତିନି ରଥର ୫ ଜଗତପୃଷ୍ଠ ଶେଣି କାମ ଶେଷ



ପୁରୀ ୨୩/୦୫ : ରଥ ନିର୍ମାଣର ଆଜି ଥିଲା ୨୮ତମ ଦିବସ। ରଥ ନିର୍ମାଣକାରୀ ସେବକ ଖଳାରେ ଉପସ୍ଥିତ ରହି ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ ଆରମ୍ଭ କରିଥିଲେ। ତିନିରଥର ୪୨ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପହି କାଠ ଆସିବା ବିଳମ୍ବ ହେବାରୁ ୩ଟି ଚକ ନିର୍ମାଣ ହୋଇପାରିନଥିଲା। ଆଜି ପହି କାଠ ରଥଖଳାରେ ପହଞ୍ଚିବା ପରେ ଚକ ନିର୍ମାଣ ଆରମ୍ଭ ହୋଇଛି। ତିନି ରଥର ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ବାକି ତିନି ରଥର ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତାକାଲି ସୁଦ୍ଧା ୪୨ଟି ଚକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ସେବକମାନେ ସମ୍ପୂର୍ଣ୍ଣ କରିବା ପରେ ଯନ୍ତାଗାଡ଼କୁ ଆଜି ପୋତାଯାଇଛି। ରଥଖଳାରେ ମହାରଣା ସେବକମାନେ ଧୂଳି ଦଣ୍ଡା ୨ଟି ତିଆରି କରୁଛନ୍ତି। ଚାର ପରିଛା ଗୋଟେ ଶେଷ ହୋଇଥିବା ବେଳେ ଆଉ ଗୋଟେ ହଣା କାର୍ଯ୍ୟ ଚାଲିଛି। ରଥ ଅମିନ ତିନି ରଥ ଚାଳିକୁ ଜଗତପୃଷ୍ଠ ଶେଣି ନିର୍ମାଣ ପାଇଁ ୨୦ ଫୁଟିଆ ଧଉରା ଓ ଅସନ କାଠ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇ ଦେଇଛନ୍ତି। ତିନି ରଥର ମହାରଣା ସେବକ ଜଗତପୃଷ୍ଠ ଶେଣିର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନି ରଥର ଜଗତପୃଷ୍ଠ ଶେଣି ୫ଟି କାର୍ଯ୍ୟ ଶେଷ ହୋଇଛି। ବେଦି ସିଂହାସନ ନିର୍ମାଣ ପାଇଁ ଏହି ଜଗତପୃଷ୍ଠ ଶେଣି ବ୍ୟବହାର ହୋଇଥାଏ। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରାରେ ଠାକୁରଙ୍କ ପୂଜା ନୀତି ଲାଗି କୁରୁମ ପିଢ଼ା, ବିଜେ ଡୋରି, ପଇତା ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ନିଶାଡ଼ିଙ୍କୁ ତଡ଼ିବ ବିଏମ୍‌ସି

# ନିଶାସ୍ଥଳରେ ଚଢ଼ିବ ବୁଲ୍‌ଡୋଜର, ନିଳାଦ୍ରି ବିହାରରେ ଭାଙ୍ଗିଲା ଦୋକାନ

ଭୁବନେଶ୍ୱର ୨୩/୦୫ : ରାସ୍ତାକଡ଼ରେ ଜବରଦଖଲ ଆଳରେ କୁଡ଼ିଆ କରି ନିଶା କାରବାର ଚାଲିଛି। ନିଶାଡ଼ିମାନେ ବି ଏଠାରେ ନିଶାପାନ କରୁଛନ୍ତି ଓ ନାନାଦି ଉତ୍ପାତ କରୁଛନ୍ତି। ଏହା ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡୁଛି ଓ ରାଜଧାନୀ ଭୁବନେଶ୍ୱରର ଚରିତ୍ର ସଂହାର କରୁଛି। ଏହି ନିଶାଡ଼ିଙ୍କୁ ତଡ଼ିବା ଅଭିଯାନ ଆରମ୍ଭ କରିଛି ଭୁବନେଶ୍ୱର ମହାନଗର ନିଗମ। ଏଭଳି ନିଶାଡ଼ିଙ୍କ ପେଣ୍ଠସ୍ଥଳକୁ ଚିହ୍ନଟ କରି ବୁଲ୍‌ଡୋଜର ଚଢ଼ାଇବା ଆରମ୍ଭ କରିଛି ।ଭୁବନେଶ୍ୱରରେ ଛତୁ ଫୁଟିଲା ଭଳି ବସ୍ତି ଗଢ଼ି ଉଠୁଛି। ଜବରଦଖଲ ସଂଖ୍ୟା ବି ମାଳ ମାଳ। ପ୍ରାଥମିକ ପଦକ୍ଷେପ ସ୍ୱରୂପ ୭ ନମ୍ବର ୱାର୍ଡ଼ ଅନ୍ତର୍ଗତ ଶୈଳଶ୍ରୀବିହାରରେ ଏଭଳି ଏକ ସ୍ଥାନ ଚିହ୍ନଟ କରି ଉଚ୍ଛେଦ କରି ଏହା ଉପରେ ବୁଲ୍‌ଡୋଜର ଚଢ଼ାଇଛି ଭୁବନେଶ୍ୱର ମହାନଗର ନିଗମ। ନର୍ଥ ଜୋନ୍ ଆସିଷ୍ଟାଣ୍ଟ ଜୋନାଲ୍ କମିସନ୍ର ବାବୁଲା ଦଳେଇ କହିଛନ୍ତି, ରାସ୍ତାକଡ଼ରେ ଥିବା ଏହି ଦୋକାନରେ ବହୁଦିନରୁ ନିଶା କାରବାର ହେଉଛନ୍ତି ଓ ନିଶାଡ଼ିମାନେ ବସୁଥିବା ଅଭିଯୋଗ ହୋଇ ଆସୁଥିଲା। ପୁଲିସ ପକ୍ଷରୁ ରିପୋର୍ଟ ପରେ ଆମେ ଏହାକୁ ଉଚ୍ଛେଦ କରିଛୁ। ଏଠାରେ ଥିବା ଟିଣ ପକା ଦୋକାନ ଘର ସବୁ ଭଙ୍ଗାଯାଇଛି। ଆଗକୁ ବି ଏହି ଅଭିଯାନ ଜାରି ରହିବ। କିଛି କ୍ଷେତ୍ରରେ ଆମ ପାଖରେ ସିଧାସଳଖ ଅଭିଯୋଗ ଆସୁଛି। ଅଧିକାଂଶ ପୁଲିସ ପକ୍ଷରୁ ରିପୋର୍ଟ ଆସୁଛି। ଏଣୁ କମିସନରେଟ୍ ପୁଲିସ ରିପୋର୍ଟ ଓ ଆମ ରିପୋର୍ଟ ଆଧାରରେ ଏଭଳି ନିଶାସ୍ଥଳ ସବୁ ଚିହ୍ନଟ କରି ଉଚ୍ଛେଦ କରାଯାଉଛି। ଡେପୁଟି କମିସନ୍ର(ଏନ୍‌ଫୋର୍ସମେଣ୍ଟ) ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି, ଏଭଳି ନିଶା କାରବାର ରୋକିବାକୁ ପ୍ରତି ମାସରେ ବିଏମ୍‌ସି, ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ, କମିସନରେଟ୍





ପୁଲିସ ପ୍ରମୁଖଙ୍କୁ ନେଇ ମିଳିତ ବୈଠକ ବସେ। ଏଥିରେ ନିଶାସ୍ଥଳ ଚିହ୍ନଟ ଓ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସେହି ଅନୁସାରେ ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରୁ। ଆଗକୁ ଆମେ ଏହାକୁ ଜୋରଦାର କରିବୁ। ଯେଉଁଠି ବି ଏଭଳି ଜବରଦଖଲ କରି ଦୋକାନ ପକାଇ ନିଶା କାରବାର ଚାଲିଛି ଅବା ନିଶା ସେବନ ହେଉଛି, ତାକୁ ଉଚ୍ଛେଦ କରାଯିବ।୧୬ଗ୍ରାମ୍ ବ୍ରାଉନ୍‌ସୁଗାର୍, ୨୨କେଜି ଗଞ୍ଜେଇ ଜବତଭୁବନେଶ୍ୱର: ଶାନ୍ତିପଲ୍ଲୀବସ୍ତି ନିକଟରେ ବ୍ରାଉନ୍‌ସୁଗାର୍ କାରବାର କରୁଥିବା ବସ୍ତିର ରଞ୍ଜନ ନାୟକ ଓ ରାଜା ନାୟକଙ୍କୁ ସହିଦନଗର ଥାନା ପୁଲିସ ଗିରଫ କରିଛି। ରଞ୍ଜନ ପାଖରୁ ୧୦ ଗ୍ରାମ୍ ଓ ରାଜା ପାଖରୁ ସାଢ଼େ ୬ଗ୍ରାମ୍ ବ୍ରାଉନ୍‌ସୁଗାର୍ ଜବତ ହୋଇଛି। ଶାନ୍ତିପଲ୍ଲୀବସ୍ତି ନିକଟ ଫ୍ଲାଏଓଭର ତଳେ ଆଜି ଉଭୟ ଅଭିଯୁକ୍ତ ଗ୍ରାହକଙ୍କ ଅପେକ୍ଷାରେ ଥିବା ବେଳେ ପୁଲିସ ଚଢ଼ଉ କରି ସେମାନଙ୍କୁ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉଭୟଙ୍କ ପାଖରୁ ଛୋଟଛୋଟ ବ୍ରାଉନ୍‌ସୁଗାର୍ ପୁଡ଼ିଆ ମିଳିଥିଲା। ସେମାନେ ଏହି ବ୍ରାଉନ୍‌ସୁଗାର୍ ବାଲେଶ୍ୱର ଅଞ୍ଚଳରୁ ଆଣିଥିବା ସୂଚନା ମିଳିଛି। ସେହିପରି ମଞ୍ଚେଶ୍ୱର ଥାନା ପୁଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରି ପଶ୍ଚିମବଙ୍ଗ ଦମ୍‌ଦମ୍ ଅଞ୍ଚଳର ମହମ୍ମଦ ଇମ୍ରାନ୍‌କୁ ଗିରଫ କରିଛି। ତା' ପାଖରୁ ୨୨.୬ କେଜି ଗଞ୍ଜେଇ ଜବତ ହୋଇଛି। ସେ ଏହି ଗଞ୍ଜେଇ ନେଇ କୋଲକାତା ଯାଉଥିଲା। ନୟାଗଡ଼ ଅଞ୍ଚଳର ଜାର୍ଫ ନାମକ ଜଣେ ଯୁବକ ତାକୁ ଏକ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ କୋଲକାତା ଚାଲାଣ କରିବାକୁ ଦେଇଥିବା ପୁଲିସ ଜାଣିବାକୁ ପାଇଛି। ପୁଲିସ ଜାର୍ଫକୁ ଧରିବାକୁ ତଦନ୍ତ ଆରମ୍ଭ କରିଛି ।ମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣବାଲିଅନ୍ତା ବଜାର: ବେଆଇନ ମଦ ବିକ୍ରି ଅଭିଯୋଗରେ ଭିଙ୍ଗାରପୁର ରାମଚନ୍ଦ୍ରପୁର ଗ୍ରାମର ସଞ୍ଜୟ ଭୋଇଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଲିଅନ୍ତା ଥାନା ପୁଲିସ ଆଜି ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ବେଣ୍ଟପୁର ନିକଟରେ ସଞ୍ଜୟ ମଦ ବିକ୍ରି କରୁଥିବା ନେଇ ସୂଚନା ପାଇଥିଲା। ଚଢ଼ଉ ସମୟରେ ଅଭିଯୁକ୍ତ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ କାବୁ କରି ଏକ ବୁଦା ନିକଟରେ ସେ ରଖିଥିବା ୮୩ ବୋତଲ ଆସ୍କା ୪୦ ମଦ ଜବତ କରିଥିଲା ।ଏସ୍‌ସିୟୁ ପଞ୍ଝାରେ ଦୁଇ କୁଖ୍ୟାତ ନିଶା ମାଫିଆଭୁବନେଶ୍ୱର: ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର୍ ଆଣି ରାଜଧାନୀର ନିଶା ବେପାରୀଙ୍କୁ ଯୋଗାଉଥିବା ୨ କୁଖ୍ୟାତ ନିଶା ମାଫିଆଙ୍କୁ ସ୍ପେସାଲ୍ କ୍ରାଇମ୍ ୟୁନିଟ୍(ଏସ୍‌ସିୟୁ) ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲ୍ଲା ପୁରୁଣା ବଜାର ଅଞ୍ଚଳର କୁଖ୍ୟାତ ଫକ୍‌ରୁଦ୍ଦିନ୍ ଖାନ୍(୪୪) ଓ ଝାଡ଼ଖଣ୍ଡ ମାଝଗାଁଓ ଅଞ୍ଚଳର ମହମ୍ମଦ ବାଦ୍‌ଶା ଓରଫ ବାଦ୍‌ଶା(୩୨)। ପୁଲିସ ସେମାନଙ୍କ ନିକଟରୁ ୨୯୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର, ଗୋଟିଏ କିଆ କାର୍, ୧୦ ହଜାର ଟଙ୍କା ଏବଂ ମୋବାଇଲ୍ ଫୋନ୍ ଜବତ କରିଛି। ଜବତ ବ୍ରାଉନ୍‌ସୁଗାର୍‌ର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ୩୦ଲକ୍ଷର ବ୍ରାଉନ୍‌ସୁଗାର୍, କାର୍ ଓ ୧୦ ହଜାର ଟଙ୍କା ଜବତସୂଚନା ମୁତାବକ, ବହୁଦିନ ହେବ ଫକ୍‌ରୁଦ୍ଦିନ ପଶ୍ଚିମବଙ୍ଗ, ଜଳେଶ୍ୱର ଆଦି ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀର ନିଶା ବେପାରୀଙ୍କୁ ଯୋଗାଉଥିଲା। ଏସ୍‌ସିୟୁକୁ ଏ ସମ୍ପର୍କରେ ଠୋସ୍ ସୂଚନା ମିଳିବା ପରେ ଟିମ୍ ତା'ର ଗତିବିଧି ଉପରେ ନଜର ରଖିଥିଲା। ଗତକାଲି ଫକ୍‌ରୁଦ୍ଦିନ ଓ ବାଦ୍‌ଶା ଏକ କାର୍‌ରେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ନେଇ ରାଜଧାନୀ ଆସୁଥିବା ଏସ୍‌ସିୟୁ ଟିମ୍‌କୁ ସୂଚନା ମିଳିଥିଲା। ତେଣୁ ଟିମ୍ ସେମାନଙ୍କୁ ଟ୍ରାକିଂ କରିଥିଲା।

## ନ ନେଇ ବି ଦୀକ୍ଷା



ନ ନେଇ ବି ଦୀକ୍ଷା ଅନେକ ଜନତା
ପ୍ରାର୍ଥନା ଜଣାଣ ଗାଏ
ପରର ଅନିଷ୍ଟ ନିନ୍ଦା ଅପବାଦ
କରିବନି ଭାବୁ ଥାଏ ।
ଅହଙ୍କାର ପାଇଁ ମଲା ଯେ ରାବଣ
ରାମାୟଣ ପଢି ଜାଣେ
ତଥାପି ନିଜର ପଦବୀକୁ ନେଇ
ଅହଙ୍କାର ମନେ ଆଣେ ।
ମୁଁ କରିଅଛି ଯେତେକ ଉନ୍ନତି
ପୋଖରୀ କେନାଲ କୂଅ
କଥା କଥା କରେ ସଭାରେ ବସିକି
ମୋ ପରି ଅଛି କେ କୁହ ।
ସାରା ଏ ସଂସାର ଆମ ପରିବାର
ଏମିତି ଭାବନା ଆଣେ
ବିବାହ ସରିଲେ ପିତାମାତାଠାରୁ
ହୋଇଯାଏ ସିଏ ଭିନେ ।
ଗଳିକନ୍ଦି ବସି ହୋଇ ହସା ହସି
ପରନିନ୍ଦା ଗୁଣ କହେ
ଦୀକ୍ଷା ନ ନେଇ କି ଲୋଭ ଈର୍ଷା
ଧାରି
ମଣିଷ ଅଛନ୍ତି ବହେ ।
ଦୀକ୍ଷିତ ହେଉ କି ଅଦୀକ୍ଷିତ ହେଉ
ଯାହାର ସୁଗୁଣ ନାହିଁ
ମଣିଷ ପଣିଆ ରଖରେ ମଣିଆ
ଆଶିଷ ଦେବେ ସେ ସାଇଁ ।

● ଦୀନବନ୍ଧୁ ପୋଇ
ଗୋରଡ଼ା ପାଳ, କରମୁଳ
ଢେଙ୍କାନାଳ, ଦୂରଭାଷ
୯୯୩୮୮୦୨୪୧୨

## ନିଆଁ ଖେଳ



ଜୀବନ ଦୋଛକିର
ରାସ୍ତା ଧାରେ ଧାରେ
ଝଲମଲ ନିଆଁ.........
ସବୁବେଳେ ଜଳୁଥାଏ
କାହାର ନାଁ କାହାର
ସୁକ୍ଷ୍ମ ଅବା ସ୍ଥୁଳ ଅବୟବ.....
ଜଳନ୍ତା ବା କୁହୁଳା
ଯେମିତି ହେଉ ନିଆଁ
ନିଜେ ନଳିଭିବାଯାଏ
ଜାଳୁଥାଏ ସିଏ
ତା ସହ ଖେଳୁଥିବା
ଯେତେସବୁ ରୂପ ରଙ୍ଗ
ଛନ୍ଦ ଅବା ଗନ୍ଧର ଶରୀର ।
ଏଠି ସେଠି ସବୁଠି
ଚାଲିଛି ନିଆଁ ଖେଳ,
କୋଉଠି ପେଟରେ ନିଆଁ
ଆଉ କୋଉଠି ମନରେ
କେଉଁଠି ବନ୍ଧାପଡୁଛି
ମଣିଷର ଭାଗ୍ୟ....
ବାଜି ଲାଗୁଛି ଜୀବନ, ଯୌବନ
କିଏ ସାଜେ ରାଜା ଏଠି
କିଏ ପୁଣି ରଙ୍କ,
କେଇଢ଼ୋକ ପାଣିରେ
ଶୋଷ ମେଣ୍ଟାଇବାକୁ ଚାହୁଁଥିବା
ହନ୍ତସନ୍ତ ମଣିଷ ଗୁଡାକ
ପିଇଯାନ୍ତି ଢ଼ୋକ ଢ଼ୋକ ନିଆଁ ଓ
ପାଣି ତ ମେଣ୍ଟାଏ ଶୋଷ, କିନ୍ତୁ
ସାଗର ମଝିର ଶୋଷ
ଖୁବ ଯନ୍ତ୍ରଣା ଦାୟକ,
ଠିକ ଯେମିତି ମରୁଭୂମିରେ
ପାଣି ମିଳେନା ବୋଲି
ଓଟକୁ ପିଇବାକୁ ହୁଏ
ନିଜ ଓଠ ରକ୍ତ......
ବେଶି ଯନ୍ତ୍ରଣାଦାୟକ
ଆତ୍ମ ଦହନର ନିଆଁ
ସେ ନିଆଁ ଲାଗିଲେ ଥରେ
ଦଗ୍ଧହୁଏ ସର୍ବାଙ୍ଗ ଶରୀର
ବଞ୍ଚି ଥାଉ ଥାଉ ଲାଗେ
ଜୀବନଟା ଛାର....।

● ପରୀକ୍ଷିତ ସାହୁ
ଅଧକ୍ଷ ପଞ୍ଚାୟତ ସମିତି,
ମହାବିଦ୍ୟାଳୟ, ରାଇଘର,
ନବରଙ୍ଗପୁର,
ମୋ-୯୧୭୮୮୫୧୫୭୩

## କାଳବୈଶାଖୀ ଦେଉଛି ଦେଖାଇ



କାଳବୈଶାଖୀ ଦେଉଛି ଦେଖାଇ
କରାଳ ରୂପକୁ ତାର
କାଳ କୋପାନଳୁ ନାହିଁ ନିସ୍ତାର
ଆମେ ତ' ମଣିଷ ଛାର ।

କରୁଛୁ ବିକାଶ ସଭ୍ୟତା ନାମରେ
ଅବାଧରେ ବୃକ୍ଷ କାଟି
କରୁ ଲୁଣ୍ଠନ ଖଣିଜ ସମ୍ପଦ
କାନ୍ଦୁଅଛି ମାଆ ମାଟି
ଗଲାଣି ବିଗିଡି ପାଣିପାଗ ପରା
ନାହିଁ ଆମ ଟିକେ ଡର ।

କଳ କଉଶଳ କରୁଛୁ ଅନେକ
ଜିଣିବା ପାଇଁ ଏ ମହୀ
କୂଟ କପଟତା ସଭାବ ଆମର
ଦେଉ ଧରମର ଦ୍ୱାହି
ଭୋଗ ମରୀଚିକା ପଛେ ଧାଇଁ
ଆମେ
ଅଶାନ୍ତିରେ ଜରଜର ।

କଳିର କଳୁଷ ଭରିଅଛି ବିଷ
ସାରା ଜଗତରେ ଆଜି
ବିଜ୍ଞାନୀ ମଣିଷ ହୋଇଛି ଅଜ୍ଞାନ
ପାଏନାହିଁ ପଥ ଖୋଜି
ହୁଏ ନାରଖାର ସୃଷ୍ଟି ତୁମର
ପ୍ରଭୁ ତୁମେ ରକ୍ଷାକର ।

● ଜେନା ପ୍ରଦୀପ
ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,
ମର୍କତନଗର(ସିଡିଏ) କଟକ,
ମୋ - ୯୯୩୮୫୨୦୩୭୧

## ସମ୍ପର୍କର ମାୟା ଜାଲ



ସମ୍ପର୍କର ମାୟା ଜାଲେ ପଡ଼ିଗଲେ
ପ୍ରାଣ ହୁଏ ଛଟପଟ
ତାହାଠାରୁ ବଳି ଏହି ଜୀବନରେ
ନାହିଁ ଆଉ ବଡ଼ କଷ୍ଟ ।

ଅଜଣା ଅଚିହ୍ନା ବ୍ୟକ୍ତି ସହିତରେ
ନବଢ଼ାଅ ଭାବ ପ୍ରୀତି
ଲୁବ୍ଧକ ପରାୟେ କୁତ୍ସିତ ମନରେ
ପହଞ୍ଚାଇ ଥାଏ କ୍ଷତି ।

ପୟ ମୁଖ ବିଷ କୁମ୍ଭ ପରି ସେହି
କରେ ଭଦ୍ର ଆଚରଣ
ମନରେ ତାହାର କୁତ୍ସିତ ବାସନା
କରିଥାଏ ବାସସ୍ଥାନ ।

ଧନ ଯଉବନ ମଧୁ ହରିନେଇ
ଦିଏ କେତେ ନିର୍ଯ୍ୟାତନା
ସରଳ ବିଶ୍ୱାସ ସବୁଜ ବଳୟ
ନଷ୍ଟ କରେ ପ୍ରବଞ୍ଚନା ।

ସାମାଜିକ ଗଣ ମାଧମରେ ଆଜି
ହୁଅନ୍ତି କେତେ ଶିକାର
କେତେ ମିଠା ମିଠା କଥା ପ୍ରୀତି
ଆଶା
ଚଖାଏ ଧଳା ଜହର ।

ସମ୍ପର୍କ ଯୋ ?ିବା ଆଗରୁ ଚରିତ୍ର
ପରୀକ୍ଷା ନିରୀକ୍ଷା କର
ଅନ୍ଧ ଭାବେ ସାଥି ନକରି ଚୟନ
ଭାବି ଚିନ୍ତି କର ସ୍ଥିର ।

● ବସନ୍ତ କୁମାର ପ୍ରଧାନ
ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ- ୭୭୩୫୬୧୧୪୮୪

## ଗାର



ଗାରକୁ ନିଅନ୍ତୁନି
କେବେବି ହାଲୁକାରେ
ଚିତା ହୋଇ
ଲାଖିଥାଏ ସିଏ କପାଳରେ !

ଭାଗ୍ୟରେଖା ହୋଇ ପୁଣି
ରହିଥାଏ ହାତ ପାପୁଲିରେ
ଜମିରେ ଟାଣି ଦେଲେ ତ
କରିଦିଏ ଭାଗ
ଖାତାରେ ଆଙ୍କିଦେଲେ
ଛାଏଁ ବନି ଯାଏ' ଦାଗ !

ଆଉ ସମ୍ପର୍କରେ ଯଦି
ଟଣା ହୁଏ ଗାର
ଆପେ ହୋଇଯାଏ ଫାଟ !

ତେଣୁ ତ'
ଗାରକୁ ନିଅନ୍ତୁନି
କେବେବି ହାଲୁକାରେ !!

● ଡକ୍ଟର ବାଦଲ କୁମାର ତା
ବାରିଝୋଲା,ରାୟଗଡା
୭୬୫୦୦୨

## ମଧୁର ବଚନ



ମଧୁର ବଚନ ଆସନ ଉଚ୍ଚରେ
ଦେଇଥାଏ ଉଚ୍ଚାସନ,
ମଧୁର ବଚନ ସୁ ସମ୍ପର୍କ ଗଢ଼ଏ
ଦୂର ହୁଏ ଅଭିମାନ ।

କଟୁକଥା ତିକ୍ତ ସମ୍ପର୍କର ମୂଳ
କଣ୍ଟା ବାଡେ ଲୁଗା ପରି,
ସୁଖ ଶାନ୍ତି ସବୁ ଦୂର କରିଦେଇ
କରିଦିଏ ଅନ୍ଧ ପରି ।

ମଧୁର କଥାରେ ସର୍ବେ ବଶୀଭୂତ
ଶତ୍ରୁ ହୋଇ ଆନ୍ତି ମିତ,
ଯୁଗ ଯୁଗ ପାଇଁ କଥା ରହିଯାଏ
ଝୁରୁ ଥାଏ ଯେ ଜଗତ ।

ଟଙ୍କା ଦେଇ ସବୁ କିଣା ଯାଇପାରେ
ସମ୍ପର୍କ ହୁଏନି କିଣି,
ମଧୁର ବଚନେ ଭଲ ଯେ ପାଇବ
ହୃଦୟ କୁ ନେବ ଜିଣି

ଜିଭ ଧାରେ ଛୁରୀ ବିନା ରକ୍ତପାତେ
ହତ୍ୟା କରିଦେଇ ପାରେ
କଟୁ ଶବ୍ଦ ଯଦି ଆପରେ କହିଲେ
ହୃଦୟ ରୁ ରକ୍ତ ଝରେ ।

ପାହାର ଆଘାତ ସହିପାରେ ନର
ସହେନି କଥା ଆଘାତ,
ହସି ହସି ନମ୍ର ମଧୁର ବଚନ
ସବୁ କାର୍ଯ୍ୟ ସିଦ୍ଧ ହୁଏ ସତ ।

ମଧୁର ବଚନେ ପରକୁ ଆପଣା
କରିହୁଏ ଦିବ୍ୟ ସତ,
ମଧୁର ବଚନେ ଗଢ଼ି ହୋଇଯାଏ
ଏକ ହି ସାରା ଜଗତ

● ଅନୁପମା ପଣ୍ଡା
ସମ୍ବଲପୁର

## ସତ୍ ସାହିତ୍ୟ

ଏଥର 'ସତ୍ ସାହିତ୍ୟ' କ୍ରମରେ ସ୍ୱକୀୟ ସୃଜନ ଉତ୍କର୍ଷ ଓ ଆଧାତ୍ମିକତା ପାଇଁ ସୁଖ୍ୟାତ ସାରସତ ବ୍ୟକ୍ତିତ୍ୱ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ 'ବାସ୍ତବତା' ବିଷୟକ ସଂକ୍ଷିପ୍ତ ଅଥଚ ସାଗର୍ଗଭକ ଉପସ୍ଥାପନା !!



### ବାସ୍ତବତା

ଜୀବନର ସବୁ ସପ୍ନ ସରିଯିବା ପରେ ଯାହା କିଛି ରହିଯାଏ,ତାହା ହେଲା ବାସ୍ତବତା !!

-ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

## କବିତା ଓ ଗାଳି

ଧାଡ଼ିଏ ଗପ



କବିତା ପାଠୋତ୍ସବରେ
କବିତା ପାଠ ପାଇଁ
ପହଞ୍ଚିବା ମାତ୍ରେ ତାଙ୍କୁ
ଦେଖି ଗୋଟେ କ୍ରୁର
ହସ ହସି 'ଏଁ , ତମେ
ବି କବିତା ଲେଖିଲଣି ?
'କହି ଏକରକମ ଗାଳି
ଦେଇଥିଲେ ସହରର
ଜଣେ ନାମୀ ମଦ
ବ୍ୟବସାୟୀ ଭାବେ ସୁପରିଚିତ ହୋଇଥିବା ସତ୍ତ୍ୱେ
ମଧ୍ୟେ ମଧ୍ୟେ କବିତା ପାଠୋତ୍ସବ ମାନ ଆୟୋଜନ
କରି ଆସୁଥିବା ସେହି ମହାନ ସାହିତ୍ୟିକ ଜଣକ !

-ସତ୍ୟନାରାୟଣ ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା: ୭୬୫୦୦୧

## ସେ ବୁଝେନା



ବୁଝେନାହିଁ ସିଏ ମନର ଆବେଗ
ବିଦଗ୍ଧ ପ୍ରାଣର ଭାଷା
ତା ପାଇଁକି ଏଠି ଲୁହର ଜୁଆର
ଅୟୁତେ ହୃଦୟ ଆଶାଙ୍କ
ବୁଝେନାହିଁ ସିଏ ଚଞ୍ଚଳ ମନ ମୋ
ତା ପାଇଁ ଅଟକିଯାଏ
ତା ସାଥିରେ ବିତା ସ୍ମୃତି ଫେରୁଥାଏ
ଫେରେନାହିଁ କିନ୍ତୁ ସିଏ ।

ବୁଝେନାହିଁ ସିଏ ପ୍ରତି ପଲକରେ
ଅଧୀର କରେ ତା ସ୍ମୃତି
କ୍ଳାନ୍ତ ନୟନେ ମୋ ମାୟା ମୋହ
ଜାଗେ ପାହେନାହିଁ ଅମାରାତିଙ୍କ
ବୁଝେନାହିଁ ସିଏ ଅଝଟ ମନ ମୋ
ତା ପାଇଁ ଅଧୁରା ଲାଗେ
ଇନ୍ଦ୍ରଧନୁ ଶୋଭା ଲାଗେ ମୋତେ
ଫିକା କି ଅଛି ତା ପ୍ରେମରଙ୍ଗେ !

ବୁଝେନାହିଁ ସିଏ ଅକୁହା ଦରଜ
ଛାତିତଳ ଅବସୋସ
ହଜିଲା ଦିନର କଥା ହେଜି କାହା
ଓଠରୁ ଲିଭିଛି ହସ
ବୁଝେନାହିଁ ସିଏ ବହଳ ଅନ୍ଧାରେ
ଆଖି ହଳେ କାହିଁ ଭିଜେ
ଆସିବନି ସିଏ ଜାଣି ବି ଏ ମନ
ତଥାପି ତାକୁ ହିଁ ଖୋଜେ ।

ଝୁରିବିନି ତାକୁ ଥରଟିଏ କେବେ
ଭାବୁଛି ମୁଁ ଯେତେଥର
ବୁଝନ୍ତା କି ସିଏ ମୋ ଦୁନିଆଁ ସତେ
ତା ବିନା କେତେ ଅନ୍ଧାର !

● ମୋନାଲିସା କର
ଓଡ଼ଗାଁ, ନୟାଗଡ଼

## ମନ ଦେଇଥିଲି ମନୋଇ ଝିଅକୁ

ମନ ଦେଇଥିଲି ମନୋଇ ଝିଅକୁ
ମନ ଭାଙ୍ଗି ଚାଲିଗଲା ,
ସାଥେ ରହିବାକୁ କଥାଦେଇ
ମୋତେ
ସାଥିଟିଏ ବାଛିନେଲା ।।

ନୂଆ ସାଥିଟିଏ ବାଛିନେଲା ପରେ
ମୋ କଥାକୁ ଭୁଲିଗଲା ,
ମନ ଦେଇଥିଲି ମନୋଇ ଝିଅକୁ
ମନ ଭାଙ୍ଗି ଚାଲିଗଲା ।।

ଅଭିନୟ ତା'ର ବୁଝି ପାରିଲିନି
ତା ପ୍ରେମେ ଛଳନା ଥିଲା ,
ଛଳନାର ରଙ୍ଗ ମୁହେଁ ମାରିଥିଲା
ଫିକା ଆଜି ପଡିଗଲା ।।

ଭୁଲିବାକୁ ତାକୁ ପାଖେମୋର ଆସି
ସ୍ମିତ ହାସ୍ୟ କହିଗଲା ,
ମନ ବାଢିଥିଲି ମନୋଇ ହାତରେ
ସିଏ ତାକୁ ଭାଙ୍ଗିଦେଲା ।।

ଜୀଇଁ ପାରିବନି ମୁହୂର୍ତ୍ତେ ମୋ ବିନା
କାନ୍ଦିକାନ୍ଦି କହୁଥିଲା ,
ହେଲେ ମୋ ଆଖିରେ ଲୁହଦେଇ
ସିଏ
ହସିହସି ଭୁଲିଗଲା ।।

ଅଭିନୟ ତା'ର ବୁଝି ନପାରିଲି
ଅଭିନେତ୍ରୀ ସିଏ ଥିଲା ,



ମନଦେଇଥିଲି ସେ
ଅଭିନେତ୍ରୀକୁ
ଅଭିନୟ ଶେଷକଲା ।।

● ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫ ଭୁବନେଶ୍ୱର
ଫୋନ୍ - ୮୨୪୯୬୫୦୪୧୪

## ମୁଖା



ବାଘ୍ ଛାଲ୍ ପିନ୍ଧି ସିହାଁସନେ ବସି
ଶାସକ କୁଲିହା ରଜା,
ହିଁସା ଅହଁକାରେ ମଜା ମାରି କରି
ପାପର୍ ଉଡ଼େଇ ଧଜା ।
ଚିକନ୍ ଚାକନ୍ କଥା କହି କହି
ଜାନ୍ସି ଯେ ମନ୍ ମୁହି,
ଥରେ ଯଦି ଗାଦି ହାତ୍‌କେ
ଆଏଲେ
କେହି ନୁହେଁ ଭାଇ ଦାଇ ।
ସବୁ ଜାନି ଶୁନି ଅନ୍‌ଶୁନା ହେଇ
ଦେଖେ ଯେ ନିଜର୍ ସୁଖ୍,
ସତ୍‌କେ ଉଡ଼େଇ ଅସତ୍ ପଛ୍‌ରା
ପର୍ଜା ପାଉ ପଛେ ଦୁଖ୍ ।
ଯେତେ ଭାଲି ଭାଲି ମରୁଥିଲେ
ହେଲେ
ସହରେ ଜୀବନ୍ ସହ,
ତୁମେ କଲା ଭୁଲ୍ ଯେତେ ଲୁକାଲେ
ବି
ଦିସୁଥିସି ଦହ ଦହ ।
ଗାଦିଥି କୁଲିହା ବସ୍‌ଲେ ହେଲେ ବି
ହେବା କାଏଁ କହ ବାଘ ?
ଶିକ୍ଷା ସଭ୍ୟତା ନେ ରାଜ୍ କାଜ୍
ଚାଲୁ
ନାଇଁ ଲାଗେ କେଭେଁ ଦାଗ୍ ।

● ସଙ୍ଗୀତା ଦିପ
ବରଗଡ଼
ଫୋନ୍ ୭୯୯୧୦୬୫୩୩୮

## ନିଃସଙ୍ଗ ବେଳାର ସାଥୀ



ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ .... ?
ମତେ ଆଉ ଅନ୍ୟମନସ୍କ କରିବ
ନାହିଁ ନୀରବତାର ସ୍ୱର
ମତୁଆଲା ଭଅଁର ର ଗୁଣୁଗୁଣୁ ଗୀତ
ଶୀତଳ ଝରଣାର କୁଳୁକୁଳୁ ନାଦ
ଶରତ ଆକାଶ ଆଉ ପକ୍ଷୀ
ମାନଙ୍କର କଳରବ

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ..... ?
ମୁଁ ଭୁଲିଯିବି ଅତୀତ କଥା ସବୁ
ଆଉ ଖୋଜିବିନି ମୋ
ହଜିଯାଇଥିବା ପିଲାଦିନକୁ
ମା ର ପଣତ କାନି
ଗାଁ ଦାଣ୍ଡଧୂଳିରେ ବୋହୂବୋହୂକା
ଖେଳ
କ୍ଷେତରେ ଲହଡ଼ି ମାରୁଥିବା
ପାଚିଲା ଧାନ
ପୋଖରୀ ହୁଡ଼ା ସେପାଖ ଅସ୍ତାଚଳ
ରବି

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ.... ?
ମୋ ମନର ମାଲିକ
ହେବନି ଜମା ମୋ ଉପରେ
ଖପ୍‌ପା କି ଈର୍ଷାଳୁ
ଯୋଗାଡ଼ କରିପାରିବ କି
ଚାରିଗୋଟି ଡେଣା
ଉଡ଼ିବା ମୁଁ ବହୁଦିନରୁ ଭୁଲିଯାଇଛି

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ.... ?
ମୋ ଖୁସିରେ ଖୁସି, ଦୁଃଖରେ
ବେଶୀ ଦୁଃଖୀ
ଦେଇପାରିବ କି ସମୟ ଆଉ
ସାନ୍ତ୍ୱନା ଟିକେ
ଭୁଲିଯିବି ମୁଁ ଫେସବୁକ୍ ଆଉ
ହ୍ୱାଟସଆପ ର ଅଳୀକ ଦୁନିଆ
କେବଳ ତୁମେ ଆଉ ମୁଁ
ଶୁଣିବି ତୁମକୁ..... ମନଭରି

● ଡକ୍ଟର ଜ୍ୟୋତି
ରଞ୍ଜନ ସାମନ୍ତରାୟ
ଅତିରିକ୍ତ ଆରକ୍ଷୀ
ଅଧୀକ୍ଷକ, ନୟାଗଡ଼

## ପ୍ରଜାପତି



ସେଦିନ ସକାଳ ସମୟରେ
ସତ୍ୟପ୍ରକାଶ ପାର୍କ ର
ସିମେଣ୍ଟ ବେଞ୍ଚ ରେ ବସି
ଫୁଲ ଗଛମାନଙ୍କରେ ପ୍ରସ୍ଫୁଟିତ ବିଭିନ୍ନ
ରଂଗ ର ଫୁଲ ଦେଖି ଖୁସି ଅନୁଭବ
କରୁଥିଲେ ଓ ମନେ ମନେ ପ୍ରକୃତି କୁ
ପ୍ରଶଂସା କରୁଥିଲେ ତା'ର ସର୍ଜନା ପାଇଁ ।
ଏ ସମୟରେ ପ୍ରଜାପତି ଟିଏ ଆସି
ସେ ଫୁଲ ମାନଙ୍କ ମେଳ ରେ ସେ
ବି ମିଶିଗଲା, ଇଆଡେ ସେଆଡେ
ଉଡି ବୁଲିଲା ସେ ସୌନ୍ଦର୍ଯ୍ୟ ରେ
ସତ୍ୟପ୍ରକାଶ ହେଲେ ଆହୁରି ବିମୋହିତ,
ଭାବ ପ୍ରବଣ ବି ହେଲେ ।
ଚିନ୍ତା କଲେ ' ପ୍ରଜାପତି ର ଜନ୍ମ ବୃତ୍ତାନ୍ତ
ଓ ତା'ର ରଂଗଭରା ଡେଣା କଥା' ।
ତାଙ୍କ ଭାବନାର ଅନ୍ତ ଘଟିଲା
ଯେତେବେଳେ ଅନେକ ଲୋକଙ୍କ
ଆଗମନ ହେଲା ସେ ସ୍ଥାନକୁ
'ପ୍ରଜାପତି' ବି କୁଆଡେ ଉଡିଗଲା ଯେ
ଆଉ ଦୃଷ୍ଟିଗୋଚର ହେଲା ନାହିଁ !

● ଡ.ମାହେଶ୍ୱରୀ ପ୍ରସାଦ
ପାଣିଗ୍ରାହୀ, ସମ୍ବଲପୁର

## ମେଲାଣି



ଅପେକ୍ଷା ପାଇଁ ମୋର ନାହିଁ
ଆଉ
ତିଳେ ମାତ୍ର ଧୈର୍ଯ୍ୟ
ପୂରୁବ ଦିଗରୁ ଦେଖ
ସିନ୍ଦୁରା ଫଟେଇ
ଉଇଁ ଆସିଲାଣି ସୂର୍ଯ୍ୟ ।

ଏବେ ନେବାକୁ ହେବ
ମେଲାଣି
ବହି ଯାଉଛି ଦେଖ
ମହାନଦୀର ପାଣି ଭଳି
ସମୟ ଉଜାଣି ।

ତମ ସହ ମୋର ନିଶ୍ଚୟ
ଦେଖାହେବ ଆଉ ଦିନେ
ଯେତେବେଳେ ସକାଳ
ଖୋଲୁଥିବ ତା ମୁଖ୍ୟ ଦ୍ୱାରର
ଛିଟିକିଣି
ସେତେବେଳେ
ମୁଁ ତୁମର ମନେଥିବି ନାଁ
ନାଇଁ କେଜାଣି ।

ଏବେ ତେଣୁ ମାଗୁଛି ଦିଅ
ଚିର ମେଲାଣି ।

● ରୋହିତ ଦାଶ,
ବରଗଡ

## ବିଧବା



ଲୁଟି ନେଇଛି କେ ଫୁଲଫୁଟା ହସ
ଲହୁଲୁହ ବରଷାଇ,
ଆଖିରେ ନାହିଁ ତା ସୁନେଲୀ ସପନ
ଅପେକ୍ଷା ମରଣ ଛାଇ ।
ରଙ୍ଗୀନ ଶାଢୀର ତୀବ୍ର ଉପହାସ
ରାତିରେ ଲଗାଏ ନିଆଁ,
କପାଳ ଶ୍ରୀହୀନ କ୍ଷେତର ବିଳାପ କ୍ରୁର
ନିଦାଘର ଛୁଆଁ ।

ସଧବା ବିଶ୍ୱରେ ଅଜାତି ମଣିଷ ଶ୍ରଦ୍ଧା ଧାଡିରେ ସେ ନାହିଁ,
ନାଳି ଆଖିର ସେ ଚାହାଣୀ ତାତିରେ ନିବିଡ଼ ଦୁଃଖର ବହି ।
ସାମନ୍ତବାଦର ଘୋଷଣାନାମାରେ ସୀମାହୀନ କଟକଣା,
ତମସା ଶେଜରେ ଗୁମୁରି କାନ୍ଦୁଛି ତା ଅନ୍ତର ମଧୁବୀଣା ।

ବାଦଲ ଫାଙ୍କରୁ ଦିଶୁଛି ବଦନ ବେଦନା ଜର୍ଜର କେତେ,
ଅନ୍ଧ ଦୁନିଆଁରେ ଅଧିକାର ତାର ଦଗ୍ଧ ଅନଳ ସ୍ରୋତେ ।
ଚଉରା ମୂଳର ନୁହେଁ ଦୀପାଳୀ ସେ ଚିରକାଳ ଛିନ୍ନ ଭାବ,
ପୂଜା ଆରାଧନା ତା ପାଇଁ ଅଲୋଡା ପଳାଶ ଫୁଲର ରଙ୍ଗ ।

ବିଷମ ଦୃଷ୍ଟିର କୋପରେ ଜଳୁଛି ବିଧବାର ହୃଦଘର,
ସାଜିବ କିଏ ସେ ଶଶିର ସରାଗେ ଶୀତଳ ଜ୍ୟୋସ୍ନାର ଝର ?

● ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

## ଜୀବନ ପ୍ରଦୀପ ମୋର

ଦେହ ଠକିଲାଣି ବୟସ ଚାଲିଚି
ଆଗକୁ ଆଗକୁ ଧାଇଁ
ଜୀବନକୁ ଆସେ କାଳରାତି ମାଡି
ଆଖିକୁତ ଦିଶେ ନାହିଁ ।।
ପେଟରେ ହେଉଚି ଭୋକର ଯନ୍ତ୍ରଣା
ହେଉନାହିଁ ଜମା ସହି
ମାଗୁଚି ଦିମୁଠା ଆହାର ଗରିବ
ଗଛ ଛାଇତଳେ ରହି ।।
ଯିଏତ ଦେଖୁଛି ମୁହଁମାଡି ସେଠୁ
ପଳାଇ ଯାଉଛି ଦୂରେ
ନିରୀହ ମଣିଷ ଗାଏ ଦୁଃଖ ଗୀତ
ହତାଶ ନିରାଶ ସୁରେ ।।
ଦେଖିଲେ ଦିଶୁଛି ଆଖି ଦୁଇଟିକୁ
କିଟିମିଟି ତମ ରାତି
ଜହ୍ନ ଆଲୁଅର ରାତି ଦିଶୁନାହିଁ
କୋହରେ ଥରୁଚି ଛାତି ।।
ଗରିବ କହୁଛି ହାତଯୋଡି ପ୍ରଭୁ
ସାରିଦିଅ ଅଭିନୟ
ଏଇ ଦୁନିଆରେ କିଏ ନୁହେଁ କାର
ଦୁନିଆଟା ସ୍ୱାର୍ଥମୟ ।।
କାନେ ଗୁଞ୍ଜରିତ କରୁଣା ଗୀତିର
କର ପ୍ରଭୁ ଅବସାନ
ବସୋହାରା ହେଇ କାଟିବି ଜୀବନ
ଦୁନିଆରେ କେତେ ଦିନ ।।
ମରଣ ଯନ୍ତାରେ କରନାହିଁ ଆଉ
ଏ ଦୀନକୁ କଲବଲ
ଲିଭିଯାଉ ମୋର ଜୀବନ ପ୍ରଦୀପ
ଶେଷେ ହେଇ ଝଲମଲ

● ପ୍ରଶାନ୍ତ କୁମାର ଦାଶ
କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ, ୯୬୬୮୮୨୨୧୯୦

## କଥା ସବୁ ଗୁପତେ ଅଛି

ଆୟୁଷ ନଈର ବୟସ ସ୍ରୋତରେ
ଅସଂକଳିତ ମୋ ଅୟୁତ ବ୍ୟଥା
ନୀରବତା ମେଳେ ପିଇଛି ଗରଳ
ଅସମାହିତ ସେ ଗଭୀର କଥା
ଲୁହରେ ଲେଖା ମୋ ଶତ କାହାଣୀ
ହାରିନି କଦାପି ଅଥଳ ତିତିକ୍ଷା
ସମାଜେ ଆଙ୍କିଛି ଆତ୍ମସରଣୀ ।
ସ୍ୱାର୍ଥସର୍ବସ୍ୱର ଅନେକ ସଂପର୍କ
ଦୁର୍ଦ୍ଦଶାରେ କେବେ ହୋଇନି ମିତ
ଅବସାଦ ଘେରା ଅସୀମ ମୁହୂର୍ତ୍ତେ
ଫେରାଇ ନେଇଛି ହୃଦୟ ବିତ୍ତ
ଆକାଶେ କୋହରେ ବାହିଛି ନାଆ
ଅନୁଭବ ଅନୁଭୂତି ସାଇତିଛି
ଅସହିଷ୍ଣୁତାର ଅଜସ୍ର ବାଆ ।
ନିଜର ହୋଇଛି ଅବିଳମ୍ବେ ପର
ନିରୀହ ମନରେ ଦେଇ ଆଘାତ
ସାହାଯ୍ୟକୁ ମୋର କରି ପଦାଘାତ
ହୃଦୟକୁ କରିଛି ଶତ କ୍ଷତାକ୍ତ
ନିର୍ଜନ ବେଳାରେ ନୀରବେ ବସି
ପ୍ରାରବ୍ଧ କର୍ମକୁ ପିଉଛି ନିରତେ
ଅସାର ନିୟତି ମୋ ହସିହସି ।

ଗୋପନ ସିନ୍ଦୂକେ ରହିଛି ରହିବ
ହୃଦୟ ତଳର ଅବ୍ୟକ୍ତ କ୍ଷତ
ଆଜୀବନ ସ୍ମୃତି ଆଣୁଥିବ ଭୀତି
ମରମକୁ ମୋର କରି ଆହତ
ସହିବା ଶକତି ଅତୁଟ ରଖି
ଭଗ୍ନ ସାହସକୁ ଅନ୍ତରରେ ଯୋଡି
ଉଡୁଥିବ ନଭେ ଅଭ୍ୟସ୍ତ ପକ୍ଷୀ ।

● ପାରମିତା ପଟ୍ଟନାୟକ
ଭାପୁର ନୟାଗଡ

ଉପସ୍ଥାପନା
ନିରଞ୍ଜନ ନାୟକ
ମୋ: ୯୪୩୭୩୧୭୪୧୭



## ଉପଶାସ୍ତ୍ରୀରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ଦେବଗଡ଼ର ଛାତ୍ରୀ ମନୀଷା



ରିଆମାଳ, ୨୩।୫ (ତପନ କୁମାର ପ୍ରଧାନ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ନୂଆପଡ଼ା ସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀ ଅଧୀନରେ ମହାବିଦ୍ୟାଳୟରୁ ୧୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୭୨ ଜଣ ପ୍ରଥମ ଶ୍ରେଣୀରେ, ୪୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରକାଶ ଥାଉକି, ଉକ୍ତ ମହାବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପନା ସହ ଆଧୁନିକ ବିଷୟ ଭାବେ ଓଡ଼ିଆ, ଇଂରାଜୀ, ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନର ମଧ୍ୟ ଶିକ୍ଷାଦାନ କରାଯାଉଛି। ଏହି ପରୀକ୍ଷାରେ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ମନୀଷା ମାଝୀ ୫୧୧ ନମ୍ବର ରଖି ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଛନ୍ତି। ସେ ପାଟକୁମୁଣ୍ଡା ଗ୍ରାମର ବାଳକୃଷ୍ଣ ମାଝୀ ଓ ଶାନ୍ତିଲତା ମାଝୀଙ୍କର ଏକମାତ୍ର କନ୍ୟା ଅଟନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ମହାବିଦ୍ୟାଳୟ ସହ ସମଗ୍ର ଅଞ୍ଚଳରେ ଆନନ୍ଦର ପରିବେଶ ଦେଖିବାକୁ ମିଳିଛି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରୋହିତ କୁମାର ଦାଶ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନିଶା ନିବାରଣ ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, ୨୩।୫(ଦେବେନ୍ଦ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ପଂଚାୟତର ମାଟୁପାଲି ଗ୍ରାମରେ ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ବଲାଙ୍ଗୀର ତରଫରୁ ଏକ ସଭା ଅନୁଷ୍ଠିତ କରାଗଲା। ଏହି ସଭାରେ ପୂର୍ବତନ ୱାର୍ଡସଭ୍ୟ କୁଶ ପୁଟା ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟତଃ ନିଶା ନିବାରଣ ନିଶା ସାମଗ୍ରୀ ଗ୍ରାମରୁ ଉଚ୍ଛେଦ ହେବ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଗଲା। ଗ୍ରାମିଣ ଚାର୍ଜ, ଆଦର୍ଶ ଗ୍ରାମ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ବିଦ୍ୟାଳୟ ଭିର୍ତ୍ତିଭୂମି, ଏକତା ରହିବା, ଖେଳ ପଡିଆ ର ଉନ୍ନତି କରଣ, ଉପରେ ଆଲୋଚନା କରାଗଲା। ସ୍ଥାନୀୟ ସଂଗଠନର କର୍ମକର୍ତ୍ତା ସୁଶୀଲ ନନ୍ଦ ଉପସ୍ଥିତ ଥିଲେ ଗ୍ରାମର ଆଦିବାସୀ ଲିଡର ମାସ୍ୱର ପୁଟା, ପଞ୍ଚାନନ ଧରୁଆ, ଗୋବିନ୍ଦ ବିଶି, ଗଣିତ ଭୁଏ, ପଣ୍ଡିତ ଭୁଏ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ରିଆମାଳ,୨୩।୫(ତପନ କୁମାର ପ୍ରଧାନ): ରିଆମାଳ ବ୍ଲକ କରଲଗା ପଞ୍ଚାୟତ ସଦରରେ ଶୁକ୍ରବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ପାଟକୁମୁଣ୍ଡା ଗ୍ରାମର ଟଙ୍କଧର ନାମକ ଜଣେ ବ୍ୟକ୍ତି କରଲଗାରେ ଜଣଙ୍କର ଘର ତିଆରି କାମ କରୁଥିବା ବେଳେ ଅସାବଧାନତା ଯୋଗୁଁ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ମେଡ଼ିକାଲକୁ ପଠାଯାଇଛି ବୋଲି ଜଣାପଡିଛି।

## ଗଞ୍ଜେଇ ଚୋରା ଚାଲାଣ: ୧ ଗିରଫ



ପାରଳାଖେମୁଣ୍ଡି,୨୩।୫(ତାରିଣୀ ପ୍ରସାଦ ପଣ୍ଡା): ଆଜି ଅଡ଼ବା ଏବଂ ଅନ୍ୟାନ୍ୟ ଥାନା ପୁଲିସର ୪୦ ଜଣିଆ ଟିମ୍ ପୂର୍ବାହ୍ନରେ ଗଞ୍ଜେଇ ଚୋରା ଚାଲାଣ ଓ ପ୍ରୋତ୍ସାହନ ମାମଲାରେ ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରାଜ୍ୟ ବିଜେଡ଼ି ଦଳର ସମ୍ପାଦକ ମୋଶା ମାଝୀଙ୍କୁ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ଅଡ଼ବା ପୁଲିସ। ସୂଚନା ମୁତାବକ ବରିଷ୍ଠ ରାଜନେତା ମୋଶା ମାଝୀ(୩୭) ଦୀର୍ଘ ଦିନରୁ ଗଞ୍ଜେଇ କାରବାର ସହିତ ସମ୍ପୃକ୍ତ ଥିଲେ। ଏହାର ବରିଷ୍ଠ ପ୍ରମାଣ ସଂଗ୍ରହ କରିବା ସହ ତାଙ୍କୁ ଗିରଫ କରିବା ପାଇଁ କିଛି ଦିନ ହେଲା ଲାଗି ପଡ଼ିଥିଲେ ରା. ଉଦୟଗିରି ଯୁବ ଆଇପିଏସ ଅଧିକାରୀ ତଥା ଏସଡ଼ିପିଓ ଶ୍ରୀ ସାହୁ। ଆଜି ମୋହନା ମାଜିଷ୍ଟ୍ରେଟ ଚକ୍ରଧର ପାଢ଼ୀଙ୍କ ଉପସ୍ଥିତିରେ ୪୦ ଜଣିଆ ପୁଲିସ୍ ଟିମଙ୍କ ସହିତ ଶ୍ରୀ ମାଝୀଙ୍କ ବାସଭବନରେ ଚଢାଉ କରିଥିଲେ। ତାଙ୍କ ଘରୁ ଗୋଟିଏ ଧଳାରଙ୍ଗର ହୁଣ୍ଡାଇ ଭେନ୍ୟୁ କାର (ଓଡ଼ି୦୨ବିଏଚ୬୬୪୪), ୫୫ଟି ନୂଆଁ ଓ ପୁରୁଣା ଏଟିଏମକାର୍ଡ଼, ୬ଟି ବ୍ୟାଙ୍କ ପାସ ବୁକ, ୫ଟି ଚେକ ବୁକ, ୬ଟି ଜମି ପଟ୍ଟା, ୩ଟି ସ୍କେଚ୍ ମ୍ୟାପ, ଗୋଟିଏ ଆଧାର କାର୍ଡ଼, ଗୋଟିଏ ପାନ କାର୍ଡ଼ ସହିତ ଅମାପ ସଂପତ୍ତିର ଅଧିକାରୀ ହୋଇଥିବା ଏସଡ଼ିପିଓ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରୀ ମାଝୀ ବିଗତ ଦିନରେ ଅଡବା ଥାନା ଅଞ୍ଚଳରୁ ଜବତ ଗଞ୍ଜେଇରେ ସଂପୃକ୍ତ ଥିବା, ଗଞ୍ଜେଇ ମାଫିଆଙ୍କୁ ଘରକୁ ଡାକି ଆଣି ଆଶ୍ରୟ ଦେବା ଓ ସହାୟତା ପ୍ରଦାନ କରିବା,ସରକାରୀ ଜମିରେ କୋଠା ନିର୍ମାଣ କରିବା, ଗ୍ରାମବାସୀଙ୍କୁ ଏକାଠି କରି ବାହାର ସ୍ଥାନକୁ ଗଞ୍ଜେଇ ଚାଲାଣ କରିବା ଆଦି ସଙ୍ଗୀନ ଅଭିଯୋଗ ରହିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଧିକା ତଥ୍ୟ ସଂଗ୍ରହ ପାଇଁ ଏହି ମାମଲାର ତଦନ୍ତ କରୁଛନ୍ତି ଅଡ଼ବା ଥାନା ସବଇନିସପେକ୍ଟର ପି.କେ. ପରିଡା।

## ପାନୀୟଜଳ ଘୋର ସଙ୍କଟ ଗ୍ରାମବାସୀଙ୍କ ରାସ୍ତାରୋକ



ଖଣ୍ଡପଡ଼ା ୨୩।୫ (ଅକ୍ଷର ଓଡ଼ିଶା): ଖଣ୍ଡପଡା ବ୍ଲକର ସିଧାମୂଳା ଗ୍ରାମ ଅଧୀନ ୪ଟି ୱାର୍ଡର ବାସିନ୍ଦା ଗତ ୫ ମାସ ହେଲା ପାଇପ ଲାଇନ ଯୋଗେ ପାନୀୟଜଳ ମୁନ୍ଦାଏ ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ଗ୍ରାମ ନିକଟରେ ମହାନଦୀ ପ୍ରବାହିତ ହେଉଥିଲେ ହେଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ସାଙ୍ଗକୁ ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଗ୍ରାମବାସୀ ପାନୀୟଜଳ ପାଇବା ନିମନ୍ତେ ସାମ୍ପ୍ରତିକ ପରିସ୍ଥିତିରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଏପରିକି ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ବ୍ଲକ ପ୍ରଶାସନ ଧ୍ୟାନ ଦେଉନଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ସମେତ ଶତାଧିକ ମହିଳା ସିଧାମୂଳା ଗ୍ରାମ ଠାରେ ଶୁକ୍ରବାର ଅପରାହ୍ନରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ।ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଏକାଧିକ ଯାନବାହନ ଅଟକି ରହିଥିଲା। ଖବରପାଇ କଣ୍ଟିଲୋ ଫାଣ୍ଡି ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଜନସାଧାରଣଙ୍କୁ ବୁଝାଇବା ପରେ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନରୁ ଓହରି ଯାଇଥିବା ଜଣାଯାଇଛି।ଆନ୍ଦୋଳନକୁ ସମର୍ଥନ ଜଣାଇ ସିଧାମୂଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ସମର୍ଥକଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ନାର୍ଯ୍ୟ ଦାବି ପ୍ରତି ପ୍ରଶାସନ ତୁରନ୍ତ ଧ୍ୟାନ ଦେବାକୁ ଦାବି କରିବା ସହ ଏ ସଂର୍ପକରେ ଖଣ୍ଡପଡା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ତେବେ ଏ ନେଇ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କୁ ଯୋଗାଯୋଗ କରିବାରେ ଆସନ୍ତା ସୋମବାର ସୁଦ୍ଧା ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯୁବ କଳାକାର ବୃତ୍ତିରେ ଶ୍ରୀଜୀ ସାନବଡ଼ଙ୍କୁ ସଫଳତା



ସମ୍ବଲପୁର,୨୩।୫ (ଅକ୍ଷର ଓଡ଼ିଶା): କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ସାଂସ୍କୃତିକ ସମ୍ବଳ ଏବଂ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଚଳିତ ବର୍ଷ ପାଇଁ ସମ୍ବଲପୁରର ଶ୍ରୀଜୀ ସାନବଡ଼ ପ୍ରକାଶିତ ଯୁବ କଳାକାର ବୃତ୍ତି ପାଇଁ ମନୋନୀତ ହୋଇଛନ୍ତି। ଶୁକ୍ରବାର ପ୍ରକାଶିତ ମାଳିକାରେ ସାରା ଭାରତରେ ଲୋକନୃତ୍ୟ ବିଭାଗରେ ମୋଟ ୧୯ ଜଣ ଙ୍କୁ ଚୟନ କରାଯାଇଛି। ସେଥି ମଧ୍ୟରୁ କଳା ଓ କଳାକାର ଅନୁଷ୍ଠାନ ରେ ଗୁରୁ ରଂଜିତ ସାହୁଙ୍କ ଅଧିନରେ ପ୍ରଶିକ୍ଷଣ ନେଉଥିବା ଶ୍ରୀଜୀଙ୍କୁ ସଫଳତା ମିଳିଛି। ସେ ବିଗତ ୧୦ ବର୍ଷ ହେବ ଗୁରୁ ରଂଜିତ ସାହୁଙ୍କ ଠାରୁ ସମ୍ବଲପୁରୀ ଲୋକ ନାଚ ଶିକ୍ଷା ଗ୍ରହଣ କରି ଆସୁଛନ୍ତି। ସମ୍ବଲପୁରୀ ଲୋକ ନାଚ ଉପରେ ଆସନ୍ତା ଦୁଇବର୍ଷ ଗବେଷଣା ପାଇଁ ତାଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

## ୧୯ରେ ଦେବଦମ୍ପତିଙ୍କ ବିବାହ

ଭଦ୍ରକ, ୨୩।୫ (ଅକ୍ଷର ଓଡ଼ିଶା): ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ। ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଏସପି ମନୋଜ ରାଉତ, ଏଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ୍ତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ଶ୍ରୀ ଶିବ ବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ। ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବ। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେବାୟତ ବିଜୟ କୁମାର ଦାସ ଶିବ ବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ନୂଆପଡ଼ା: ଲିଙ୍ଗ ଚୟନ ଓ ଭ୍ରୁଣ ହତ୍ୟା ରୋକିବାକୁ କଡ଼ାନିର୍ଦ୍ଦେଶ

ନୂଆପଡ଼ା, ୨୩।୫ ( ଅକ୍ଷର ଓଡିଶା ): ଲିଙ୍ଗ ଚୟନ ଓ ଭ୍ରୁଣ ହତ୍ୟା ଭଳି ସମାଜ ବିରୋଧୀ କାର୍ଯ୍ୟକଳାପକୁ ରୋକିବା ଉଦ୍ଦେଶ୍ୟରେ Pre-Conception and Pre-Natal Diagnostic Techniques (PCPNDT) Act, ୧୯୯୪ ର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଜିଲ୍ଲାର ସରକାରୀ ଡାକ୍ତରଖାନା ଏବଂ ବେସରକାରୀ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ର ମାଲିକ ଓ କାର୍ଯ୍ୟରତ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। PCPNDT ଆଇନର ବିଭିନ୍ନ ନିୟମାବଳୀ, ଆଇନଗତ ଦାୟିତ୍ୱ ଓ ଉଲ୍ଲଂଘନ କଲେ ହେବାକୁଥିବା କଠୋର ଦଣ୍ଡ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲାପାଳ ଅବୈଧ ଲିଙ୍ଗ ନିର୍ଣ୍ଣୟ ଓ ଭ୍ରୁଣ ହତ୍ୟାକୁ କଡ଼ାଭାବେ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲ୍ଲାର ଔଷଧ ଦୋକାନଗୁଡ଼ିକରେ ଭ୍ରୁଣ ହତ୍ୟା ସମ୍ବନ୍ଧୀୟ ଔଷଧର ଅବୈଧ ବିକ୍ରୟ ରୋକିବା ପାଇଁ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଆକସ୍ମିକ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବେସରକାରୀ କ୍ଲିନିକ୍ଗୁଡ଼ିକରେ ମଧ୍ୟ ନିୟମିତ ଆକସ୍ମିକ ଯାଞ୍ଚ କରାଯିବ ବୋଲି କହିଥିଲେ। ଗର୍ଭପାତ ପାଇଁ କୌଣସି ବ୍ୟକ୍ତି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କୁ ସମ୍ପର୍କ କଲେ, ସେହି ସମସ୍ତ ତଥ୍ୟ ଗୋପନୀୟ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜୀବନ ପ୍ରତି ବିପଦ ଦେଖାଇ ଅବୈଧ ଗର୍ଭପାତ କରାଯାଉଛି କି ନାହିଁ, ସେଥିପାଇଁ ସିଡିଏମଓଙ୍କୁ ବିଶେଷ ଅଧ୍ୟୟନ କରିବାକୁ ମଧ୍ୟ କହିଥିଲେ। ଏହି ସମୀକ୍ଷା ବୈଠକ ପ୍ରତି ଦୁଇ ମାସରେ ଥରେ ଆୟୋଜନ କରାଯିବା ପାଇଁ ଜିଲ୍ଲାପାଳ କହିଥିଲେ। ଡା. ଅଜୟ କୁମାର ପଣ୍ଡା, ଡିପିଏମ୍ ଏନଏଚଏମ୍ ସତ୍ୟନାରାୟଣ ତ୍ରିପାଠୀ ସହ ଅନ୍ୟାନ୍ୟ ଚିକିତ୍ସା ଅଧିକାରୀ ଓ ସମ୍ପର୍କିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚୋରା ମଦ ଜବତ, ୮ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୩।୫: (ଅଲେଖ ନାୟକ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, ନିକିରେଇ, ରାଜନଗର, ତାଳଚୁଆ ମେରେଇନ ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ନାଳଣ୍ଡିଆପାଳନ୍ଦ ଗ୍ରାମର ସୁମିତ୍ରା ବେହେରା (ବୟସ-୩୦) ଙ୍କ



ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଏବଂ କାଳନ୍ଦୀ ବେହେରା (ବୟସ-୫୫) ଙ୍କ ଠାରୁ ୧୬୦୦ କିଗ୍ରା ର ଗୁଡ ପୋଚ, ଗୋପାଳଜିପଟଣା ଗ୍ରାମର ଗଣେଶ୍ୱର ମଣ୍ଡଳ (ବୟସ-୫୦)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଦେବନ୍ଦ୍ରନାରାୟଣପୁର ଗ୍ରାମର ଶାନ୍ତିଲତା ମିର୍ଧା (ବୟସ-୬୦)ଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ଗଙ୍ଗପଡ଼ା ଗ୍ରାମର ସସ୍ମିତା ପାତ୍ର (ବୟସ -୪୮) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଇତିପୁର ଗ୍ରାମର ପ୍ରତାପ ଚନ୍ଦ୍ର ପ୍ରଧାନ (ବୟସ-୪୪) ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ଗୋଗୁଆ ଗ୍ରାମର ଅଲେଖ ପ୍ରଧାନ (ବୟସ-୪୫)ଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ ଓ ସନ୍ୟାସପୁର ଗ୍ରାମର ମଧୁସ୍ମିତା ବେହେରା ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି।

## ୨୦ ଅଧିକାରୀଙ୍କୁ ୨୦ ପାଣି ପଞ୍ଚାୟତର ଦାୟିତ୍ୱ ଦେଲେ ଜିଲ୍ଲାପାଳ



ନୂଆପଡା,୨୩।୫(ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲାରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନରେ ସେଚନ କାର୍ଯ୍ୟକଳାପର ତଦାରଖ ଓ ନିରୀକ୍ଷଣକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ୨୦ ଜଣ ଅଧିକାରୀଙ୍କୁ ୨୦ଟି ପାଣି ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହି ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବେ। ଏହି ନିଷ୍ପତ୍ତି ଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ନିଆଯାଇଥିଲା। ବୈଠକରେ ମୁଖ୍ୟ କେନାଲ, ମାଇନର ଓ ସବ୍-ମାଇନର କେନାଲଗୁଡିକର ଉନ୍ନୟନମୂଳକ କାର୍ଯ୍ୟ, ଧାନ କ୍ଷେତକୁ ଜଳ ଯୋଗାଣ ଏବଂ ପାଣି ପଞ୍ଚାୟତମାନଙ୍କ କାର୍ଯ୍ୟକ୍ଷମତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଦାଶ ସେଚନ ଜଳର ସୁଚାରୁ ବଣ୍ଟନ ଏବଂ କେନାଲ ଭିତ୍ତିଭୂମିର ଉଚିତ ରକ୍ଷଣାବେକ୍ଷଣ ମାଧ୍ୟମରେ ଚାଷୀମାନଙ୍କୁ ସର୍ବାଧିକ ସୁବିଧା ଯୋଗାଇବା ପାଇଁ ନିୟମିତ କ୍ଷେତ୍ରସ୍ତରୀୟ ନିରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରତି ମାସରେ ଅତି କମରେ ଥରେ ଜଳସେଚନ ବିଭାଗର ଅଧିକାରୀ ଏବଂ ସମ୍ପୃକ୍ତ ପାଣି ପଞ୍ଚାୟତର ଚାଷୀମାନଙ୍କ ସହ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କ୍ଷେତ୍ର ପରିଦର୍ଶନ ସମୟରେ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ସମାଧାନମୂଳକ ପଦକ୍ଷେପ ନେବା ପାଇଁ ମଧ୍ୟ କୁହାଯାଇଥିଲା। ପ୍ରତ୍ୟେକ କ୍ଷେତ୍ର ପରିଦର୍ଶନ ପରେ କେନାଲ କାର୍ଯ୍ୟର ଅଗ୍ରଗତି, ଜଳ ଯୋଗାଣର ସ୍ଥିତି ଏବଂ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କିତ ବିସ୍ତୃତ ବିବରଣୀ ସହ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ଅଧିକାରୀମାନଙ୍କୁ କୁହାଯାଇଛି। ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜସ୍ୱ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ଆହୁରି ସୁଦୃଢ କରିବା ଉପରେ ମଧ୍ୟ ଜୋର ଦିଆଯାଇଥିଲା। ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ସୁପରଭାଇଜରମାନଙ୍କୁ ନିଜ ନିଜ ଅଞ୍ଚଳରେ ପାଣି ପଞ୍ଚାୟତ ଓ ସେଚନ ଚ୍ୟାନେଲଗୁଡିକର ଆକସ୍ମିକ ଯାଞ୍ଚ କରି ତଦାରଖ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଜଙ୍ଗଲ ଜମିପଟ୍ଟା ଦାବିରେ ବୁଗୁଡ଼ା ତହସିଲ ସମ୍ମୁଖରେ ବିକ୍ଷୋଭ

ବୁଗୁଡ଼ା, ୨୩।୫ (ଅକ୍ଷର ଓଡ଼ିଶା): ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଗଞ୍ଜାମ ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ବୁଗୁଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀମାନେ ପୁରୁଷାନୁକ୍ରମେ ସର୍ଭେ ନହୋଇ ବହୁ ଦରଖାସ୍ତ ତହସିଲରେ ପଡିରହିଛି, ଯଦ୍ୱାରା ଦୀର୍ଘ ବର୍ଷ ହେଲା ଜଣକୁ ହେଲେ ମଧ୍ୟ ଜଙ୍ଗଲ ଜମିର ପଟ୍ଟା ମିଳିପାରିନାହିଁ। ଆଦିବାସୀଙ୍କୁ ଜମିରୁ ଉଚ୍ଛେଦ କରବା ଏବଂ ପଟ୍ଟା ଯେପରି ନମିଳିବ ସେଥିପାଇଁ ଷଡ଼ଯନ୍ତ୍ର ଯାଉଥିବା ଅଭିଯୋଗ ହୋଇଛି। ତେବେ ଜମି ସର୍ଭେ କରି




ଦଖଲ କରି ପରିବାର ପ୍ରତିପୋଷଣ କରି ଆସୁଥିବା ଜଙ୍ଗଲ ଜମିପଟ୍ଟା ପାଇଁ ଆବେଦନ କରିଥିଲେ। ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ ବୁଗୁଡ଼ା ପଞ୍ଚାୟତ ସମିତି ତଦନ୍ତ କରି ପଟ୍ଟା ପାଇଁ ସୁପାରିଶ କରିଥିଲେ। ଅନ୍ୟପକ୍ଷରେ ବୁଗୁଡ଼ା ତହସିଲଦାର ମିଳିତ ଭାବେ ଜମି ସର୍ଭେ କରିବାକୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ବନ ବିଭାଗ ଅସହଯୋଗ ଯୋଗୁଁ ପଟ୍ଟା ଦେବାପାଇଁ ପଦକ୍ଷେପ ନ ନଲେ ଗଣ ଆନ୍ଦୋଳନ ହେବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ। ବୁଗୁଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ ଏକ ପ୍ରତନିଧି ମଣ୍ଡଳୀ ବୁଗୁଡ଼ା ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତହସିଲ ଦାର ପଲ୍ଲୀ ସଭା କରି ଜମି ସର୍ଭେ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ରାଜସ୍ୱ ବିଭାଗର ସମୀକ୍ଷା ବୈଠକ



ସୁନ୍ଦରଗଡ ୨୩।୫ (ଅକ୍ଷର ଓଡ଼ିଶା): ସୁନ୍ଦରଗଡ଼ ବିକାଶ ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚି ସେବା ଯୋଗାଇଦେବା ଉପରେ ମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକରେ ରାଜସ୍ୱ ବିଭାଗର ସମୀକ୍ଷା ସହ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଗମନାଗମନ, କୃଷି, ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଅଗ୍ରଗତି ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅନ୍ତୋଦ୍ୱୟ ଘର ଆଶାରେ ଠକିଗଲେ ସଦାନନ୍ଦ! | ପ୍ରମାଣପତ୍ର ନେଲେ, ଘର ମିଳିଲାନି

ନବରଙ୍ଗପୁର, ୨୩।୫ (ଅକ୍ଷର ଓଡ଼ିଶା): ସରକାରୀ ଆବାସ ଯୋଜନାରେ ଘର ପାଇବା ଆଶା ଦେଖାଇ ପରିବାରର ସମସ୍ତ ପ୍ରମାଣପତ୍ର ନେଇଗଲେ ପଞ୍ଚାୟତ ଅଧିକାରୀ। କିନ୍ତୁ ଶେଷରେ ଘର ମିଳିଲା ନାହିଁ। ଏଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତର ଗୁରୁସିଙ୍ଗା ଡି.ଏନ୍.କେ ଗ୍ରାମରୁ। ଭଙ୍ଗା ଦଦରା ମାଟି ଘରେ ଜରି ଟାଙ୍ଗି ଅତ୍ୟନ୍ତ କଷ୍ଟରେ ରହୁଥିବା ସଦାନନ୍ଦ ମିସ୍ତ୍ରୀଙ୍କ ପରିବାର ଏବେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ମହଣ୍ଡ ପଞ୍ଚାୟତର ଗୁରୁସିଙ୍ଗା ଡି.ଏନ୍.କେ ଗ୍ରାମର ସଦାନନ୍ଦ ମିସ୍ତ୍ରୀ ତାଙ୍କ ସ୍ତ୍ରୀ ପିଙ୍କି ମିସ୍ତ୍ରୀ ଏବଂ ଦୁଇ ପୁଅଙ୍କୁ ନେଇ ଏକ ଭଙ୍ଗା ଦଦରା ମାଟି ଘରେ ଜୀବନ କାଟୁଛନ୍ତି। ବର୍ଷା ଦିନରେ ଘର ଭିତରକୁ ପାଣି ପସୁଥିବା ବେଳେ ଜରି ଟାଙ୍ଗି ଦିନ କାଟୁଥିବା ସେ କହିଛନ୍ତି। ସଦାନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଏ.ଡି.ଓ ତାଙ୍କ ସ୍ତ୍ରୀ ପିଙ୍କି ମିସ୍ତ୍ରୀଙ୍କ ନାମରେ ଅନ୍ତୋଦ୍ୱୟ ଯୋଜନାରେ ସରକାରୀ ଘର ମଞ୍ଜୁର ହେବ ବୋଲି କହି ସମସ୍ତ ପ୍ରମାଣପତ୍ର ନେଇଯାଇଥିଲେ। ଏହାପରେ ଗ୍ରାମରେ ମୋଟ ୬ ଜଣଙ୍କୁ ଅନ୍ତୋଦ୍ୱୟ ଘର ମିଳିଥିଲା, କିନ୍ତୁ ସଦାନନ୍ଦଙ୍କୁ ସେଥିରୁ ବାଦ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହା ସହ ମାସକ ପରେ ପଞ୍ଚାୟତ ଅଧିକାରୀମାନେ ଆସି ଘର ଆସିଛି ବୋଲି କହି ୱାର୍କ କାର୍ଡ ମାଗିଥିବା ସଦାନନ୍ଦ କହିଛନ୍ତି। କିନ୍ତୁ ପ୍ରକୃତରେ ଘର ମଞ୍ଜୁର ହୋଇଥିବାର କୌଣସି ପ୍ରମାଣ ନଥିବାରୁ ସେ ୱାର୍କ କାର୍ଡ ଦେଇନଥିବା କହିଛନ୍ତି। ଘର ଖଣ୍ଡେ ନଥିବାରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା ସତ୍ତ୍ୱେ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇଥିବାରୁ ସଦାନନ୍ଦ ଓ ତାଙ୍କ ପରିବାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ ତୁରନ୍ତ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଘର ଯୋଗାଇଦେବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି।



## ତିଗିରିଆ ପଞ୍ଚାୟତ ସମିତି ବୈଠକ ଗ୍ରୀଷ୍ମ ପ୍ରବାହ ମୁକାବିଲା ଉପରେ ଗୁରୁତ୍ୱ

ଆଠଗଡ଼, ୨୩।୫(ଅକ୍ଷର ଓଡ଼ିଶା): ତିଗିରିଆ ପଞ୍ଚାୟତ ସମିତି ବୈଠକ ରେ ଯୋଗ ଦେବାକୁ ଆସିଥିବା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବିଜେପି କର୍ମୀ ବିରୋଧ କରିବା ସହ ତାଙ୍କ ଗାଡ଼ିକୁ ଅଣ୍ଡମାଡ଼ କରିଥିଲେ।ଏହାକୁ ନେଇ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ବିଧାୟକ ନିଜ ସମର୍ଥକଙ୍କ ସହ ନୂଆସଡକ ଛକରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସୁଥିବା ବେଳେ ପାଞ୍ଚଗାଁ ଛକ ରେ ପୂର୍ବରୁ ପ୍ରସ୍ତୁତ ଥିବା କିଛି ଯୁବକ ହାତରେ ପୋଷ୍ଟର୍ ଧରି ବିଭିନ୍ନ ନାରାବାଜି ଦେବା ସହ ବିଧାୟକଙ୍କ ଗାଡ଼ିକୁ ଅଣ୍ଡା ମାଡ କରିଥିଲେ।ତିଗିରିଆ ଥାନା ଅଧିକାରୀ ରମାକାନ୍ତ ନାଏକଙ୍କ ହସ୍ତକ୍ଷେପ ଫଳରେ ବିଧାୟକ ଉକ୍ତ ସ୍ଥାନରୁ ସୁରକ୍ଷିତ ଭାବେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ପହଞ୍ଚିଥିଲେ। ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ,ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ,ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ,ବିଡ଼ିଓ ସଂଗ୍ରାମ କେଶରୀ ଭୋଳ,ଏବିଡ଼ିଓ ଯାଜ୍ଞସେନୀ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକ ରେ ଗ୍ରୀଷ୍ମ ପ୍ରବାହ ଓ ଏହାର ମୁକାବିଲା, ପ୍ରାକୃତିକ ଦୁର୍ବିପାକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସ୍ୱଚ୍ଛ ପାନୀୟଜଳ, ବନୀକରଣ, ଗ୍ରାମୀଣ ଆବାସ ଓ ଅନ୍ତୋଦୟ ଯୋଜନା ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ବିପିଡି କୁ ଅନୁମୋଦନ ସହ ବିକଶିତ ଗାଁ ବିକଶିତ ଓଡ଼ିଶା ସମ୍ପର୍କ ରେ ଆଲୋଚନା କରାଯାଇଥିଲା।



## ୨୪ ତାରିଖରେ ଶକ୍ତି କେନ୍ଦ୍ର ବୈଠକ ପାଇଁ ବିଜେପିର ସାଂଗଠନିକ ପ୍ରସ୍ତୁତି ଜୋରଦାର



ନବରଙ୍ଗପୁର, ୨୩/୫ (ଅକ୍ଷର ଓଡିଶା ) : ଉମରକୋଟ ଆସନ୍ତା ୨୪ ତାରିଖରେ ପ୍ରତ୍ୟେକ ପଞ୍ଚାୟତର ଶକ୍ତି କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ ସଫଳ କରିବା ପାଇଁ ଉମରକୋଟ ଭାରତୀୟ ଜନତା ପାର୍ଟି ପକ୍ଷରୁ ସାଂଗଠନିକ ପ୍ରସ୍ତୁତି ଜୋରଦାର କରାଯାଇଛି । ଏହି ପରିପ୍ରେକ୍ଷୀରେ ଉମରକୋଟସ୍ଥ ବିଜେପିର ମୁଖ୍ୟ କାର୍ଯ୍ୟାଳୟରେ ମାନ୍ୟବର ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତିମୂଳକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ବିଜେପି ଉପସଭାପତି ରାମେଶ ଚନ୍ଦ୍ର ସାହୁ,ଜିଲ୍ଲା ଓ ଉମରକୋଟ ନିର୍ବାଚନ ମଣ୍ଡଳୀର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ମୋର୍ଚ୍ଚା କର୍ମକର୍ତ୍ତା ଓ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଆସନ୍ତା ଶକ୍ତି କେନ୍ଦ୍ର ବୈଠକକୁ କିପରି ସୁସଂଗଠିତ ଓ ସଫଳ ଭାବେ ପରିଚାଳନା କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା ।ବୈଠକରେ ସଂଗଠନକୁ ଆହୁରି ମଜବୁତ କରିବା, ତଳସ୍ତରର କାର୍ଯ୍ୟକର୍ତ୍ତାଙ୍କ ସହ ସମନ୍ୱୟ ବୃଦ୍ଧି କରିବା ସହ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ଗତିଶୀଳ କରିବାକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିସହ ଶକ୍ତି କେନ୍ଦ୍ର ସ୍ତରରେ ଦଳୀୟ କାର୍ଯ୍ୟକଳାପକୁ ସକ୍ରିୟ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଜଣାଯାଇଥିଲା ।

## ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଉଚ୍ଛେଦ ଅଭିଯାନ



ସମ୍ବଲପୁର ୨୩/୦୫ (ଅକ୍ଷର ଓଡିଶା ) ଫାଟକଗୋପାଳମାଳ ରୋଡରେ ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଏକ ବ୍ୟାପକ ଉଚ୍ଛେଦ ଅଭିଯାନ ସଫଳତାର ସହିତ କାର୍ଯ୍ୟକରୀ କରାଯାଇଛି । ଏହି ଅଭିଯାନ ସମୟରେ ଏନଫୋର୍ସମେଣ୍ଟ ଅଫିସର, ପୋଲିସ ପ୍ରଶାସନ, ଆର୍ ଏଣ୍ଡ ବି, ଟିପିଡବ୍ଲ୍ୟୁଓଡିଏଲ୍ (TPWODL), ୱାଟକୋ (WATCO) ଓ ଅପରେଟରମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ରାସ୍ତା ଉପରେ ଅବୈଧ ଭାବେ ହୋଇଥିବା ସମସ୍ତ ଅତିକ୍ରମଣକୁ ଶାନ୍ତିପୂର୍ଣ୍ଣ ଭାବରେ ହଟାଯାଇଥିଲା । ଉଚ୍ଛେଦ ପୂର୍ବରୁ ଅତିକ୍ରମଣକାରୀମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କୁ ବୁଝାଇବା ସହ ତାଙ୍କର ପୁନରୁଦ୍ଧାରଯୋଗ୍ୟ ସାମଗ୍ରୀ ଓ ସମ୍ପତ୍ତି ହଟାଇ ନେବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା ।ଏହି ଉଚ୍ଛେଦ ଅଭିଯାନ ଫଳରେ ଦୀର୍ଘଦିନ ଧରି ରହିଥିବା ଯାତାୟାତ ଜନିତ ସମସ୍ୟା, ଯାନବାହନ ଚଳାଚଳରେ ବାଧା ଏବଂ ସାଧାରଣ ଲୋକମାନଙ୍କ ଅସୁବିଧାର ସମାଧାନ ହୋଇପାରିଛି ।ଫାଟକଗୋପାଳମାଳ ରୋଡ୍ ଆସନ୍ତା ଠାକୁରପଡ଼ା ଶୀତଳ ଷଷ୍ଠୀ ଯାତ୍ରାର ଏକ ମୁଖ୍ୟପଥ ଅଟେ, ଯେଉଁ ମାର୍ଗ ଦ୍ୱାରା ବହୁ ସଂଖ୍ୟକ ଭକ୍ତ ଓ ଯାତ୍ରା ସହଭାଗୀ ଗମନାଗମନ କରିଥାନ୍ତି ।ଜନସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଆପାତକାଳୀନ ଯାନବାହନର ସୁଗମ ଯାତାୟାତକୁ ଦୃଷ୍ଟିରେ ରଖି ଏହି ଉଚ୍ଛେଦ ଅଭିଯାନକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକରୀ କରାଯାଇଥିଲା ।ଏହି ସଫଳ ଉଚ୍ଛେଦ ଅଭିଯାନ ପରେ ଯାତ୍ରା ପଥ ବର୍ତ୍ତମାନ ଅଧିକ ପ୍ରଶସ୍ତ, ସୁରକ୍ଷିତ ଓ ଯାତାୟାତ ଜନିତ ସମସ୍ୟାମୁକ୍ତ ହୋଇଥିବାରୁ ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରା ସୁଚାରୁ ଓ ନିର୍ବିଘ୍ନଭାବେ ସମ୍ପନ୍ନ ହେବ ବୋଲି ପ୍ରଶାସନ ଆଶା ବ୍ୟକ୍ତ କରିଛି ।

### ବିଦ୍ୟୁତ୍ କାଟକୁ ନେଇ ବିଜେଡ଼ି ସାମ୍ବାଦିକ ସମ୍ମିଳନୀ

## ୨୫ରେ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ

ନୟାଗଡ଼, ୨୩/୫ (ଅକ୍ଷର ଓଡ଼ିଶା)- ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ଆସନ୍ତା ୨୫ ତାରିଖ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି ବିଜୁ ଜନତା ଦଳ । ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରାଜ୍ୟ ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି । ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ପରିସ୍ଥିତି ଭୟଙ୍କର ସମୟରେ ବିଭିନ୍ନ ଆଳ ଦେଖାଉଥିବା ଅଭିଯୋଗ କରିଛନ୍ତି । ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନଥିବା ହଇରାଣ ହେଉଛନ୍ତି । ଭାରପ୍ରାପ୍ତ ଟାଟା ପାୱାର ଯେଭଳି ଖାମଖିଆଲି ଢଙ୍ଗରେ ବିଜୁଳି ଶକ୍ତି ପରିଚାଳନା କରି ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି । ବିଜୁ ଜନତା ଦଳ ଏହାର ଦୃଢ଼ ନିନ୍ଦା କରିବା ସହିତ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବୀ ରଖିଛି । ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବରେ ରାତି ଅଧିଆ ଲାଇନ କାଟି ଦେଉଥିବା ଟାଟା ପାୱାର ଯେତେବେଳେ ବିଦ୍ୟୁତ୍ ଶୁଳ୍କ ଆଦାୟରେ ଏକ ଘଣ୍ଟା ବି ବିଳମ୍ବ କରୁନାହିଁ, ସେତିକି ବେଳେ ମରାମତି ଆଳରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ- ଭୋଲଟେଜ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପୁଟରକୁ ପୋଡି ଅଚଳ କରିଦେବା , ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ସଢ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହେବା, ଅଫିସ ଦପ୍ତରର କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା , ପୁଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଭଳି ଉପଭୋକ୍ତା - ବିରୋଧୀ ପଦକ୍ଷେପରେ ସାମାନ୍ୟ ହେଳା କରୁନାହିଁ ଟାଟା ପାୱାର । ବିଜେପି ସରକାର ତିନି ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରିବାରେ ସରକାରୀ ଘୋଷଣା ନାମା ଶୀତଳ ଭଣ୍ଡାରକୁ ଚାଲି ଯାଇଛି । ସମଗ୍ର ଜିଲ୍ଲାରକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣ ବିଦ୍ୟୁତ୍, ମାତ୍ରାଧିକ ଦେୟ ଆଦାୟ କମାଇବା, କୃଷି କ୍ଷେତକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ନୟାଗଡ଼ ବିଧାୟକ ଦାବି ରଖିଛନ୍ତି । ଆସନ୍ତା ୨୫ ତାରିଖ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ସମ୍ମିଳନୀରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ କହଁର, କ୍ଷୀରୋଦ ମହାପାତ୍ର, ବ୍ଲକ ଉପାଧକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୂଖ ଉପସ୍ଥିତ ରହିଥିଲେ ।

# ବଲାଙ୍ଗିରରେ ଲୋକକଳା ଉତ୍ସବ

## ୪ରି ଦିନ ଧରି ଦୁଲିକିବ କଳା ମଣ୍ଡଳ ପଡ଼ିଆ




ବଲାଙ୍ଗୀର, ୨୩/୫ (ଦେବେନ୍ଦ୍ର): ଆଧୁନିକତାର ପ୍ରଭାବରେ ଆମର ପାରମ୍ପରିକ ଲୋକକଳା, ସଂସ୍କୃତି ତଥା ପରମ୍ପରା ଧୀରେ ଧୀରେ ହଜିଯାଉଛି । ଆମ ଅଞ୍ଚଳର ସ୍ୱତନ୍ତ୍ରତାକୁ ଦେଖାଇବାକୁ, ଏହାକୁ ଆମର ପରବର୍ତୀ ପିଢ଼ିକୁ ସମର୍ପି ଦେବାକୁ ବର୍ତମାନ ଠାରୁ ଉଦ୍ୟମ ଜରୁରୀ । ଲୋକକଳାହିଁ ଆମକୁ ପରିଚୟ ଦେଇ ଥିଲା, ଏବେ ଦେଉଛି ଓ ଆଗାମୀ ସମୟରେ ମଧ ଦେବ ବୋଲି ବଲାଙ୍ଗୀରର ଐତିହାସିକ କୋଶଲ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ର ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥି ମାନେ । ବଲାଙ୍ଗୀରର ଦୂଲଦୁଲି କଳା ପରିଷଦ ତରଫରୁ ଆୟୋଜିତ ଏହି ଜାତୀୟ ସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହି ମତ ପ୍ରକାଶ ପାଇଛି । ଦୂଲଦୁଲି କଳା ପରିଷଦର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁଃଶ୍ରୀ ରଞ୍ଜନ କୁମାର ସାହୁ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ, ପରିଷଦର ଉପଦେଷ୍ଟା ଶତ୍ରୁଘନ ପାଣିଗ୍ରାହୀ, ପରିଷଦର ପୂର୍ବତନ ଅଧକ୍ଷ ଡ. ସଞ୍ଜୟ କୁମାର ମିଶ୍ର । ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବକୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜା ଅର୍ଚନା କରି ଉଦ୍‌ଘାଟନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଲୋକକଳାର ଅନନ୍ୟ ଶିଳ୍ପୀ ସଂକୀର୍ତନ ଗୁରୁ ପ୍ରସାଦୀ ପୁଟେଲ, ଲୋକ ନାଟକ କଳାକାର ତଥା ଗୁରୁ ନବଦ୍ୱିପ ଚାନ୍ଦ ବେହେରା ଓ ଦଣ୍ଡ ନୃତ୍ୟଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ ଅତିଥି ମାନେ । ସାଂସ୍କୃତିକ ସଭାକୁ ପରିଚାଳନା କରିଥିଲେ ସନ୍ଦୀପ କୁମାର କୁଅଁର । ପରେ ପରେ ଅର୍ଜୁନ ସାହୁଙ୍କ ସଂଯୋଜନାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ବିହୁ, ଘୁଡକା ଓ ଅନ୍ୟ ନୃତ୍ୟ ପରିବେଷଣ କରିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ସହସ୍ରାଧିକ କଳାକାର ଓ ବିଭିନ୍ନ ଲୋକନୃତ୍ୟ ଦଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ।

## ମାଧମ ଫାଉଣ୍ଡେସନ ତରଫରୁ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ

ରାଇକିଆ, ୨୩/୦୫ (ଜଗଦୀଶ ଦାଶ) ରାଇକିଆ ମଧମ ଫାଉଣ୍ଡେସନ ତରଫରୁ ଆୟୋଜିତ ସାମାଜିକ ସମୀକ୍ଷା-୨୦୨୬ କାର୍ଯ୍ୟକ୍ରମ ରାଇକିଆ ସ୍ଥିତ ଜାଗୃତି କୃଷି ଉତ୍ପାଦନକାରୀ ମହିଳା ସମବାୟ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନର କାର୍ଯ୍ୟକ୍ରମରେ କୈଳାଶ ଚନ୍ଦ୍ର ପାଢ଼ୀ ରିସୋର୍ସ ପର୍ସନ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ସମୀକ୍ଷା କାର୍ଯ୍ୟକ୍ରମରେ ମାଧମ ଫାଉଣ୍ଡେସନ ଦ୍ୱାରା ଗତ ୩ ବର୍ଷ ଧରି କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସହିତ ୨୦୨୬ ବର୍ଷ ର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା । ସେହିପରି କାର୍ଯ୍ୟକ୍ରମଗୁଡ଼ିକର ଦୀର୍ଘମିଆଦୀ ରକ୍ଷଣାବେକ୍ଷଣ ଓ ସ୍ଥାୟୀକରଣ ଉପରେ ମଧ ଆଲୋଚନା କରାଯାଇଥିଲା । ଉପ-କୃଷି ଅଧିକାରୀ ସୁଦୀପ୍ତା ପ୍ରଧାନ, ଡଡିଙ୍ଗିଆ ସରପଞ୍ଚ ଅଶୋକ କୁମାର ପ୍ରଧାନ, ଜାଗୃତି ମହିଳା ସମବାୟ ସମିତିର ସଭାନେତ୍ରୀ ସୁଷମା ପ୍ରଧାନ, ୱାର୍ଡ ମେମ୍ବର ବୃନ୍ଦ , ଉତ୍ପାଦନକାରୀ ଗୋଷ୍ଠୀର ସଦସ୍ୟ ସଦସ୍ୟା ଯୋଗଦେଇ ସେମାନଙ୍କର ମତାମତ ପ୍ରଦାନ କରିଥିଲେ । ପ୍ରକଳ୍ପ ସଂଯୋଜକ ଜଳନ୍ଧର ପରିଡ଼ା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ସୌଭାଗ୍ୟ କୁମାର ମିଶ୍ର, ସତ୍ୟଜିତ୍ ରାୟ, ସଞ୍ଜୀବ କୁମାର ଖଣ୍ଡଗିରି, ବିଷ୍ଣୁ ଚରଣ ସାହୁ ଏବଂ ନମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦୁର୍ଗମ ଅଞ୍ଚଳରେ ବିକାଶର ନୂଆ ଆଶା ଜାଗାଇଲେ ବିଧାୟକ

- ❖ ବିଜରାଦର ସ୍କୁଲକୁ ତୁରନ୍ତ ଅନୁଦାନ
- ❖ ନାଳ ଉପରେ ବ୍ରିଜ ଓ ପାନୀୟ ଜଳ-ବିଜୁଳି-ରାସ୍ତା ସମସ୍ୟା ସମାଧାନକୁ ପ୍ରାଥମିକତା
- ❖ ଢୋଲ ବାଜା ବଜାଇ ସ୍ୱାଗତ କଲେ ଗ୍ରାମବାସୀ

କଳହାଣ୍ଡି ୨୩/୦୫(ଅକ୍ଷର ଓଡିଶା ):ଜୁନାଗଡ ବ୍ଲକ ବୁଢ଼ୀଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ପାହାଡ଼ିଆ ଆଦିବାସୀ ଅଧୁଷିତ ଅଞ୍ଚଳ ଲଖନାପଡ଼ା, ବିଜରାଦର ଓ ବେହେରାଗୁଡ଼ା ଗ୍ରାମରେ ଆଜି ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର । ବିଧାୟକ କ୍ୟାପଟେନ ମିଶ୍ରଙ୍କୁ ଗ୍ରାମବାସୀମାନେ ଗାଁ ମୁଣ୍ଡରୁ ପାରମ୍ପରିକ ଢୋଲ, ମାଦଳ ଓ ମହୁରୀ ବଜାଇ ନାଚି ନାଚି ପାଛୋଟି ନେଇଥିଲେ । ବିଧାୟକଙ୍କୁ ନିଜ ଗାଁରେ ପାଇ ଆବାଳ ବୃଦ୍ଧ ବନିତାଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିଲା ।ଗସ୍ତର ଆରମ୍ଭରୁ ହିଁ ବିଧାୟକ ଶ୍ରୀ ମିଶ୍ର ଲୋକଙ୍କ ସମସ୍ୟା ଶୁଣିବାକୁ ଗୁରୁତ୍ୱ ଦେଇଥିଲେ । ସେ ପ୍ରଥମେ ବିଜରାଦର ସ୍ଥିତ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ପରିଦର୍ଶନ କରିଥିଲେ । ସ୍କୁଲ ଘରର ଭଗ୍ନଦଶା, ଛାତରୁ ପାଣି ଗଳିବା ଓ ପିଲାମାନଙ୍କ ପାଠପଢ଼ାରେ ହେଉଥିବା ଅସୁବିଧା ଦେଖି ବିଧାୟକ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ କହିଥିଲେ, 'ଏ ଗାଁର ପିଲାମାନେ ଆମ ଭବିଷ୍ୟତ । ବିଜରାଦର ସ୍କୁଲ ଘର ମରାମତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ତୁରନ୍ତ ଅନୁଦାନ ମଞ୍ଜୁର କରାଯିବ ।' ତାଙ୍କର ଏହି ଘୋଷଣା ପରେ ଗ୍ରାମବାସୀ କରତାଳି ମାରି ସ୍ୱାଗତ କରିଥିଲେ । ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗାଁକୁ ସଂଯୋଗ କରୁଥିବା ଛୋଟ ନାଳ ରହିଛି । ବର୍ଷା ଦିନେ ଏହି ନାଳଗୁଡ଼ିକରେ ବନ୍ୟା ଜଳ ଆସିବାରୁ ସମ୍ପୂର୍ଣ୍ଣ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ । ଗ୍ରାମବାସୀଙ୍କ ଏହି ଦୁଃଖ ଶୁଣି ବିଧାୟକ କହିଥିଲେ, ନାଳ ଉପରେ ଅତିଶୀଘ୍ର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ବ୍ୟତୀତ ଏହି ଦୁର୍ଗମ ଅଞ୍ଚଳରେ ବାରମାସ ଯାତାୟାତ ଯୋଗ୍ୟ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବିଧାୟକ ବ୍ଲକ ପ୍ରଶାସନ, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ସହ ସ୍ଥଳରେ ହିଁ ବିସ୍ତୃତ ଆଲୋଚନା କରିଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟରେ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ବୁଢ଼ୀଦର ସରପଞ୍ଚ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ଯୁବ ନେତା ହିମାଂଶୁ ପୁଝାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ ।ନିଜ ସମସ୍ୟା ସମ୍ପର୍କରେ ସିଧାସଳଖ ବିଧାୟକଙ୍କୁ ଜଣାଇପାରିଥିବାରୁ ଏବଂ ତୁରନ୍ତ ସମାଧାନର ଆଶ୍ୱାସନା ମିଳିଥିବାରୁ ଗ୍ରାମବାସୀଙ୍କ ମଧରେ ଖୁସି ର ଲହରୀ ଖେଳିଯାଇଛି ।

## କାଳଷଣ୍ଢପୁର ରାସ୍ତାରୁ ଗଞ୍ଜେଇ ଜବତ




ଆସିକା, ୨୩/୦୫/(ଅକ୍ଷର ଓଡିଶା )ସମ୍ପ୍ରତି ପୁଅର ମେଡିକାଲ ଖର୍ଚ୍ଚ ପାଇଁ ଡ୍ରାଇଭର କାମ କରି ୫୦ ହଜାର ଟଙ୍କା ପାଇବା ଲୋଭରେ ଗଂଜେଇ ଚଲାଣ ବେଳେ ଧରାପଡିଲେ ବାପା କ୍ଷ ଆସିକା ଅବକାରୀ ବିଭାଗ ପକ୍ଷରୁ କାଳଷଣ୍ଢପୁର ରାସ୍ତାର ଆରୀୟାନ ପବ୍ଲିକ ସ୍କୁଲ ନିକଟରୁ ଏକ ଚୋରା ଗଂଜେଇ ଗାଡିକୁ ଧରି ଜଣକୁ ଗିରଫ କରିଥିବା ଅବକାରୀ ଅଧିକାରୀ ବିବେକାନନ୍ଦ ଫିରୋଇ ସୂଚନା ଦେଇଛନ୍ତି । ସକାଳ ସମୟରେ ନିୟମିତ ପେଟ୍ରୋଲିଂ ବେଳେ ଏକ ଓଡି ୦୨ ଟି ୩୩୩୦ ସିଲଭର ମହେନ୍ଦ୍ର । ଗାଡ଼ିରେ ସୋରଡ଼ାରୁ ଆସିକା ଦେଇ ପଶ୍ଚିମବଙ୍ଗକୁ ଚୋରାରେ ୧୪୦ କେଜିର ଗଂଜେଇ ଧରି ଯିବା ସମୟରେ ଅବକାରୀ ହାତରେ ଧରା ପଡିଛି ଜଣେ ପଶ୍ଚିମବଙ୍ଗ ଖଡ଼ଗପୁର ଇଲାକାର ମହମ୍ମଦ ସୁଲେମାନ କୁରେସୀ ବୋଲି ଜଣା ପଡିଛି । ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଅବକାରୀ ଅଧିକାରୀଙ୍କ ସହ ଏଏସ୍ଆଇ ସତ୍ୟ ବେହେରା, ଜି. ଭୀମା, ଶ୍ରୀକାନ୍ତ ବେହେରା ଏବଂ ତାଙ୍କ ଟିମ ମଧ ସହଯୋଗ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ପୂର୍ବତନ ସାଂସଦ

## ଅଞ୍ଚଳର ବିକାଶମୂଳକ ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଦାବୀ



ନୂଆପଡା :-୨୩/୦୫( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଏବଂ କୃଷି ଓ ଜଳସେଚନ ସମସ୍ୟା ଶୀଘ୍ର ସମାଧାନ ପାଇଁ ଦାବୀ ଉପସ୍ଥାପନ କରିଛନ୍ତି । କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ଅଭିନନ୍ଦନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ସକ୍ଷାତ କରି ଅଞ୍ଚଳର ଅନେକ ସମସ୍ୟାକୁ ଉପସ୍ଥାପନ କରିଥିଲେ । କୃଷି ଓ ଜଳ ସେଚନ, ଅପର ଯୋଙ୍କ ଜଳ ସେଚନ ପ୍ରକଳ୍ପରେ ମନୁଷ୍ୟ କୃତ ମରୁଡ଼ି ସମସ୍ୟା, ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ, କ୍ଷୟ କ୍ଷତିର ଆକଳନ କରି ଆବଶ୍ୟକ କ୍ଷତିପୂରଣ ଦାବୀ । ତିନି ଗୋଟି ଜଳ ସେଚନ ପ୍ରକଳ୍ପ ର ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଲୋଅର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ର ସମସ୍ୟା, ପୁନର୍ବାସ ଓ ଥଇଥାନ ରାଶି ପ୍ରଦାନ, ପ୍ରକଳ୍ପ ରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବୀ କରିଛନ୍ତି । ସେହିପରି ସିନାପାଲି ଉଦନ୍ତି ବେରେକ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଲୋଅର ଇନ୍ଦ୍ର ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଉଦନ୍ତି ବେରେଜ ନିର୍ମାଣ କାର୍ଯ୍ୟଭାର ପ୍ରଦାନ ଆସି ମୁଖ୍ୟ ଦାବୀ ଉପସ୍ଥାପନ କରିଛନ୍ତି ।

## ଲାୟନ୍ସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା





ରିଆମାଳ :୨୩/୦୫ (ଅକ୍ଷର ଓଡିଶା ) ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ନୁଆଁପଡ଼ା ସ୍ଥିତ ଲାୟନ୍ସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚଳିତ ବର୍ଷର ଢ୍୨ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଥିବା ଜଣାପଡ଼ିଛି । CHSC Odisha ଅଧୀନରେ ଅନୁଷ୍ଠିତ ଢ୍୨ ପରୀକ୍ଷାରେ ବିଜ୍ଞାନ ଶାଖାରୁ ୬୦ ଜଣ ଏବଂ କଳା ଶାଖାରୁ ୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସମସ୍ତେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଜ୍ଞାନ ଶାଖାରେ ୪୧ ଜଣ ପ୍ରଥମ ଶ୍ରେଣୀ ଏବଂ ୧୯ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ କଳା ଶାଖାରେ ୩୦ ଜଣ ପ୍ରଥମ ଶ୍ରେଣୀ, ୨୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪ ଜଣ ତୃତୀୟ ଶ୍ରେଣୀରେ ସଫଳତା ହାସଲ କରିଛନ୍ତି ।ବିଜ୍ଞାନ ଶାଖାରେ ଦିପା ଷଣ୍ଡ ଓ ଦିପ୍ତିମଞ୍ଜରୀ ସାହୁ ସର୍ବାଧିକ ୪୬୫ ମାର୍କ ରଖିଥିବାବେଳେ କଳା ଶାଖାରେ ଶ୍ରାବଣୀ ବାରିକ୍ ୪୭୯ ମାର୍କ ପାଇ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ।ଏହି ଅବସରରେ ସର୍ବାଧିକ ମାର୍କ ରଖିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ କଲେଜର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼. ପ୍ରଶାନ୍ତ କୁମାର ପ୍ରଧାନ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କଲେଜ ସେକ୍ରେଟାରୀ ଡ଼. ପ୍ରଫେସର ପ୍ରବୋଧ କୁମାର ପ୍ରଧାନ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ତଦ୍ରୁପରି ସର୍ବାଧିକ ମାର୍କ ରଖିଥିବା ୩ ଜଣ ଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଅଧାପକ-ଅଧାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

## ବନ୍ଧୁକ ମୁନରେ ଲୁଟ୍ ପରେ ବାହାରୁ ତାଲା ମାରି ଫେରାର ଲୁଟେରା

ଭଦ୍ରକ ୨୩/୦୫ (ତାରିକ ହସେନ) ବିଳମ୍ବିତ ରାତିରେ ଘରେ ପଶିଲେ , ମୁଣ୍ଡରେ ବନ୍ଧୁକ ଓ ଛୁରୀ ଲଗାଇ ଲୁଟ କଲେ । ଯିବା ବେଳେ ଘର୍ ବାହାରୁ ତାଲା ପକାଇ ପଳାଇଗଲେ ଚୋର । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଆମ୍ବରୋଳୀ ପଞ୍ଚାୟତ , ତଲାଙ୍ଗ କେନାଲ ବନ୍ଧ ନିକଟରେ ଥିବା ଗଙ୍ଗାଧର ମଲ୍ଲିକଙ୍କ ଘରୁ ଲୁଟ୍ ହୋଇଛି । ସୂଚନା ମୁତାବକ ରାତି ସମୟ ରେ ୭ ରୁ ୯ଜଣ ଲୁଟେରା ଘର୍ ଭିତରକୁ ଆସି ପରିବାର ଲୋକଙ୍କ ମୁଣ୍ଡ ରେ ବନ୍ଧୁକ ଲଗାଇ ଲୁଟ କରିଛନ୍ତି । ନଗଦ ୨୨ଲକ୍ଷ ଟଙ୍କା ସହ ୨୦ଲକ୍ଷରୁ ଅଧିକ ସୁନା ଗହଣା ନେଇ ଘର୍ ବାହାରୁ ତାଲା ପକାଇଥିଲେ । ପରେ ସ୍ଥାନୀୟ ଲୋକେ ଜଣାଇବା ପରେ ତାଙ୍କୁ ଉଦ୍ଧାର କରାଯାଇଛି ।

### କାଳ ବୈଶାଖୀର କରାଳ ରୂପ

## ଯୁଆଙ୍ଗିଆ ଗ୍ରାମରେ ୮ ଘର ନଷ୍ଟ



ଦାରିଙ୍ଗବାଡି : ୨୩/୦୫(ମୃତ୍ୟୁଞ୍ଜୟ ପ୍ରଧାନ)କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ର ବିଭିନ୍ନ ଅଞ୍ଚଳ ମାନଙ୍କରେ ଗତକାଲି ଅପରାହ୍ନରେ ହଠାତ ପାଗଳ ସାଜିଲା ପାଗ । ସୃଷ୍ଟି ହେଲା କାଳବୈଶାଖୀର କରାଳ ରୂପ । ପ୍ରବଳ ବେଗରେ ବହିଥିବା ଝଡ଼ପବନ ସହ ବଜ୍ରପାତ ଓ ଅଦିନିଆ ବର୍ଷା ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । କାଳବୈଶାଖୀର ଏହି ତାଣ୍ଡବଲୀଳାରେ ଦାରିଙ୍ଗବାଡି ବ୍ଲକ ସୋନପୁର ପଞ୍ଚାୟତ ର ୮ ଗୋଟି ଗରିବ ପରିବାରର ଆଜବେଷ୍ଟ ଟିଣ ନଷ୍ଟ ହେବା ସହ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ସୋନପୁର ପଞ୍ଚାୟତ ର ଯୁଆଙ୍ଗିଆ ଗ୍ରାମରେ ଗତକାଲି ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ଆକାଶ ମେଘାଚ୍ଛନ୍ନ ହୋଇଥିଲା ଏବଂ ଦେଖୁଦେଖୁ ପ୍ରବଳ ବେଗରେ ପବନ ବହିବା ଆରମ୍ଭ କରିଥିଲା । ପବନର ବେଗ ଏତେ ଅଧିକ ଥିଲା ଯେ, ଯୁଆଙ୍ଗିଆ ଗ୍ରାମର ୮ ଗୋଟି ଚାଳଛପର ଘର ଭାଙ୍ଗି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି ।ଏପଟେ ଝଡ଼ପବନ ଯୋଗୁଁ ସିମନବାଡି ପଞ୍ଚାୟତ ସ୍ଥିତ ମୁଣ୍ଡାନାଜୁ ଗ୍ରାମ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ ଉପୁଡ଼ି ମୁଖ୍ୟ ରାସ୍ତା ଉପରେ ପଡ଼ିଥିଲା , ଯାହାଫଳରେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହା ସହିତ ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡ଼ିଥିବାରୁ ଗତକାଲି ସଞ୍ଜଠାରୁ ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ି ରହିଛି । ବିଦ୍ୟୁତ ସେବା ଓ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହଛି । ଘର ଭିତରେ ପାଣି ପଶିଯିବାରୁ ଶସ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ଭିଜି ନଷ୍ଟ ହୋଇଯାଇଛି । ଅଞ୍ଚଳବାସୀ ଏବେ ସରକାରୀ ସହାୟତାକୁ ଚାତକ ଭଳି ଚାହିଁ ରହିଛନ୍ତି । ଗ୍ରାମବାସୀଙ୍କ କହିବା କଥା:'ଆମେ ଦିନ ମଜୁରିଆ, କଷ୍ଟେମଷ୍ଟେ ଚଳୁଥିଲୁ । ଏହି କାଳବୈଶାଖୀ ଆମ ମୁଣ୍ଡ ଗୁଞ୍ଜିବା ସ୍ଥାନକୁ ବି ଛଡ଼ାଇ ନେଲା । ଏବେ ପିଲାପିଲିଙ୍କୁ ଧରି କେଉଁଠି ରହିବୁ, କଣ ଖାଇବୁ କିଛି ବୁଦ୍ଧି ବାଟ ଦିଶୁନାହିଁ ।' ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନିକ ଅଧିକାରୀମାନେ କ୍ଷୟକ୍ଷତିର ଆକଳନ ପାଇଁ ଘଟଣାସ୍ଥଳ ପରିଦର୍ଶନ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳ ବାସୀ ଦାବି କରିଛନ୍ତି । ବିପନ୍ନମାନଙ୍କୁ ତୁରନ୍ତ ପଲିଥିନ ଏବଂ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକ ଦୃଢ଼ ଦାବି କରିଛନ୍ତି ।

ଅକ୍ଷର
AKHYARA ODISHA ଓଡ଼ିଶା


## ନୂତନ ଶିଶୁ ମଙ୍ଗଳ ସମିତି ଗଠନ ସମ୍ପର୍କିତ ବିଜ୍ଞପ୍ତି ସ୍ଥଗିତ

# ପୂର୍ବ କମିଟି ଜାରି ରଖିବ କାର୍ଯ୍ୟ




କେନ୍ଦୁଝର:୨୩/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ଶିଶୁ ମଙ୍ଗଳ ସମିତି ଗଠନକୁ ନେଇ ଚାଲୁଥିବା ଆଇନଗତ ପ୍ରକ୍ରିୟା ମଧ୍ୟରେ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। ବିଭାଗ ଜଣାଇଛି ଯେ, ନୂତନ ଶିଶୁ କଲ୍ୟାଣ ସମିତି ଗଠନ ସମ୍ବନ୍ଧୀୟ ନୋଟିଫିକେଶନ୍‌କୁ ଅସ୍ଥାୟୀଭାବେ ସ୍ଥଗିତ ରଖାଯାଇଥିବାବେଳେ ବର୍ତ୍ତମାନର ସମିତି ତାଙ୍କ କାର୍ଯ୍ୟ ଜାରି ରଖିବ।ବିଭାଗ ପକ୍ଷରୁ ୧୯ ମେ ୨୦୨୬ ରେ ଜାରି ହୋଇଥିବା ନୋଟିଫିକେଶନ୍ ନଂ ୧୧୩୫୯/ଡବ୍ଲୁସିଡି ଅନୁଯାୟୀ କେନ୍ଦୁଝର ଜିଲ୍ଲା ପାଇଁ ତିନି ବର୍ଷ ନିମନ୍ତେ ଏକ ନୂତନ ଶିଶୁ କଲ୍ୟାଣ ସମିତି ଗଠନ କରାଯାଇଥିଲା। ତେବେ ପ୍ରକାଶିତ ବିଜ୍ଞପ୍ତିରେ ଓଡିଶା ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଡବ୍ଲୁ.ପି.(ସି) ନଂ. ୧୨୭୫୯/୨୦୨୬ ମାମଲାର ଅନ୍ତିମ ରାୟ ଉପରେ ନିର୍ଭରଶୀଳ ରହିବ ବୋଲି ସେଥିରେ ସ୍ପଷ୍ଟ କରାଯାଇଥିଲା। ପରେ, ୨୧ ମେ ୨୦୨୬ ରେ ବିଭାଗ ପକ୍ଷରୁ ଜାରି ହୋଇଥିବା ପତ୍ର ସଂଖ୍ୟା ୧୧୪୫୭ ମାଧ୍ୟମରେ ଅବଗତ କରାଯାଇଥିଲା ଯେ, ଉକ୍ତ ରିଟ୍ ପିଟିସନ୍‌ର ଶୁଣାଣି ଚାଲିଥିବାରୁ ୧୯.୦୫.୨୦୨୬ ର ନୋଟିଫିକେଶନ୍‌କୁ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।ଏହା ସହିତ, ବିଭାଗ ୨୧ ମେ ୨୦୨୬ ରେ ଜାରି କରିଥିବା ବିଜ୍ଞପ୍ତି ସଂଖ୍ୟା ୧୧୪୬୮ ଅନୁଯାୟୀ, ବର୍ତ୍ତମାନର କେନ୍ଦୁଝର ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକାଳ ମିଆଦ ୧୨.୦୫.୨୦୨୬ ଠାରୁ ଆଉ ଗୋଟିଏ ମାସ କିମ୍ବା ନୂତନ ସମିତି ଗଠନ ହେବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।ବିଭାଗର ଏହି ସ୍ପଷ୍ଟୀକରଣ ପରେ ଏହା ସ୍ପଷ୍ଟ ହୋଇଛି ଯେ, ୧୯ ମଇରେ ଘୋଷିତ ନୂତନ ସମିତି ପରବର୍ତ୍ତୀ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ଏବଂ ଶିଶୁ ସୁରକ୍ଷା ଓ କଲ୍ୟାଣ ସେବାରେ ଯେପରି କୌଣସି ବ୍ୟାହତ ନହୁଏ ସେଥିପାଇଁ ବର୍ତ୍ତମାନର ସମିତି ଅସ୍ଥାୟୀଭାବେ କାର୍ଯ୍ୟ ଜାରି ରଖିବ।

## କେନ୍ଦୁଝରରେ ହାତୀ କଙ୍କାଳ ସଗୃହିତ ହୋଇ ସଂଗ୍ରହାଳୟରେ ପ୍ରଦର୍ଶିତ ହେବ

କେନ୍ଦୁଝର:୨୩/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାରେ ବର୍ଷ ସାରା ଜଙ୍ଗଲି ହାତୀ ମାନଙ୍କ ଚଳପ୍ରଚଳ ଲାଗି ରହିଥିବା ବେଳେ ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ଉଦବେଗର କାରଣ ହୋଇଛି। କୌଣସି କାରଣରୁ ହାତୀ ମୃତ୍ୟୁ ହେଲେ ବନ ବିଭାଗ ହାତୀ ମୃତୁ ସ୍ଥଳ ନିକଟବର୍ତ୍ତୀ ଜଙ୍ଗଲ ବା ପଡ଼ିଆରେ ମୃତଦେହ ପୋତି ଦେଉଛି ଓ ତେବେ ଆଗାମୀ ଦିନରେ ହାତୀ ବଂଶ ବିଲୁପ୍ତ ହୋଇଯିବା ନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଉଥିବା ବେଳେ, ସେମାନଙ୍କ ସୁରକ୍ଷା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।ଅନ୍ୟପକ୍ଷରେ ଭୁବନେଶ୍ୱର ଠାରେ ରାମୁ ହାତୀର କଙ୍କାଳର ସୁରକ୍ଷା ନେଇ ପ୍ରଥମ ପଦକ୍ଷେପ ପରେ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ମଧ୍ୟ ମୃତ ହାତୀମାନଙ୍କ କଙ୍କାଳ ସୁରକ୍ଷା ପାଇଁ ବନ ବିଭାଗ ଚିନ୍ତା କରୁଛି। ହାତୀ କଙ୍କାଳକୁ ସାଇତି ରଖିଲେ ଏହାକୁ ଦେଖିବାକୁ ପର୍ଯ୍ୟଟକ ଆସିବେ ଏବଂ ଏହାକୁ ନେଇ ବହୁ ବିଦ୍ୟାର୍ଥୀ, ରିସର୍ଚ୍ଚରମାନେ ମଧ୍ୟ ଅଧ୍ୟୟନ କରିପାରିବେ ।କେନ୍ଦୁଝର ଜିଲ୍ଲାର ନେଚର କ୍ୟାମ୍ପ କିମ୍ବା ସାନଘାଗରା ନିକଟରେ ଏହି କଙ୍କାଳକୁ ସଂଗ୍ରହାଳୟରେ ରଖାଗଲେ ବହୁ ଲୋକ ଦେଖିପାରିବେ ଏବଂ ଏଥିରୁ ରାଜସ୍ୱ ମଧ୍ୟ ଆଦାୟ ହୋଇ ପାରିବ ବୋଲି ମତପ୍ରକାଶ ପାଉଛି। ଯେହେତୁ ଅଧିକାଂଶ ହାତୀଙ୍କ ସାଧାରଣ ମୃତ୍ୟୁହୋଇଛି, ଏଣୁ ବିଭାଗ ଚାହିଁଲେ ସୁବିଧାରେ ଅନୁମତି ପାଇପାରିବ। ସେହିପରି ହାତୀ ଶୀକାରୀମାନେ ଧରାପଡିବା ସହ ଆଇନଗତ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଣୁ ଶିକାର ହୋଇଥିବା ହାତୀର କଙ୍କାଳ ସୁରକ୍ଷିତ ରଖୁବା ନେଇ ନିଜ ବିଭାଗରୁ ସୁବିଧାରେ ଅନୁମତି ମିଳିଯାଇପାରିବ ବୋଲି ମତ ପ୍ରକାଶ ପାଉଛି।ହାତୀକୁ ମାଟି ଖୋଳି ବାହାର କରିବା ସହ କଙ୍କାଳକୁ ଅଲଗା କରି ରାସାୟନିକ ପ୍ରକ୍ରିୟାରେ ସାଇତି ରଖାଯାଇ ପାରିବ। ଏଥିପାଇଁ ବହୁ ସତର୍କତା ମୂଳକ ପଦକ୍ଷେପ ନେବାକୁ ପଡିଥାଏ। ସମ୍ପୂର୍ଣ୍ଣ କଙ୍କାଳକୁ ବାହାର କରାଯାଇ ପୁଣି ଯୋଡି ପ୍ରଦର୍ଶିତ କରାଯିବ। ଏଥିପାଇଁ ବଡ଼ ସାଇଜର ମୃତ ହାତୀକୁ ଚିହ୍ନଟ କରାଯାଇ ପାରିବ। କିଛି ମାସ ତଳେ ମୃତ୍ୟୁବରଣ କରିଥିବା ମଖନା ହାତୀର କଙ୍କାଳକୁ ମଧ୍ୟ ସୁରକ୍ଷିତ ଉଦ୍ଧାର କରି ସାଇତି ରଖାଯାଇପାରିବ ।ଏନେଇ କେନ୍ଦୁଝର ଡିଏଫଓ ଧନରାଜ ଏଚଡି କହିଛନ୍ତି ଯେ, ହାତୀ କଙ୍କାଳ ସାଇତି ରଖୁବା ନେଇ ଆଲୋଚନା ହୋଇଛି । ଏନେଇ ଅନୁମତି ନେବାକୁ ପଡ଼ିବ। ଏହା ଦ୍ୱାରା ଲୋକେ ଦେଖି ପାରିବେ ଏବଂ ବହୁ କିଛି ଜାଣିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ରାମୁ ହାତୀର କଙ୍କାଳକୁ ସୁରକ୍ଷିତ ଭାବେ ମାଟିରୁ ବାହାର କରି ରାସାୟନିକ ପ୍ରକ୍ରିୟା ଦ୍ୱାରା ସାଇତି ରଖାଯାଇ ପାରିଛି।

## ଅଟେଇ ସଂରକ୍ଷିତ ଜଙ୍ଗଲରୁ ମୃତ ହରିଣ ଉଦ୍ଧାର



କେନ୍ଦୁଝର/ପାଟଣା:୨୩/୦୫(ଦିଲ୍ଲୀପ କୁମାର ସାହୁ) – ଗତ ଗୁରୁବାର ଦିନ କେନ୍ଦୁଝର ବନଖଣ୍ଡ ପାଟଣା ରେଞ୍ଜ ତଣ୍ଡୋ ବିଟ ଆଟେଇ ସଂରକ୍ଷିତ ଜଙ୍ଗଲରେ ବନବିଭାଗ ପକ୍ଷରୁ ପେଟ୍ରୋଲିଂ ବେଳେ ଘାଟ ବାଲିଯୋଡି ଠାରେ ଏକ ମୃତ ହରିଣ ଉଦ୍ଧାର କରାଯାଇଛି। ବନରକ୍ଷୀ ଦୀପକ ସ୍ୱାଇଁ ପାରା କର୍ମଚାରୀ ମାନଙ୍କ ସହ ଅଟେଇ ସଂରକ୍ଷିତ ଜଙ୍ଗଲରେ ପେଟ୍ରୋଲିଂ କରୁଥିବା ସମୟରେ ଘାଟ ବାଲିଯୋଡି ଠାରେ ମୃତ ହରିଣ ଠାବ ହୋଇଥିଲା। ମୃତ ହରିଣକୁ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯିବା ପରେ ପାଟଣା ରେଞ୍ଜ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ଅମିତାଂଶୁ ସାମଲଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ରେଞ୍ଜ କାର୍ଯ୍ୟାଳୟ ପଛପଟେ ଏକ ଗାତ ଖୋଳାଯାଇ ପୋତି ଦିଆ ଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହରିଣ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ବିଦ୍ୟୁତ ସେବାକୁ 'ଏସେନ୍ସିଆଲ୍ ସର୍ଭିସ' ଘୋଷଣା କଲେ ରାଜ୍ୟ ସରକାର

# ୬ ମାସ ପର୍ଯ୍ୟନ୍ତ ଧର୍ମଘଟ ନିଷିଦ୍ଧ




କେନ୍ଦୁଝର:୨୩/୦୫(ଦିଲ୍ଲୀପ କୁମାର ସାହୁ) – ରାଜ୍ୟରେ ନିରବିଚ୍ଛିନ୍ନ ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଓ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ସରକାର 'ଓଡ଼ିଶା ଏସେନ୍ସିଆଲ୍ ସର୍ଭିସେସ୍ ମେଣ୍ଟେନାନ୍ସ ଆକ୍ଟ(ଏସମା) ଅନୁଯାୟୀ ରାଜ୍ୟର ବିଦ୍ୟୁତ ସେବାକୁ ଅତ୍ୟାବଶ୍ୟକ ସେବା ଘୋଷଣା କରି ୬ ମାସ ପର୍ଯ୍ୟନ୍ତ ଧର୍ମଘଟ ଉପରେ ପ୍ରତିବନ୍ଧ ଜାରି କରିଛନ୍ତି। ଏହି ନିଷେଧାଜ୍ଞା କାର୍ଯ୍ୟକାରୀ ହୋଇଛି। ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରୀଡକୋ, ଓପିଟିସିଏଲ, ଓଏଚପିସି, ଓପିଜିସି, ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ, ଟିପିଡବ୍ଲୁଓଡିଏଲ ସହିତ ରାଜ୍ୟର ସମସ୍ତ ବିଦ୍ୟୁତ ସଂସ୍ଥା ଓ ସଂଗଠନ ଉପରେ ଏହି ଆଦେଶ ଲାଗୁ ହେବ। ସରକାର କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ବିଦ୍ୟୁତ ଚାହିଦା ବଢୁଥିବା ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ବିଦ୍ୟୁତ ସେବାରେ କୌଣସି ବାଧା ସୃଷ୍ଟି ହେଲେ ରାଜ୍ୟର ସାଧାରଣ ଜୀବନ, ଶିଳ୍ପ ଓ ଆବଶ୍ୟକ ସେବା ପ୍ରଭାବିତ ହେବାର ଆଶଙ୍କା ରହିଥିବାରୁ ସରକାର ଏହି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି ଆଦେଶ ଉଲଂଘନ କରି ଧର୍ମଘଟ କିମ୍ବା କାର୍ଯ୍ୟବିରତି କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ସତର୍କ କରିଛନ୍ତି। ଗତ କିଛିଦିନ ପୂର୍ବରୁ ଟାଟା ପାୱାର ପକ୍ଷରୁ ଛଟେଇ ପ୍ରତିବାଦରେ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ମାନଙ୍କ ଆନ୍ଦୋଳନ ଚାଲୁ ରହିଥିବାରୁ କେନ୍ଦୁଝରରେ ବିଦ୍ୟୁତ ସ୍ୱୋ ବ୍ୟାହତ ହୋଇ ଆସୁଥିଲା। ପ୍ରଚଣ୍ଡ ରୌଦ୍ରତାପ ଏବଂ ଗ୍ରୀଷ୍ମପ୍ରବାହ କାରଣରୁ ଜିଲ୍ଲାରେ ବାରମ୍ବାର ବିଦ୍ୟୁତ ସରବରାହ ସ୍ୱୋ ବ୍ୟାହତ ହୋଇ ଆସୁଥିବା କାରଣରୁ ଉପଭୋକ୍ତା ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ କେନ୍ଦୁଝର ସହର ସମେତ ସମଗ୍ର ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ମହଲରେ ଖୁସୀର ଲହରୀ ଖେଳି ଯାଇଛି।

# ବଡ଼ବିଲ ଲାଇଟ୍ ହାଉସ୍ ପକ୍ଷରୁ ଏକଦିବସୀୟ ନିଯୁକ୍ତି ମେଳା ଆୟୋଜିତ

ବଡ଼ବିଲ:୨୩/୫:(ସରୋଜ କୁମାର ମହାପାତ୍ର): ବଡ଼ବିଲ୍ ସହରର ବଡ଼ବିଲ୍ ଶିକ୍ଷ ତାଲିମ୍ କେନ୍ଦ୍ର ପରିସର ମଧ୍ୟରେ ଥିବାଜପକ୍ଷରୁ ଏକ ଦିବସୀୟ ବୃହତ ନିଯୁକ୍ତି ମେଳା ଅତ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଯାଇଛି। ଆଜିର ଏହି ଯୁଗରେ ବେକାରୀ ସମସ୍ୟାର ସମାଧାନ କରିବା ଏବଂ ସ୍ଥାନୀୟ ଅଞ୍ଚଳର ପଢୁଆ ତଥା ଯୋଗ୍ୟ ଯୁବପିଢିଙ୍କୁ ସେମାନଙ୍କର ପ୍ରତିଭା ଅନୁଯାୟୀ ଉପଯୁକ୍ତ ରୋଜଗାରର ସୁଯୋଗ ଯୋଗାଇଦେବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସକାଳ ୧୦ ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଚାକିରି ଆଶାୟୀ ଏହାର ସୁଯୋଗ ନେଇଥିଲେ। ଏହି ନିଯୁକ୍ତି ମେଳାକୁ ସକାଳେ ମାନ୍ୟଗଣ୍ୟ ଅତିଥି ତଥା ବଡ଼ବିଲ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ କୁମାର ମାଝୀ ଏବଂ ଆମ ସଂସ୍ଥାର ବରିଷ୍ଠ କର୍ମକର୍ତ୍ତାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନୀ ଅଭିଭାଷଣରେ ଅତିଥିମାନେ କହିଥିଲେ ଯେ, ଏଭଳି ଶିଳ୍ପସମୃଦ୍ଧ ଅଞ୍ଚଳରେ



ଯୁବକଯୁବତୀମାନଙ୍କ ପାଇଁ ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରିବାର ଏହା ଏକ ସୁବର୍ଣ୍ଣ ସୁଯୋଗ।ଏହି ନିଯୁକ୍ତି ମେଳାରେ ଦେଶର ବିଭିନ୍ନ କ୍ଷେତ୍ରର ପ୍ରାୟ ୫ ଟି ପ୍ରତିଷ୍ଠିତ କମ୍ପାନୀ ଯୋଗ ଦେଇଥିଲେ। ପ୍ରତ୍ୟେକ କମ୍ପାନୀ ନିଜ ନିଜର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପଦବୀ ଯଥା- ଟେକ୍ନିସିଆନ୍, ମ୍ୟାନେଜମେଣ୍ଟ ଟ୍ରେନି, ଏକ୍ଜିକ୍ୟୁଟିଭ୍ ଏବଂ ଫିଲ୍ଡ ଅଫିସର୍ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିଲେ।ଏହି ମେଳାରେ ଯୋଗଦେବା ପାଇଁ ବଡ଼ବିଲ୍ ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୨୫୦ ରୁ ଅଧିକ ଆଶାୟୀ ଯୁବକଯୁବତୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ମାଟ୍ରିକ, ଆଇଟିଆଇ , ଡିପ୍ଲୋମା, ଗ୍ରାଜୁଏଟ୍ ଏବଂ ପୋଷ୍ଟ-ଗ୍ରାଜୁଏଟ୍ ପାସ୍ କରିଥିବା ଉଭୟ ଫ୍ରେସର୍ସ ଏବଂ ଅଭିଜ୍ଞ ବ୍ୟକ୍ତି ସାମିଲ ଥିଲେ। ମେଳାରେ ପ୍ରାର୍ଥୀମାନଙ୍କ ସୁବିଧା ପାଇଁ ପଞ୍ଜୀକରଣ କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା, ଯେଉଁଠାରେ ସେମାନେ ନିଜର ବାୟୋଡାଟା ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦାଖଲ କରିଥିଲେ।ବଡ଼ବିଲ୍ ଲାଇଟ୍‌ହାଉସ୍ ପରିସରରେ ପ୍ରତ୍ୟେକ କମ୍ପାନୀ ପାଇଁ ପୃଥକ ପୃଥକ ଷ୍ଟଲ୍ ଏବଂ ସାକ୍ଷାତକାର କୋଠରୀର ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ପ୍ରାର୍ଥୀଙ୍କ ବାୟୋଡାଟା ଯାଞ୍ଚ୍ କରାଯିବା ପରେ ସେମାନଙ୍କର ଗ୍ରୁପ୍ ଡିସକସନ୍ ଏବଂ ସିଧାସଳଖ ସାକ୍ଷାତକାର ନିଆଯାଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଏବଂ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଯୋଗ୍ୟତା ଆଧାରରେ ଅନେକ ପ୍ରାର୍ଥୀଙ୍କୁ ସେହି ସ୍ଥାନରେ ହିଁ ପ୍ରାଥମିକ ଭାବେ ସ୍ପଟ୍ ସିଲେକ୍ସନ କରାଯାଇ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିବା ବେଳେ, ଅନ୍ୟ କିଛି ପ୍ରାର୍ଥୀଙ୍କୁ ପରବର୍ତ୍ତୀ ରାଉଣ୍ଡ ସାକ୍ଷାତକାର ପାଇଁ ସର୍ଟଲିଷ୍ଟ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଆମ ସଂସ୍ଥାର ମୁଖ୍ୟ ପରିଚାଳକ ସମସ୍ତ ଅଂଶଗ୍ରହଣକାରୀ ଓ କମ୍ପାନୀର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାକୁ ସଫଳ କରିବାରେ ଆମର ସମସ୍ତ ସ୍ୱେଚ୍ଛାସେବୀ ଓ କର୍ମଚାରୀ ଦିନସାରା ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଏହି ନିଯୁକ୍ତି ମେଳା ସ୍ଥାନୀୟ ଅଞ୍ଚଳରେ କର୍ମସଂସ୍ଥାନ ଯୋଗାଇବାରେ ଏକ ବଡ଼ ସଫଳ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ମଧ୍ୟ ବେକାର ଯୁବପିଢିଙ୍କ ହିତ ପାଇଁ ଆମ ସଂସ୍ଥା ପକ୍ଷରୁ ଏଭଳି ଅନେକ ଜନହିତକର ଓ ନିଯୁକ୍ତିଭିତ୍ତିକ ମେଳାର ଆୟୋଜନ ଜାରି ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# କାଣିଝର ନଦୀରେ ଲିଭିଗଲା ଛାତ୍ରର ଜୀବନଦୀପ

କେନ୍ଦୁଝର:୨୩/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋପାଳପୁର ନିକଟ କାଣିଝର ନଦୀରେ ଗାଧୋଇବା ବେଳେ ଇଞ୍ଜିନିୟରିଂ ଛାତ୍ର ବୁଡ଼ିଯାଇ ଜୀବନ ହାରିଛନ୍ତି। ମୃତକ ଜଣଙ୍କ ହେଉଛନ୍ତି ଆଦିତ୍ୟ ମହାନ୍ତ ଓରଫ କାହ୍ନା (୨୧ବର୍ଷ)। ସେ ସରକାରୀ ଡିଗ୍ରୀ ଇଞ୍ଜିନିୟରିଂ କଲେଜରେ ମାଇନିଙ୍ଗ ବିଭାଗରେ ପାଠ ପଢୁଥିଲେ। ଅଗ୍ନିଶମ ବାହିନୀ କାହ୍ନାଙ୍କ ଶବ ନଦୀରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, କାହ୍ନା ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇଥିବା ବେଳେ ନଦୀକୁ ଗାଧୋଇ ଯିବା ପାଇଁ ସମସ୍ତେ କଥା ହୋଇ ଯାଇଥିଲେ। ନଦୀରେ ଗାଧୋଇବା ପାଇଁ ପାଣିକୁ ଓହ୍ଲାଇବା ମାତ୍ରେ ସେ ଗଣ୍ଡ ଜଳରେ ପଡି ଯାଇଥିଲେ। ପହଁରା ଜାଣି ନଥିବାରୁ ସେହିଠାରେ ସେ ବୁଡି ଯାଇଥିଲେ। ସାଙ୍ଗମାନେ ମଧ୍ୟ ପହଁରା ଜାଣି ନଥିବାରୁ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ତୁରନ୍ତ ସେମାନେ କାହ୍ନାର ଘର ଲୋକଙ୍କୁ ଓ ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ମୃତଦେହ ଖୋଜି ବାହାର କରିଥିଲା। ଖବର ପାଇ କେନ୍ଦୁଝର ସଦର ଥାନା



ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସଦର ତହସିଲଦାର ଶୁଭେନ୍ଦୁ ସାହୁ ଘଟଣା ସମ୍ପର୍କରେ ଶୁଣି ସେଠାରେ ପହଞ୍ଚିଥିଲେ। କାହ୍ନାର ବାପା ଜଗବନ୍ଧୁ ମହାନ୍ତ ପହଞ୍ଚିବା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ନିଆ ଯାଇଥିଲା। କାହ୍ନାର ଘର କେନ୍ଦୁଝର ସହରର ମାଗୁରଗଡ଼ିଆ ଅଞ୍ଚଳରେ ହୋଇଥିବା ବେଳେ ସେ ବାପା ମାଆଙ୍କର ଏକ ମାତ୍ର ପୁତ୍ର ଥିଲେ। କାହ୍ନାଙ୍କ ପରିବାର ଉପରେ ଏବେ ଦୁଃଖର ପାହାଡ଼ ଭାଙ୍ଗି ପଡିଛି। ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ କରାଯାଇ ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରୀ ଅମିତ ଭୂୟାଁ କହିଛନ୍ତି। ଏଭଳି ଦୁଃଖଦ ଘଟଣାରେ କେନ୍ଦୁଝର ସହରରେ ଶୋକର ଛାୟା ଖେଳିଯାଇଛି।

# ଗାଁକୁ ରାସ୍ତା ନିର୍ମାଣ ପରେ ୧୩ ଜଣଙ୍କୁ ଆବାସ ବଣ୍ଟନ



ହରିଚନ୍ଦନପୁର, ୨୩/୫(ଶୂନ୍ୟରଞ୍ଜନ ଘଣା ) : ଗାଁକୁ ରାସ୍ତା ନିର୍ମାଣ ପରେ ଲୋକଙ୍କ ପାଖରେ ପହଞ୍ଚିଲା ସରକାରୀ ଯୋଜନା ଗାଁର ୧୩ଜଣ ହିତାଧିକାରୀଙ୍କୁ ଆନ୍ତର୍ଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଗଲା । ଏହି ଦୃଶ୍ୟ ଆସିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବରେଇଗୋଡ଼ା ପଞ୍ଚାୟତର ଦୁର୍ଗମ ବଡ଼ଜିମେଇଁ ଗାଁରୁ ଏହି ଗାଁକୁ ପୂର୍ବରୁ ସବୁଦିନିଆ ରାସ୍ତା ନଥିଲା। ସରକାରଙ୍କ ବିଭିନ୍ନ ସୁବିଧା ଯଥା ଆବାସ ଗୃହ, ପାନୀୟଜଳ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦିରୁ ଗ୍ରାମବାସୀ ବଞ୍ଚିତ ହେଉଥିଲେ। ଗାଁରେ ୨୭ଟି ଜୁଆଙ୍ଗ ଜନଜାତି ଓ ମୁଣ୍ଡା ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ଗତ ଜାନୁଆରି ମାସ ୫ ତାରିଖରେ ଗାଁର ୧୦ ରୁ ଉର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା 'ଗଣମାଧ୍ୟମ ରେ ପ୍ରକାଶ ପାଇଥିଲା। ପରେ ବ୍ଲକ୍‌ର ପ୍ରଶାସନିକ ଅଧିକାରୀମାନେ ଗାଁକୁ ଯାଇ ଘଟଣାର ତଦନ୍ତ କରିଥିଲେ । ଏହି ଗାଁକୁ ଗତ ୪ ମାସ ହେଲା ନୂତନ ରାସ୍ତା ନିର୍ମାଣ କରାଯାଉଛି। ମେଗା ପ୍ରକଳ୍ପରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପାଇଁ ଏକ ଟାଙ୍କି ନିର୍ମାଣ ହୋଇଛି। ମୋବାଇଲ ନେଟୱର୍କ ପାଇଁ ବିଏସ୍‌ଏନ୍‌ଏଲ୍‌ର ଟାୱାର ନିର୍ମାଣ କରାଯାଇଛି ଗ୍ରାମବାସୀ ଝାଟିମାଟି ଘରେ ରହୁଥିବାରୁ ପ୍ରଥମ ପର୍ଯ୍ୟାୟରେ ୨୭ଟି ପରିବାର ମଧ୍ୟରୁ ୧୩ ଟି ପରିବାରକୁ ଅନ୍ତୋଦୟ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସରପଞ୍ଚ ଜଲ ଜୁଆଙ୍ଗ, ପିଇଓ ରାଧାଶ୍ୟାମ ମହାନ୍ତ ଓ ଏବିଡିଇଓ ବସନ୍ତ କୁମାର ମାଝି ଗ୍ରାମର ଭାବୁନି ଜୁଆଙ୍ଗ, ବିଦା ଜୁଆଙ୍ଗ, ବୁଡୁନି ଜୁଆଙ୍ଗ, ଗଲେଇ ଜୁଆଙ୍ଗ, ଖଇରୀ ଜୁଆଙ୍ଗ, କୁନି ଜୁଆଙ୍ଗ, ମୁରାଇ ଜୁଆଙ୍ଗ, ସୋମବାରୀ ଜୁଆଙ୍ଗ, ସଭାପତି ଜୁଆଙ୍ଗ, ସମବାରି ଜୁଆଙ୍ଗ, ଟେମୀ ଜୁଆଙ୍ଗ, ଗୁଲି ଜୁଆଙ୍ଗ ଓ ଯାମିନୀ ଜୁଆଙ୍ଗଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ତେବେ ବାଲି ମିଳୁନଥିବାରୁ ଗୃହକାର୍ଯ୍ୟ ଆରମ୍ଭହୋଇପାରୁନାହିଁ ବୋଲି ସରପଞ୍ଚ କହିଛନ୍ତି।

## ବଞ୍ଚୋରେ କୃଷକ କ୍ଷେତ୍ରଦିବସ ପାଳିତ



ହାଟଡିହି ୨୩/୫ (ଅମିୟ ବରାଳ) – ହାଟଡିହି ବ୍ଲକ ବଞ୍ଚୋ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷକକ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ବଞ୍ଚୋ ସରପଞ୍ଚ ପ୍ରଶାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ କୃଷକ କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇଥିଲା ବେଳେ, ଏଥିରେ କୃଷି ଜିଲ୍ଲା ଅଧିକାରୀ ନୀଳମଣି ଦାସ, ବ୍ଲକ ସହକାରୀ କୃଷି ଅଧିକାରୀ ଭାମା ମଞ୍ଜରୀ ମହାନ୍ତ, ଗ୍ରାମ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ବଞ୍ଚୋ କୃଷକ ସାଥି ମନୋଜ କୁମାର ବରାଳ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଚାଷୀମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଓ ଉନ୍ନତ ପ୍ରଣାଳୀରେ ଚାଷ ସମ୍ପର୍କରେ ଅଭିଜ୍ଞ କୃଷି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।ବିଶେଷ କରି ଚଳିତ ବର୍ଷ ଚାଷୀମାନେ ରବିଫସଲ ପାଇଁ ନେଇଥିବା ସୋଲା,ମୁଗ,ବିରି,ବୁଟ ପ୍ରଭୃତି ଚାଷର କିପରି ଭାବରେ ଲାଭଦାୟକ ହୋଇଥିଲେ,ରବି ଫସଲରେ ରୋଗ କିମ୍ବା ପୋକ ଲାଗିଲେ ତାହାର ପ୍ରତିକାର କିପରି କରାଯାଇ ପାରିବ,ଆଉ କଣ ଆଗୁଆ ପଦକ୍ଷେପ ନେବାକୁ ହେବ ସେ ସମ୍ବନ୍ଧରେ ଉପସ୍ଥିତ ଚାଷୀଙ୍କୁ ଗ୍ରାମ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ ବୁଝାଇ କହିଥିଲେ। ସେହିପରି ଆଗକୁ ଖରିଫ୍ ଫସଲରେ ଧାନରେ ଧାଡିରୁଆକୁ ଗୁରୁତ୍ୱ ଦେବା ସହ ଚାଷୀଙ୍କୁ ଏହାର ଲାଭ ଉଠାଇବା ପାଇଁ କୃଷି ଜିଲ୍ଲା ଅଧିକାରୀ ନୀଳମାଧବ ଦାସ ପରାମର୍ଶ ଦେଇଥିଲେ। ଏଥିରେ ବଞ୍ଚୋ ଗ୍ରାମପଞ୍ଚାୟତର ଅଗ୍ରଣୀ ଚାଷୀମାନଙ୍କ ମଧ୍ୟରେ ସୁଚିତ୍ରା ନନ୍ଦ ବରାଳ,ବିଦ୍ୟାଧର ନାୟକ, ଶ୍ରୀକାନ୍ତ ବରାଳ,ଅନାମ ରାଉତ, ପରମାନନ୍ଦ ବିଶ୍ୱାଳ,ସନାତନ ଜେନା, ଇନ୍ଦ୍ରମଣି ବରାଳ, ମୋହନ ସୁନ୍ଦର ରାଉତ, ଶ୍ରୀକାନ୍ତ ଜେନା ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।ଶେଷରେ କୃଷକ ସାଥି ମନୋଜ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ମଧ୍ୟରେ ପାଣି ଉତ୍ସ ସୃଷ୍ଟି କରିବାକୁ ଦାବି

ହରିଚନ୍ଦନପୁର,୨୩/୫ ( ଶୂନ୍ୟରଞ୍ଜନ ଶଷବଭବ): ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବନ୍ୟପ୍ରାଣୀ ଡହଳ ବିକଳ ହେଉଛନ୍ତି। ବିଶେଷ କରି ସେମାନଙ୍କ ପାଇଁ କୌଣସି ପ୍ରକାର ସ୍ଥାୟୀ ଜଳଉତ୍ସ ନଥିବାରୁ ପାଣି ମୁନ୍ଦାଏ ପାଇଁ ଇତସ୍ତତଃ ହେଉଥିବା ଦେଖାଯାଉଛି ।ଉଭୟ କେନ୍ଦୁଝର ଏବଂ ଆନନ୍ଦପୁର ଡିଭିଜନ ଅନ୍ତର୍ଗତ ଦେଓଗାଁ, ଘଟଗାଁ ଏବଂ ଦୈତାରୀ ରେଞ୍ଜ ଅଧୀନରେ ରହିଥିବା ବନବିଭାଗ କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ବନ୍ୟଜନ୍ତୁ ପାଣି ପାଇଁ ଡହଳ ବିକଳ ହେବା ସହ ପ୍ରଚଣ୍ଡ ରୌଦ୍ୟତାପକୁ ସହ୍ୟ କରିନପାରି ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଜଙ୍ଗଲ ଦେଇ ବୋହିଯାଇଥିବା କ୍ଷୁଦ୍ର ନାଳ ଗଡ଼ିଆ ଆଦିରେ ପାଣି ଶୁଖି ଯାଇଥିବାରୁ ପାଣି ପିଇବାକୁ ବନ୍ୟଜନ୍ତୁଙ୍କୁ ମିଳୁନାହିଁ । ଫଳରେ ସନ୍ଧ୍ୟା ସମୟରେ ଏବଂ ଦିନବେଳା ପାଣି ଅନ୍ୱେଷଣରେ ବନ୍ୟଜନ୍ତୁ ନିକଟସ୍ଥ ଗାଁ କୁ ଆସୁଥିବା ପରିଲକ୍ଷିତ ହୋଇଛି। ଅନ୍ୟ ପକ୍ଷରେ କେତେକ



ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଜଙ୍ଗଲକୁ ନଷ୍ଟ କରିବାରେ ଲାଗିଛନ୍ତି। ଏହାକୁ ନେଇ ପରିବେଶବିତ ରମେଶଚନ୍ଦ୍ର ମିଶ୍ର, ସମ୍ରାଟ ଟୁଡୁ ଆଦି ଚିନ୍ତାପ୍ରକଟ କରିବା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଯଥାଶୀଘ୍ର ଅସ୍ଥାୟୀ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ବନବିଭାଗ ନିକଟରେ ଦାବି କରିଛନ୍ତି। ଅପରପ ପରପକ୍ଷରେ ଜୀବଜନ୍ତୁଙ୍କ ନିମନ୍ତେ ଜଳ ବ୍ୟବସ୍ଥା ସହିତ ଜଙ୍ଗଲରେ ନିଆଁ ଲଗାଇବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗଅଧିକାରୀ ପ୍ରକାଶ କରିଛନ୍ତି

# ଗ୍ଲୋବାଲ୍ ଆସୋଷିଏଟ ଲୋଡର ଧକ୍କାରେ ଶ୍ରମିକ ଗୁରୁତର

ବଡ଼ବିଲ:୨୩/୫(ସରୋଜ କୁମାର ମହାପାତ୍ର):ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଖଣିଜ ପଦାର୍ଥ ଅନ୍ ଲୋଡ୍ ସମୟରେ, ଗ୍ଲୋବାଲ ଆସୋସିଏଟ ର ଲୋଡର ଧକ୍କାରେ କାର୍ଯ୍ୟରତ ଶ୍ରମିକ ଗୁରୁତର। କେନ୍ଦୁଝର ଜିଲ୍ଲାର ଖଣିଜକ୍ଷେତ୍ର ବଲାଣି ଥାନା ଅନ୍ତର୍ଗତ ବଲାଣି ରେଲୱେ ସାଇଡିଂ ରେ ଆରୀୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଖଣିଜ ପଦାର୍ଥ ଲାଇମଷ୍ଟୋନ୍ ରେଳ ୱାଗନ୍ ରୁ ଅନଲୋଡ୍ ସମୟରେ, ଉକ୍ତ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଗ୍ଲୋବାଲ୍ ଆସୋସିଏଟ୍ ର ଲୋଡର ଧକ୍କାରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛି । ଯାହାକି ସୂଚନା ରହିଛି ଆରୀୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀ ଓ ଠିକାସଂସ୍ଥା ଗ୍ଲୋବାଲ ଆସୋସିଏଟ୍ ର କାର୍ଯ୍ୟ ସମୟରେ ସୁରକ୍ଷାରେ ଅବହେଳା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ନେଇ ସୂଚନା। ତେବେ ଠିକାସଂସ୍ଥା ଗ୍ଲୋବାଲ୍ ଆସୋସିଏଟ୍ କତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଏହି ଦୁର୍ଘଟଣା ଘଟି ଜଣେ ଶ୍ରମିକର ଜୀବନ ସଙ୍କଟାପର୍ଣ୍ଣ। ସୂଚନା ଅନୁଯାୟୀ ଆଜି ବଲାଣି ଥାନା ଅନ୍ତର୍ଗତ ବଲାଣି ରେଲୱେ ସାଇଡିଂ ରେ ଗ୍ଲୋବାଲ ଆସୋସିଏଟ୍ ର ଲୋଡର ଖାମଖିଆଲି ଭାବେ ଲୋଡର ଚଳାଇ ଜଣେ ଶ୍ରମିକର ବାମ ଗୋଡ଼ରେ ଚଢ଼ି ଯାଇଥିଲା, ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓ ଆରିୟା କମ୍ପାନୀର କର୍ମଚାରୀ ଗୁରୁତର ଅବସ୍ଥାରେ ଯୁବକକୁ ବଡ଼ବିଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଦେଖିବାକୁ ମିଳିଛି। କଣ ଉକ୍ତ ରେଲୱେ ସାଇଡିଂ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ବୈଧ କାଗଜପତ୍ର ସହ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି ତାହା ଏବେ ବଡ଼ ପ୍ରଶ୍ନବାଚି ସୃଷ୍ଟିହୁଏ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ବଲାଣି ପୋଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଲୋଡର କୁ ଜବତ୍ କରି ତଦନ୍ତ ଚଳାଇଥିବା ନେଇ ସୂଚନା। ତେବେ ଦୁର୍ଘଟଣା ତେବେ ଏହି ଦୁର୍ଘଟଣାରେ ଗୁରୁତର ଆହତ ଯୁବକର ଜୀବନ ଅବା ଏକ ଅଙ୍ଗ ନଷ୍ଟହୁଏ ତାର ପରିବାର ର ଭରଣ ପୋଷଣ କିଏ କରିବ ଆରୀୟା କମ୍ପାନୀ ନା ଗ୍ଲୋବାଲ ଆସୋସିଏଟ୍, ତେବେ ଏହି ଘଟଣାରେ ଆଞ୍ଚଳିକ ପ୍ରଶାସନ ପକ୍ଷରୁ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।



ରବିବାର ୨୪।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ଛୁରା ମାଡରେ ଶଳା ଗୁରୁତର

ଆସିକା ୨୩/୦୫(ଅକ୍ଷର ଓଡ଼ିଶା) ଗଞ୍ଜାମ ଜିଲ୍ଲା ଆସିକା ଥାନା ଇଲାକର ବସଷ୍ଟାଣ୍ଡ ଠାରେ ଜ୍ୱାଇଁ ଙ୍କ ଛୁରା ମାଡରେ ଶଳା ହୋଇଛି ଗୁରୁତର । ସେ ଜଣଙ୍କ ହେଲେ କଂସ ଡାକୁଆ (୨୫) ଘର ବଡ଼ଗଡ଼ ଥାନା ଅନ୍ତର୍ଗତ ବଖରକଟା ଗ୍ରାମ ବୋଲି ଜଣା ପଡିଛି କ୍ଷ ଆକ୍ରମଣ କରିଥିବା ଜ୍ୱାଇଁ ହେଲେ କୁନା ଡାକୁଆ (୩୫) ଘର ହେଉଛି ଶେରଗଡ଼ ଥାନା ଅନ୍ତର୍ଗତ ଖମାର ଗ୍ରାମ । କୌଣସି ଏକ ପାରିବାରିକ କଳହ କୁ କେନ୍ଦ୍ର କରି ଶାଳକ ଓ ଭିଣେଇ ଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତା ହାତି ହୋଇଥିଲା । ଭିଣେଇ କୁନା ଉତକ୍ଷିପ୍ତ ହୋଇ ପକେଟ ରେ ଧରିଥିବା ଏକ ଚୁରକ୍ଷକୁ ବାହର କରି ଶାଳକର ହାତ ଗୋଡ଼ ଆଦି ଏକାଧିକ ସ୍ଥାନ କୁ ଆକ୍ରମଣ କରିଥିଲେ । ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଂଚି ଆହତ କଂସ କୁ ଚିକିତ୍ସା ଲାଗି କୁ ଆସିକା ଉପ ଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ମେଡିକାଲ କୁ ପଠାଯାଇଛି । ଅଭିଯୁକ୍ତ ଭିଣୋଇ କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି ।

## ୨୨ ଦିନରେ ୩୫୫ ୱାରେଣ୍ଟି ଗିରଫ

ପୁରୀ, ୨୩।୫(ଅକ୍ଷର ଓଡ଼ିଶା): ଜିଲ୍ଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ୱାରେଣ୍ଟି ଧରା ଅଭିଯାନ। ଜାମିନ ପାଇଥିବା ବହୁ ଅଭିଯୁକ୍ତ ଦୀର୍ଘଦିନ ଧରି କୋର୍ଟରେ ହାଜର ହୋଇନଥିବାରୁ ସେମାନଙ୍କ ବିରୁଦ୍ଧରେ ନନ ବେଲେବୁଲ (ଏନବିବ୍ଲୁ) ୱାରେଣ୍ଟ ଜାରି କରାଯାଇଥିଲା। ଜାରି ୱାରେଣ୍ଟ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକରୀ କରିବାକୁ ଏସପି ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶ ପରେ ପୁରୀ ପୋଲିସ ପକ୍ଷରୁ ୱାରେଣ୍ଟି ଧରା ଅଭିଯାନକୁ ଜୋରଦାର କରାଯାଇଛି। ଗତ ୨୨ ଦିନ ମଧ୍ୟରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ୩୫୫ ୱାରେଣ୍ଟଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

## ସମାଜସେବୀ ଇତିଶ୍ରୀ ମହାନ୍ତିଙ୍କ ପରଲୋକ

କଟକ ସଦର୨୩/୦୫(ଅକ୍ଷର ଓଡ଼ିଶା) : କଟକ ସଦର ବୟାଳିଶମୌଜା ବିଜେପି ମଣ୍ଡଳର ପୂର୍ବତନ ଉପ ସଭାପତି ତଥା କଟକ ଜିଲ୍ଲା କୃଷକ ମୋର୍ଚ୍ଚା ସଂପାଦକ ଶୁଭନ୍ୟାସ ମହାନ୍ତିଙ୍କ ଧର୍ମପତ୍ନୀ ଇତିଶ୍ରୀ ମହାନ୍ତି(୪୦)ଙ୍କ ବହଳପଡ଼ା ସ୍ଥିତ ବାସଭବନରେ ଅକାଳ ବିୟୋଗ ଘଟିଛି । ଗତ କିଛି ଦିନ ହେବ ସେ ଫୁସଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ବଡ଼ ମେଡ଼ିକାଲରୁ ଫେରିଥିଲେ । ତାଙ୍କର ବିୟୋଗ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହେବାସହ ଏବଂ ବିରାଟ ପଟୁଆରରେ ମର ଶରୀରକୁ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା । ପୁତ୍ର ତ୍ରିଜଲ ମହାନ୍ତି ମୁଖାଗ୍ନି ଦେଇଥିଲେ ।

## ବୁଗୁଡ଼ାର ୱାର୍ଡ-୫ରେ ପାନୀୟ ଜଳ ଯୋଗାଣ ଠପ୍

ବୁଗୁଡ଼ା ୨୩/୦୫/(ଅକ୍ଷର ଓଡିଶା ) : ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଗୁଡ଼ା ଏନଏସିର ୱାର୍ଡ-୫ ଅନ୍ତର୍ଗତ ସିମାଞ୍ଚଳନଗର, ନୃସିଂହ ମନ୍ଦିର ସାହି, ମହାରଣାସାହିରେ ଦୁଇ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ତିନି ସାହିର ପ୍ରାୟ ଚାରି ଶହ ପରିବାର ପିଇବାକୁ ପାଣି ନପାଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଲୋକଙ୍କୁ ବାଧ୍ୟ ହୋଇ ଆଖପାଖରୁ ବହୁ କଷ୍ଟରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ପଡୁଛି। ଏ ନେଇ ସ୍ଥାନୀୟ ପିଏଚଡି ଅଧିକାରୀଙ୍କୁ ଲୋକେ ଯୋଗାଯୋଗ କରିବାରେ ବିଫଳ ହୋଇ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହା ଫଳରେ ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ପ୍ରତି ଜଳକଷ୍ଟ ଭୋଗୁଥିବା ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏଣୁ , ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦୃଢ ଦାବି ହେଉଛି।

# ଗାଁରେ ସରକାରୀ ଯୋଜନାର ସ୍ଥିତି ଅନୁଧ୍ୟାନ କଲେ କମିଶନର-ତଥା-ସଚିବ ବି. ପରମେଶ୍ୱରନ



କୋରାପୁଟ ୨୩/୦୫(ଅକ୍ଷର ଓଡ଼ିଶା): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଶ୍ରୀ ବି. ପରମେଶ୍ୱରନ ଆଜି କୋରାପୁଟ ବ୍ଲକ ଅନ୍ତର୍ଗତ ମେଣ୍ଟାଗୁଡ଼ା ଓ ପଡେଇଗୁଡ଼ା ଆଦିବାସୀ ଗ୍ରାମ ଗସ୍ତ କରି ସରକାରୀ ସୁବିଧା ଓ ଜୀବିକା କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ କରିଛନ୍ତି।ଶ୍ରୀ ପରମେଶ୍ୱରନ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷା, କୃଷି ପାଇଁ ଜଳସେଚନ, ପାନୀୟ ଜଳ, ଋତୁକାଳୀନ ଫସଲ ଓ ଜୀବିକାର ଉପଲବ୍ଧତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଋଣ, ପୁଞ୍ଜି ନିବେଶ ଓ ଆୟ, ଏବଂ କ୍ଲଷ୍ଟର ସ୍ତରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର କାର୍ଯ୍ୟାନ୍ୱୟନ ତଥା କୃଷି ଓ କ୍ଷୁଦ୍ର ଉଦ୍ୟୋଗରୁ ମିଳୁଥିବା ଫଳାଫଳର ସମୀକ୍ଷା କରିଥିଲେ। ସେ ନିକଟସ୍ଥ ଗ୍ରାମ ଓ ଜିଲ୍ଲା ସଦରରେ ଉତ୍ପାଦିତ ସାମଗ୍ରୀ ପାଇଁ ଉପଲବ୍ଧ ବଜାର ସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଗସ୍ତ ଅବସରରେ କମିଶନର-ତଥା-ସଚିବ ମେଣ୍ଟାଗୁଡ଼ା କ୍ଲଷ୍ଟରରେ ଯୁବ ଲକ୍ଷ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ରତିରାମ ପୂଜାରୀଙ୍କ କମ୍ପ୍ୟୁଟର ୟୁନିଟ ପରିଦର୍ଶନ କରିଥିଲେ। ଆଦିବାସୀ ଯୁବକମାନେ ସୂଚନା ପ୍ରଯୁକ୍ତି ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହେଉଛନ୍ତି, ତାହା ସେ ଅନୁଧ୍ୟାନ କରିଥିଲେ। ଶ୍ରୀ ପରମେଶ୍ୱରନ କହିଥିଲେ ଯେ, 'ସରକାରଙ୍କ ସମସ୍ତ ଯୋଜନା ଶେଷ ବ୍ୟକ୍ତି ପାଖରେ ପହଞ୍ଚିବା ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବିକାର ସ୍ଥାୟୀ ବିକଳ୍ପ ସୃଷ୍ଟି କରାଯିବ।' ଏହି ଗସ୍ତ ସମୟରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୋରାପୁଟ; ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ; ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳକ; ବିଷୟବସ୍ତୁ ବିଶେଷଜ୍ଞ (କୃଷି); ବିଷୟବସ୍ତୁ ବିଶେଷଜ୍ଞ (କ୍ଷୁଦ୍ର ଉଦ୍ୟୋଗ ଓ ସଂସ୍ଥାଗତ ନିର୍ମାଣ) ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୋରାପୁଟ; ସରପଞ୍ଚ, ୱାର୍ଡ ସଭ୍ୟଗଣ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ଗ୍ରାମ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, କୋରାପୁଟ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରଙ୍ଗୀ ବିଦ୍ୟୁତ୍ ଅଫିସ୍ ଘେରାଉ କଲେ ତାଳପଡା ଗ୍ରାମବାସୀ



ପାତ୍ରପୁର, ୨୩/୦୫(ଅକ୍ଷର ଓଡ଼ିଶା) ଅଘୋଷିତ ବିଦ୍ୟୁତ କାଟ୍ ଓ ଏସ୍ ନୁଆଗାଁ ଗ୍ରାମର ଉପର ପଟରୁ ଯାଇଥିବା ୧୧ କେଭି ତାର ହଟାଇବା ଦାବିକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିରବ ଦର୍ଶକ ସାଜିଥିଲା ବିଦ୍ୟୁତ ବିଭାଗ। ତେଣୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇ ସୁରଙ୍ଗୀ ବିଦ୍ୟୁତ୍ ଅଫିସରେ ଗ୍ରାମବାସୀ ତାଲା ପକାଇଥିବା କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ପାତ୍ରପୁର ବ୍ଲକ ଅନ୍ତର୍ଗତ ତାଳପଡା ଓ ଆଖପାଖ ଅଞ୍ଚଳର ଦୁଇ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସି ଏକତ୍ରିତ ହୋଇ ସୁରଙ୍ଗି ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିବା ସହିତ ରାସ୍ତା ଅବରୋଧ କରି ସେଠାରେ ରନ୍ଧାବଢ଼ା କରିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବାହାରକୁ କାଢ଼ି ଳ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତାରୋକ କରି ପ୍ରତିବାଦ କରୁଥିବା ଖବର ପାଇ ଘଟଣା ସ୍ଥଳରେ ଖାରିଆଗୁଡା ଫାଣ୍ଡି ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ। ଏଥି ସହିତ ବିଦ୍ୟୁତ ବିଭାଗର ଟିକିଟୀ ସେକ୍ସନ ଏସଡିଓ ଓ ସୁରଙ୍ଗି ଜେଇ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ଗ୍ରାମବାସୀ ଲିଖିତ ପ୍ରତିଶ୍ରୁତି ପାଇଁ ଜିଦ ଧରି ବସିଥିଲେ। ପରବର୍ତ୍ତୀ ସମୟରେ ଏସଡିଓ ହସ୍ତକ୍ଷେପ କରି ଏସ ନୁଆଗାଁ ଗ୍ରାମ ଦେଇ ଯାଇଥିବା ୧୧ କେଭି ତାର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ତରଫରୁ ଟଙ୍କା ମଞ୍ଜୁର କରିଥିବା ଚିଠି ଦେଖାଇବା ସହିତ ଅଘୋଷିତ ବିଦ୍ୟୁତ କାଟ ବନ୍ଦ ହବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଲୋକେ ଶାନ୍ତ ହୋଇ ପ୍ରତିବାଦରୁ ଘଟିଥିବା ଜଣାପଡ଼ିଛି। ଏନେଇ ଟିକିଟୀ ଏସବିଓଙ୍କ ସହିତ ଯୋଗାଯୋଗ କରିବାରୁ ଅଘୋଷିତ ବିଦ୍ୟୁତ କଟ ନାହିଁ। କେବଳ ଜରୁରୀକାଳିନ ପରିସ୍ଥିତି ବେଳେ ବିଦ୍ୟୁତ ସରବରାହ ବନ୍ଦ ରହୁଛି। ଏଥି ସହିତ ତାଙ୍କର ବହୁ ଦିନ ଧରି ଏସ ନୁଆଗାଁ ଗ୍ରାମର ୧୧ କେଵ ତାର ସ୍ଥାନାନ୍ତର ଦାବି ରହିଛି। ତାହା ଉପରେ ଉଚ୍ଚ ପଦାଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## କାଳ ବୈଶାଖୀ ପ୍ରଭାବ ବଜ୍ରାଘାତରେ ହଳୁଆ ବଳଦ ମୃତ

ଦାରିଙ୍ଗବାଡି, ୨୩/୦୫(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଗତକାଲି ଅପରାହ୍ନରେ ହଠାତ୍ ପାଗ ପରିବର୍ତ୍ତନ ହେବା ସହ ପ୍ରବଳ ବେଗରେ ପବନ, ବର୍ଷା ଏବଂ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ରେ ପର୍ଡ଼ମାହା ପଞ୍ଚାୟତ କେର୍କେବାଡ଼ି ଗ୍ରାମର ସୂର୍ଯ୍ୟକାନ୍ତ ପ୍ରଧାନ ଜଣେ ଗରିବ ଚାଷୀଙ୍କର ଗୋଟିଏ ହଳୁଆ ବଳଦର ଅକାଳ ମୃତ୍ୟୁ ଘଟିଛି ।ମିଳିଥିବା ସୂଚନା ମୁତାବକ, ନିଜ କ୍ଷେତ ରେ କାମ ସାରି ବଳଦକୁ ଘାସ ଖାଇବା ନିମନ୍ତେ ବାହାରକୁ ଛାଡ଼ିଥିଲେ। ଅପରାହ୍ନ ୪ ଟା ସମୟରେ ହଠାତ୍ ପ୍ରଚଣ୍ଡ ଶବ୍ଦରେ ବଜ୍ରପାତ ହୋଇଥିଲା। ବଜ୍ରାଘାତ ସେହି ବଳଦ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ହିଁ ବଳଦଟିର ମୃତ୍ୟୁ ଘଟିଥିଲା। ଆଗକୁ ବର୍ଷା ଋତୁ ରେ ଧାନ ଚାଷ ସମୟ ଆସୁଥିବା ବେଳେ ରୋଜଗାରର ଏକମାତ୍ର ସାହାରା ହରାଇ ଚାଷୀ ପରିବାରଟି ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ପ୍ରଶାସନ ନିକଟରେ ମୃତ ବଳଦର ଶବ ବ୍ୟବଚ୍ଛେଦ କରାଇବା ସହ କ୍ଷତିଗ୍ରସ୍ତ ଗରିବ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ପ୍ରଶାସନ ନିକଟରେ ଖବର ପହଞ୍ଚିଲା ପରେ ଭି.ଏସ୍ ଜଗନାଥ ଘୋଡେଇ ଓ ବନ୍ଦିତା ମିଶ୍ର ଘଟଣା ସ୍ଥାନ କୁ ଯାଇ ପରିଦର୍ଶନ କରିଥିଲେ ।

## ବେକରେ ଦୌଡି ଦେଇ ୧୬ ବର୍ଷୀୟ ବାଳକର ଆତ୍ମହତ୍ୟା



ରାଇଘର:-୨୩/୦୫ (ଅକ୍ଷର ଓଡ଼ିଶା) ନବରଙ୍ଗପୁର ଜିଲ୍ଲାରେ ତୁରୁଡିହୀରେଏକ ଦୁଃଖଦ ଘଟଣା ସମ୍ମୁଖକୁ ଆସିଛି। କୁନ୍ଦେଇ ଥାନା ଅନ୍ତର୍ଗତ ତୁରୁଡ଼ିହି ପଞ୍ଚାୟତର ପାଉରବେଳ ଗ୍ରାମରେ ଜଣେ ୧୬ ବର୍ଷୀୟ ବାଳକ ବେକରେ ଦୌଡି ଦେଇ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।ସୂଚନା ଅନୁଯାୟୀ, ପାଉରବେଳ ଗ୍ରାମର ଜଣେ ନାବାଳକ ଗତକାଲି ବିଳମ୍ବିତ ରାତିରେ ନିଜ ଘର ନିକଟରେ ଥିବା ଏକ କରଞ୍ଜ ଗଛରେ ଫାସୀ ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ପରିବାର ଲୋକେ ଘଟଣା ଦେଖି ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିଲେ ।ମୃତ ବାଳକ ଶୈଶବକାଳରୁ ଶାରୀରିକ ଭାବେ ବିକଳାଙ୍ଗ ଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ସେ ଏପରି ଚରମ ପଦକ୍ଷେପ ନେଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।ପରିବାର ପକ୍ଷରୁ କୁନ୍ଦେଇ ଥାନାରେ ଏତଲା ଦିଆଯାଇଥିବାବେଳେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

## ଫକୀର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ପ୍ରସ୍ତୁତି

ସମ୍ବଲପୁର ୨୩/୦୫ (ଅକ୍ଷର ଓଡିଶା) ସମ୍ବଲପୁରୀ ଲୋକ ସଙ୍ଗୀତ ର ମହାନ୍ ସାଧକ ଫକୀରମୋହନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ରେ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରେ ଫକିରମୋହନ ପଟ୍ଟନାୟକଙ୍କ ଲୋକପ୍ରିୟ ସମ୍ବଲପୁରୀ ଗୀତ ଜରିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭବାନୀଶ ଭୋଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଫକୀରମୋହନ ପଟ୍ଟନାୟକ ସମ୍ବଲପୁରୀ ଲୋକ ସଙ୍ଗୀତ ପରିଚୟ । ତେଣୁ ସମ୍ବଲପୁରୀ ଡେରା ରେ ତାଙ୍କର ସ୍ମୃତି ସୁରକ୍ଷା ବ୍ୟବସ୍ଥା କରାଯିବା ନେଇ ମଞ୍ଚ ପକ୍ଷରୁ ଆଲୋଚନା କରାଯାଇଥିଲା । ଗୁରୁ ପ୍ରମୋଦ ମିଶ୍ରଙ୍କ ସଂଯୋଜନା ରେ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାୟକ ଗାୟିକା ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏହି ପ୍ରସ୍ତୁତି ବୈଠକରେ ଗୁରୁ ରଞ୍ଜିତ ସାହୁ, ମାନସ ଷଡ଼ଙ୍ଗୀ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଦଶରଥ ମେହେର, କାହ୍ନୁ କେଶବ ବହିଦାର, ରାହୁଲ ଗୁପ୍ତା, ଅମନ ଚିରଗୁନ, ପଙ୍କଜିନୀ ମେହେର, ଲଳିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବେସାହାରା ପରିବାର ଉପରେ ପଡୁନି ପ୍ରଶାସନର ନଜର



ବିନିକା. ୨୩।୦୫.(ପ୍ରତାପ ରୁଦ୍ର କର୍ଣ୍ଣ)ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଓ ବେସାହାରା ପରିବାର ପାଇଁ କୋଟି କୋଟି ଟଙ୍କାର ଯୋଜନା ପ୍ରଣୟନ କରୁଥିଲେ ହେଁ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମର ପାରା ଭୋଇଙ୍କ ପରିବାର ପାଇଁ ତାହା କେବଳପ୍ରହସନ ପାଲଟିଛି ୮୫ ବର୍ଷୀୟ ପାରା ଭୋଇ ଦେହ ଅସୁସ୍ଥ କାରଣରୁ ରୋଗ ଚିକିତ୍ସା ପାଇଁ ପରିବାରର ଚାଷ ଜମି, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା କାର୍ଡ ବି ବନ୍ଧା ପଡିଥିବାରୁ ପରିବାର ଦାନା ମୁଠାଏ ପାଇଁ ଅନ୍ୟ ଉପରେ ନିର୍ଭର କରି ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘର ଟିଏ ବି ନାହିଁ ତାଙ୍କ ଝିଅ ୫୫ ବର୍ଷୀୟା ପୂର୍ଣ୍ଣବାସୀ ଭୋଇଙ୍କ ସ୍ୱାମୀ ସ୍ୱର୍ଗତ ତୁଳସା ଭୋଇଙ୍କ ଦେହାନ୍ତକୁ ୧୭ ବର୍ଷ ବିତିଗଲାଣି ହେଲେ ହେଁ ଆଜି ଯାଏଁ ସେ ବିଧବା ଭତ୍ତା ପାଇନାହାନ୍ତି। ବାରମ୍ବାର ପଞ୍ଚାୟତର ସରପଞ୍ଚ ଓ ମେମ୍ବରଙ୍କ ପାଖରେ ଗୁହାରି କରି ଆବଶ୍ୟକ କାଗଜପତ୍ର ଦାଖଲ କରିବା ସତ୍ତ୍ୱେ ଫଳ ଶୂନ। ନାତି ବଳରାମ ଭୋଇ ଦୀର୍ଘ ବର୍ଷ ହେଲା ଏକ ଅଜଣା ରୋଗରେ ପୀଡିତ ହୋଇ ବିକଳାଙ୍ଗ ପରିଚୟପତ୍ର ପାଇଥିଲେ ହେଁ ତାଙ୍କର ଭତ୍ତା ବି ହୋଇପାରୁନାହିଁ। ଏକମାତ୍ର ନାତୁଣୀ ୪୨ବର୍ଷୀୟା ଲଳିତ ଭୋଇ ଶାରୀରିକ ଅକ୍ଷମ। ବାହା ସାହା ହୋଇନଥିବାରୁ ଆଇ ଓ ମାଆଙ୍କ ସହ ରହି ଦୁଃଖ ଯନ୍ତ୍ରଣା ସହି ଜୀବନ କାଟୁଥିବା ସ୍ୱତ୍ତ୍ୱେ ରାସନ କାର୍ଡ ଟିଏ ବି ହୋଇପାରୁନି । ପାଞ୍ଚ ଜଣିଆ ଏଇ ବେସାହାରା ପରିବାର ଉପରେ କେବେ ପଡିବ ସରକାରଙ୍କ ନଜର, ତାହା ଏବେ ଗ୍ରାମବାସୀଙ୍କ ମନ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ରାସନ, ଭତ୍ତା, ଚିକିତ୍ସା ସହାୟତା କିଛି ବି ପାଇନଥିବା ଏହି ପରିବାର ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି।ଏ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହି ।

# ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ରାସ୍ତା ଅବରୋଧ କଲେ ଗ୍ରାମବାସୀ ଘଣ୍ଟା ଘଣ୍ଟା ଧରି ଯାତାୟାତ ଠପ

ରଣପୁର, ୨୩/୦୫(ଅକ୍ଷର ଓଡ଼ିଶା):ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱ ରହିଥିବାରୁ ଖରାରେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଉ ଥିବା ବେଳେ ଅସହ୍ୟ ହୋଇ ପଡ଼ିଛି ଗରମ ଓ ଗୁଳୁଗୁଳି । ଏହା ସହିତ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଏହାର ପ୍ରଭାବରେ ଛଟ ପଟ ହୋଉଛନ୍ତି । ରାଜ୍ୟ ସରକାର ଅଘୋଷିତ ବିଦ୍ୟୁତ କାଟକୁ ଏକ ଦଣ୍ଡନୀୟ ଅପରାଧ ଘୋଷଣା କରିଥିଲେ ମଧ୍ୟ ଟାଟା କମ୍ପାନୀ ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି ବିଭିନ୍ନ ଆଳ ଦେଖାଇ ଦୈନିକ ୮ରୁ ୧୦ ଥର ଅଘୋଷିତ ବିଦ୍ୟୁତ୍ କାଟ କରୁଛି । ଏହା ସହିତ ବିଦ୍ୟୁତ୍ କାଟକୁ ନେଇ ସ୍ଥାନୀୟ ଯନ୍ତ୍ରୀଙ୍କୁ ଯୋଗ ଯୋଗ କଲେ ମଧ୍ୟ ଫୋନ ଉଠାଉ ନାହାନ୍ତି । ଏହି ଅଘୋଷିତ ଓ ଅନିୟମିତ ବିଦ୍ୟୁତ କାଟରେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା,କାସନ୍ଦା, ସୂର୍ଯ୍ୟାବଡି,ନରେନ୍ଦ୍ର ପୁର ଗ୍ରାମର ଲୋକମାନେ ଅତିଷ୍ଠ ହୋଇ ପ୍ରତିବାଦ କରିଥିଲେ । ଗ୍ରାମବାସୀମାନେ ରାଜସୁନାଖଳା ଗ୍ରିଡକୁ ଘେରାଉ କରିବା ସହିତ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଶହ ଶହ ଗାଡି ରାଜ ରାସ୍ତାରେ ଲମ୍ବିବା ସହିତ ଘଣ୍ଟା ଘଣ୍ଟା ଧରି ଯାତାୟାତ ଠପ ରହିଥିଲା । ରାଜସୁନାଖଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ଯାତାୟାତ ନୀୟନ୍ତ୍ରଣ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରତ୍ୟକ୍ଷ ଭାବରେ ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କୁ ଅଘୋଷିତ ବିଦ୍ୟୁତ ନକାଟିବା ପାଇଁ ତାଗିଦ କରିଥିଲେ । ଏଥି ସହିତ ଲୋକଙ୍କୁ ବୁଝାସୁଝା କରି ପୋଲିସ ,ବିଦ୍ୟୁତ କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଗାମୀ ଦିନରେ ଏକ ବୈଠକ ବସାଇ ବିଦ୍ୟୁତ ସମସ୍ୟାର ସମାଧାନ କରା ଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇ ଥିଲା। ଏହି ଘେରାଉରେ ରାଜସୁନାଖଳା ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ସାହୁ ,କାସନ୍ଦା ସରପଞ୍ଚ ପ୍ରତିନିଧି କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଓ ସ୍ଥାନୀୟ ଅଞ୍ଚଳର ଶହ ଶହ ଗ୍ରାମବାସୀମାନେ ସାମିଲ ଥିଲେ।

## ରଘୁନାଥ ଜୀଉ ନାଟ୍ୟ ସମିତିର ପ୍ରଥମ ରଜନୀ ନାଟକ ତାଡକାବଧ



କଣ୍ଟିଲୋ, ୨୩।୫(ଅକ୍ଷର ଓଡ଼ିଶା) କଣ୍ଟିଲୋ ମାଧବ ଚୈଧୁରୀ ପାଟଣା ସାହି ସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠାନ ର ବଛାବଛା କଳାକାର ମାନଙ୍କୁ ନେଇ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତବର୍ଷ ଗତ ଶୁକ୍ରବାର ଠାରୁ ୫ ଦିନ ବ୍ୟାପୀ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ରାମାୟଣ କଥାବସ୍ତୁକୁ ନେଇ ଅଭିନୟ ମାଧ୍ୟମରେ ପ୍ରଥମ ରଜନୀ ରେ ବିଶ୍ୱାମିତ୍ର ଜାଗରକ୍ଷା, ତାଡକାବଧ, ଓ ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ଓ ସାଥିଙ୍କ ଦ୍ୱାରା ଭାବମୟ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା। ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ରାମପ୍ରେମି ଦର୍ଶକ ମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶୃଙ୍ଖଳାର ସହିତ ବସି ରାମ କଥାମୃତ ନାଟକ ମାଧ୍ୟମରେ ଦେଖୁଥିବା ର ମିଳିଥିଲା। ରାମଚନ୍ଦ୍ର ଭୂମିକାରେ- ସୁଭମ୍, ଲକ୍ଷ୍ମଣ- ଅନୁଜ, ସୀତା- ଶ୍ରୀକାନ୍ତ, ଦଶରଥ- ଚିତ୍ତରଞ୍ଜନ, ବିଶ୍ୱାମିତ୍ର- ବିରଞ୍ଚି, ମାରିଚ - ଶୁଶାନ୍ତ, ସୁବାହୁ- ବାପୁଜୀ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ ।ପ୍ରଥମ ରଜନୀ ର ମୁଖ୍ୟ ଆକର୍ଷଣ ତାଡକା ଅସୁରୁଣୀ ଭୂମିକାରେ ଅନୁଷ୍ଠାନ ର ପୁରାତନ କଳାକାର ରଜତ କୁମାର ଦାସ ଙ୍କ ଅଭିନୟ ଦେଖିବାପାଇଁ ଦର୍ଶକ ମାନଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଶନିବାର ଅନୁଷ୍ଠାନ ର ଦ୍ୱିତୀୟ ରଜନୀରେ ଧନୁ ଭଗ୍ନ ଓ ସୀତା ସ୍ୱୟମ୍ବର ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠାନର ସୁପର ହିଟ ନାଟକ ରାମ ପର୍ଶୁରାମ ଭେଟ ଓ ମନ୍ଥରାର କୂଟ ଚକ୍ରାନ୍ତ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ପବିତ୍ର କୁମାର ମହାରଣା ସୂଚନା ଦେଇଛନ୍ତି।

## ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ ସମାପ୍ତ

ନବରଙ୍ଗପୁର ୨୩/୫/(ଅକ୍ଷର ଓଡିଶା ) ନବରଙ୍ଗପୁର ଆଇନଜୀବୀ ସଂଘର ବାର୍ଷିକ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ଶୁକ୍ରବାର ଦିନ ମତଦାନ, ଭୋଟ ଗଣନା ଓ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ସକାଳ ସାଢେ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ମଧ୍ୟାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା ।ମୋଟ ୧୮୬ ଜଣ ବାର୍ ସଦସ୍ୟଙ୍କ ମଧ୍ୟରୁ ୧୭୫ ଜଣ ଆଇନଜୀବୀ ନିଜ ମତାଧିକାର ପ୍ରୟୋଗ କରିଥିଲେ। ପୂର୍ବରୁ ଉପ-ସଭାପତି ଭାବେ ସ୍ନେହଲତା ଦେବୀ, ଯୁଗ୍ମ ସମ୍ପାଦିକା ଭାବେ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ଭାବେ ଶେଖ ବାବା ଅଲିସା ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ, ଗୋପାଳ ଶତପଥୀ ଏବଂ ବାଲାଜୀ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ପଦବୀ ପାଇଁ ହୋଇଥିବା ମୁକାବିଲାରେ ସନ୍ତୋଷ କୁମାର ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିରାଜୁଦ୍ଦିନ ଅହମ୍ମଦଙ୍କୁ ୨୬ ଖଣ୍ଡ ଭୋଟରେ ପରାଜିତ କରି ବିଜୟୀ ହୋଇଥିଲେ। ସେହିପରି ସମ୍ପାଦକ ପଦବୀରେ ତପନ କୁମାର ସିଂହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କିଶୋରୀ ପଟ୍ଟନାୟକଙ୍କଠାରୁ ୩୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ହାସଲ କରିଥିଲେ ।ଅପରାହ୍ନ ୪ଟାରୁ ଭୋଟ ଗଣନା ଆରମ୍ଭ ହୋଇଥିବାବେଳେ ମୋଟ ୪ଟି ରାଉଣ୍ଡରେ ଗଣନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ସରୋଜ କୁମାର ବେହେରାଙ୍କ ନେତୃତ୍ୱରେ ସହକାରୀ ନିର୍ବାଚନ ଅଧିକାରୀ କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ସୁଚାରୁ ଭାବେ ପରିଚାଳନା କରିଥିଲେ।

## ବାଲି ଘାଟ ନିଲାମ ପ୍ରକ୍ରିୟା ତରିତ୍ୱ କରିବାକୁ ଦାବୀ

ନନ୍ଦପୁର, ୨୩/୦୫ (ଶ୍ରୀରାମ ଖରା ) ନନ୍ଦପୁର, ଓଡ଼ିଶା ଆନ୍ଧ୍ର ସୀମାନ୍ତ ନନ୍ଦପୁର ବ୍ଲକ ପାଡୁଆ ଗାଡ଼ି ମାଲିକ ସଂଘ ପକ୍ଷ ଡୁରୁବା ଓ ଗାଲଗାଣ୍ଡା ବାଲି ଘାଟ ନିଲାମ ପ୍ରକ୍ରିୟା ଗତ ଦୁଇ ବର୍ଷ ହେବ ବନ୍ଦ ରହିଥିବା ବେଳେ ତୁରନ୍ତ ନିଲାମ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବୀ କରିଛନ୍ତି ଗାଡି ମାଲିକ ସଂଘ । ଗତ ଦୁଇ ବର୍ଷ ହେବ ଉକ୍ତ ନଦୀ ଘାଟ ରେ ବଳି ଉଠାଣ ନେଇ କଟକଣା ରହିଥିବା । ବାଲି ଘାଟ ଉପରେ ନିର୍ଭର କରୁଥିବା ଶ୍ରମିକ ଓ ଗାଡ଼ି ମାଲିକ ମାନେ ଦିନ ଦିନ କୁ ଜୀବିକା ଉପରେ ପ୍ରଭାବ ପଡୁଥିବା ସହ ଅଞ୍ଚଳ ରେ ଚାଲୁ ରହିଥିବା ଉନ୍ନୟନ ପ୍ରକଳ୍ପ ସହ ଆବାସ ନିର୍ମାଣ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ତେବେ ଗତ କିଛି ଦିନ ତଳେ ବାଲି ଘାଟ କୁ ଯିବା ରାସ୍ତା ବନ୍ଦ ହେବା ପରେ ତୁରନ୍ତ ବାଲି ଘାଟ ନିଲାମ କରିବାକୁ ଗାଡି ମାଲିକ ମାନେ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ବିଧାୟକ ପ୍ରତିନିଧି କାମେଶ କାମୁଡି ଙ୍କ ଅଧ୍ୟକ୍ଷତା ରେ ପା ଡୁ ଆ ଗାଡ଼ି ମାଲିକ ସଂଘ ର ସଦସ୍ୟ ମାନେ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେଇ ତୁରନ୍ତ ବାଲି ଘାଟ ନିଲାମ କରିବାକୁ ଦାବୀ କରିଛନ୍ତି ।

# ପରିଣତ ବୟସରେ ଦିବ୍ୟାଙ୍ଗ ପୁଅର ଏକ ମାତ୍ର ସାହାରା ପାଲଟିଛନ୍ତି ବୃଦ୍ଧା ମା



ଡାବୁଗାଁ ୨୩/୦୫ (ଅକ୍ଷର ଓଡିଶା) ବୟସ ୮୦ ଛୁଇଁଲାଣି। ଆଖି କୁ ଆଉ ଭଲ ଦେଖା ଯାଉନି। ଚାଲିବାକୁ ଶକ୍ତି ମଧ୍ୟ ନାହିଁ। ତେବେ ଜଣେ ଦିବ୍ୟାଙ୍ଗ ପୁଅ ର ଅସହାୟ ଅବସ୍ଥା ଦେଖି ତାର ଦେଖା ରେଖା କରିବାକୁ ଯେଉଁଳି ସଂକଳ୍ପ ନେଇଛନ୍ତି। ଏଭଳି ଏକ ହୃଦୟ ସ୍ପର୍ଶ ଓ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ବଡ ଓଲମା ପଞ୍ଚାୟତ ଅନ୍ତର୍ଗତ ଗୁଛାଗୁଡା ଗ୍ରାମ ରେ । ଗୁଛା ଗୁଡା ଗ୍ରାମର ବୃଦ୍ଧା ରାମା ହରିଜନ ୮୦ ବର୍ଷ ସ୍ୱାମୀ ର ମୃତ୍ୟୁ ପରେ ଦିବ୍ୟାଙ୍ଗ ପୁଅ ପଦ୍ମନ ୫୬ ବର୍ଷ ସହ ଦୀର୍ଘ ବର୍ଷ ହେଲା ଏକ ଘରେ ରହି ଆସୁଛନ୍ତି। ତେବେ ୩୦ ବର୍ଷ ପୂର୍ବେ ସବୁ ଠିକ୍ ଠାକ୍ ଚାଲିଥିଲା। ପୁଅ ପଦ୍ମନ ଜନ୍ମ ରୁ ସ୍ୱାଭାବିକ ରହିଥିଲା। ୧୮ ବର୍ଷ ସମୟରେ ସେ ଉମରକୋଟ ଅଞ୍ଚଳ ର ଜଣେ ଝିଅ କୁ ବାହା ହୋଇଥିଲା। ଘର ସଂସାର ହସ ଖୁସିରେ ଚାଲିଥିଲା। ପୁଅ ଯାହା ରୋଜଗାର କରେ ପରିବାର ଚଳି ଯାଉଥିଲା। ତେବେ ବୟସ ବୃଦ୍ଧି ପରେ ପଦ୍ମନ୍ ଙ୍କ ଦୁଇଟି ଗୋଡ ବିନ୍ଧା ହେବା ସହ ଧୀରେ ଧୀରେ ଅଚଳ ହୋଇଯାଇଥିଲା। ଯୁବା ବସ୍ଥାରେ ପୁଅର ଏଭଳି ରୋଗ ବାହାରିବା ପରେ ମା ରାମା ପୁଅ ର ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନ ନେଇଥିଲେ। ତେବେ ରୋଗ ଭଲ ହେବା ବଦଳରେ ଅଧିକ ହେବାକୁ ଲାଗିଲା। ସ୍ୱାମୀର ଏହି ଦୁଃଖଦ ସମୟରେ ସ୍ତ୍ରୀ ସ୍ୱାମୀର ସେବା କରିବା ବଦଳରେ ହାତ ଛାଡି ନିଜ ବାପ ଘରକୁ ଚାଲି ଯାଇଥିଲେ। ସ୍ତ୍ରୀ ଚାଲିଯିବା ପରେ ବୃଦ୍ଧା ମା ଓ ଦିବ୍ୟାଙ୍ଗ ପୁଅ ଉପରେ ଦୁଃଖର ପାହାଡ ପଡ଼ିଥିଲା। ତେବେ ଦୁଃଖ ସମୟରେ ସ୍ତ୍ରୀ ଚାଲି ଯାଇଥିଲେ ସୁଦ୍ଧା ମା ରାମା ପୁଅ ର ସେବାରେ କୌଣସି ଅବହେଳା କରି ନ ଥିଲେ ।ପୁଅ ଦିବ୍ୟାଙ୍ଗ ହୋଇ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାର ଯାବତୀୟ ସେବା ଦେଉଛନ୍ତି। ପୁଅ ର ଦୁଇଟି ଗୋଡ ସମ୍ପୂର୍ଣ ଅକାମୀ ହୋଇଯାଇଥିବା ବେଳେ ଆର୍ଥିକ ସ୍ଥିତି ଠିକ୍ ନ ଥିବା ଦିବ୍ୟାଙ୍ଗ ପଦ୍ମନ ଘର ପରିସର ଓ ଆଖପାଖ ଘର କୁ ଗୋଟିଏ ହାତରେ ଆଶା ବାଡି ଧରି ଘୋଷାଡି ହୋଇ ଯାଉଛନ୍ତି ।ବୟସ ବୃଦ୍ଧି ଯୋଗୁଁ ମାଆ ର ଆଖି ରାତ୍ରରେ ସ୍ପଷ୍ଟ ଦେଖା ଯାଉ ନ ଥିବା ବେଳେ ଲଇଁ ଲଇଁ ଚାଲୁଛନ୍ତି। ପୁଅକୁ ଦିବ୍ୟାଙ୍ଗ ଭତ୍ତା ଓ ମା କୁ ବୃଦ୍ଧା ଭତ୍ତା ମିଳୁଥିବା ବେଳେ ଆବାସ ଗୃହ ଟିଏ ରହିଛି ।ପ୍ରଶାସନ ତରଫରୁ ଏହି ଅସହାୟ ପରିବାର ର ଦିବ୍ୟାଙ୍ଗ ପୁଅ କୁ ଟ୍ରାଇ ସାଇକେଲ ସହ ଆୟୁଷ୍ମାନ କାର୍ଡ ପ୍ରଦାନ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।



ରବିବାର ୨୪।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କଲା ହାଇଦ୍ରାବାଦ



ହାଇଦ୍ରାବାଦ, ୨୩/୫- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୭ତମ ମୁକାବିଲାରେ ହାଇଦ୍ରାବାଦ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇଛି। ବେଙ୍ଗାଲୁରୁ ୨୦ ଓଭରରେ ୪ଟି ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିପାରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବେଙ୍ଗାଲୁରୁ ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ବେଙ୍ଗାଲୁରୁର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। କିନ୍ତୁ କମ ସମୟ ମଧ୍ୟରେ ଦଳ ଆଗଧାଡ଼ିରେ ୩ ଜଣ ଖେଳାଳିଙ୍କୁ ହରାଇଥିଲା। ସ୍କୋର ୬୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟର, ୭୪ ରନ୍‌ରେ ବିରାଟ କୋହଲି ଏବଂ ୯୪ ରନ୍‌ରେ ଦେବଦତ୍ତ ପଡ୍ଡିକଲ ଆଉଟ୍ ହୋଇଥିଲେ। ଆୟର ବ୍ୟକ୍ତିଗତ ଭାବେ ୪୪ ରନ୍ ସଂଗ୍ରହ କରିଥିଲେ। ସେ ୧୯ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ବିରାଟ କୋହଲି ୧୧ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ଦେବଦତ୍ତ ପଡ୍ଡିକଲ ୧୪ଟି ବଲ୍‌ରୁ ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୧ ରନ୍ ସଂଗ୍ରହ କରିଥିଲେ।

ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ପେଟ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲା। ଘରୋଇ ଦଳ ସଫଳ ରଣନୀତି କରି ରନ୍ ସ୍କୋରକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଦଳର ସମସ୍ତ ବ୍ୟାଟର ଏକ ଲୟରେ ଖେଳିଥିଲେ। ସମସ୍ତ ବ୍ୟାଟର ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ଠାରୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ରନ୍‌ର ଗତି ଏକ ଲକ୍ଷ୍ୟ ନେଇ ଆଗକୁ ବଢିଥିଲା। ହାଇଦ୍ରାବାଦର ବ୍ୟାଟିଂ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୫ ରନ୍‌ର ଭାଗିଦାରୀ କରିପାରିଥିଲେ। ଏଥିରୁ ଟ୍ରାଭିସ ହେଡ୍ ବ୍ୟକ୍ତିଗତ ଭାବେ ୨୬ ରନ୍ ଯୋଗଦାନ ଦେଇଥିଲେ। ସେ ୧୬ଟି ବଲ୍ ସାମ୍ନା କରିଥିଲେ ଏବଂ ୫ଟି ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା, ଯିଏକି ୫୬ ରନ୍ ସଂଗ୍ରହ କରିଥିଲେ। ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଏହା ପୂର୍ବରୁ ସେ ହେନରି କ୍ଲାସେଁଙ୍କ ସହିତ ୪୭ ରନ୍‌ର ଭାଗିଦାରୀ କରିଥିଲେ। ତେବେ ହାଇଦ୍ରାବାଦର ଖେଳାଳି କ୍ଲାସେଁ ଏବଂ ଇଶାନ କିଶନ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ଖେଳାଳି ନିଜ ଦଳ ପାଇଁ ୧୧୩ ରନ୍ ଯୋଡ଼ିଥିଲେ। ଏଥିରେ କ୍ଲାସେଁଙ୍କ ଯୋଗଦାନ ୫୧ ରନ୍ ଥିଲା। ସେ ୨୪ଟି ବଲ୍ ସାମ୍ନା କରିଥିଲେ ଏବଂ ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ହାଇଦ୍ରାବାଦ ପାଇଁ ଇଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୬ଟି ବଲ୍ ସାମ୍ନା କରିଥିଲେ ଏବଂ ୮ଟି ଚୌକା ଓ ୩ଟି ଛକା ବଳରେ ୭୯ ରନ୍ କରିଥିଲେ। ଯୁବ ବ୍ୟାଟର ନୀତିଶ କୁମାର ରେଡ୍ଡୀ ଅପରାଜିତ ୨୯ ରନ୍ କରିଥିଲେ। ଏଥିରେ ସେ ଗୋଟିଏ ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ରସିକ ସାଲମ ଡାର ୨ଟି ୱିକେଟ ଅକ୍ତିଆର କରିଥିଲେ। ସୂୟାଂଶ ଶର୍ମା ଏବଂ କୃଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଫିଫା ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛନ୍ତି ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା

ବର୍ଲିନ, ୨୩/୫- ଫିଫା ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛନ୍ତି ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା। ଏ ସମସ୍ତ ଦଳ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି।

## ଜର୍ମାନି

ଜର୍ମାନି ପକ୍ଷରୁ ଜୋସୁଆ କିମିକ୍‌ଙ୍କ ନେତୃତ୍ୱରେ ଏକ ୨୬ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ସାମିଲ କରାଯାଇଛି। ଦଳକୁ ଅଭିଜ୍ଞ ଗୋଲ୍‌କିପର ମାନୁଏଲ୍ ନିଉରଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ସେ ୨୦୧୪ରେ ବିଶ୍ୱକପ୍ ବିଜୟୀ ଜର୍ମାନୀ ଦଳର ସଦସ୍ୟ ଥିଲେ। ଦଳରେ ଆଣ୍ଟୋନିଓ ରୁଡିଜର, କାଇ ହାଭର୍ଟଜ୍ ଓ ଫେଲିକ୍ସ ଏନମେସାଙ୍କୁ ସାମିଲ କରାଯାଇଛି। ଦଳର ସବୁଠାରୁ କନିଷ୍ଠ ସଦସ୍ୟ ହେଲେ ୧୮ ବର୍ଷୀୟ



ବାୟର୍ନ ମ୍ୟୁନିକ୍ ଖେଳାଳି ଲେନାର୍ଟ କାର୍ଲ। ଜର୍ମାନୀ ଜୁନ ୧୪ରେ ନିଜର ପ୍ରଥମ ମ୍ୟାଚ୍ କୁରାସାଓ ବିପକ୍ଷରେ ଖେଳିବ।

## ଇଂଲଣ୍ଡ

ଇଂଲଣ୍ଡ ପକ୍ଷରୁ ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଏକ ୨୬ ଜଣିଆ ଦଳ ଘୋଷିତ ହୋଇଛି। ଇଂଲଣ୍ଡ ଦଳରେ ସ୍ଥାନ ପାଇଥିବା ପ୍ରମୁଖ ନାମ ହେଲେ ହ୍ୟାରୀ କେନ୍, ଜ୍ୟୁଡ୍ ବେଲିଙ୍ଗାମ୍, ବୁକାୟୋ ସାକା ଓ ଡେକ୍ଲାନ ରାଇସ୍। ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡ ଜାତୀୟ ଦଳ ପାଇଁ ପୂର୍ବରୁ ମାତ୍ର ଥରେ ଖେଳିଥିବା ଇଭାନ୍ ଟୋନେଙ୍କୁ ସାମିଲ କରାଯାଇଛି। ତେବେ ଦଳରୁ କେତେକ ଅଭିଜ୍ଞ ଖେଳାଳି ଯେପରିକି ଫିଲ୍ ଫୋଡେନ୍, କୋଲ୍ ପାଲ୍‌ମର, ଟ୍ରେଣ୍ଟ ଆଲେକ୍‌ଜାଣ୍ଡାର ଆର୍ନୋଲ୍ଡ, ହ୍ୟାରୀ ମାଗ୍‌ବାର୍ ଓ ଲ୍ୟୁକ୍ ସ’ ବାଦ୍ ପଡ଼ିଛନ୍ତି।

## ଦକ୍ଷିଣ ଆଫ୍ରିକା

ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକ ୩୨ ଜଣିଆ ଦଳ ଘୋଷଣା କରାଯାଇଛି। ଗୋଲ୍‌କିପର ରୋନୱେନ୍ ୱିଲିୟମ୍ସ ଦଳର ନେତୃତ୍ୱ ନେବେ। ଦଳରେ ମିଡ୍‌ଫିଲ୍ଡର ଟେବୋହୋ ମୋକୋଏନା ଓ ଷ୍ଟ୍ରାଇକର୍ ଲାଇଲ୍ ଫଷ୍ଟର୍‌ଙ୍କୁ ସାମିଲ କରାଯାଇଛି। ଏହି ୩୨ ଜଣିଆ ଦଳରୁ ପରବର୍ତ୍ତୀ ସମୟରେ ଆଉ କିଛି ଖେଳାଳିଙ୍କୁ ବାଦ୍ ଦେଇ ଏକ ୨୬ ଜଣିଆ ଚୂଡ଼ାନ୍ତ ଦଳ ଘୋଷଣା ହେବ।

# ବାଦ୍ ପଡ଼ିଲେ ରଘୁବଂଶୀ



କୋଲକାତା, ୨୩/୫- କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୱିକେଟ୍‌ରକ୍ଷକ ବ୍ୟାଟର୍ ଅଙ୍ଗକ୍ରିସ୍ ରଘୁବଂଶୀ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ମୁଣ୍ଡ ଓ ବାମ ହାତ ଅଙ୍ଗୁଳିରେ ଆଘାତ ଯୋଗୁଁ ସେ ବାଦ ପଡ଼ିଛନ୍ତି। ମେ’୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଆଘାତପ୍ରାପ୍ତ ହୋଇଥିଲେ। ତିଳକ ବର୍ମାଙ୍କ ଏକ ସଟ୍‌କୁ କ୍ୟାଚ୍ କରିବାକୁ ଯାଇ ସେ ଓ ବରୁଣ ଚକ୍ରବର୍ତ୍ତୀ ପରସ୍ପର ସହ ଧକ୍କା ହୋଇଯାଇଥିଲେ। ଏଥିରେ ରଘୁବଂଶୀ ଆଘାତପ୍ରାପ୍ତ ହୋଇଥିଲେ। ରବିବାର କେକେଆର୍ ଓ ଦିଲ୍ଲୀ କ୍ୟାପିଟାଲ ମଧ୍ୟରେ ଖେଳାଯିବ ଚଳିତ ଆଇପିଏଲ୍ ଋତୁର ଶେଷ ଲିଗ୍ ମ୍ୟାଚ୍। ପ୍ଲେ ଅଫ୍‌କୁ ଯିବା ପାଇଁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ରଘୁବଂଶୀ ବାଦ୍ ପଡ଼ିବା କେକେଆର୍ ପାଇଁ ଏକ ଝଟକା ସଦୃଶ ହୋଇଛି। କାରଣ ଚଳିତ ଆଇପିଏଲ୍‌ରେ ସେ ଭଲ ଫର୍ମରେ ଅଛନ୍ତି ଓ ଏପର୍ଯ୍ୟନ୍ତ ପାଞ୍ଚ ଅର୍ଦ୍ଧଶତକ ସହ ୪୨୨ ରନ୍ କରିଛନ୍ତି।

# ଘରୋଇ କ୍ରିକେଟ୍ ବନ୍ଦ କରିଦିଅ: ଭେଙ୍ଗସରକାର୍



ମୁମ୍ବାଇ, ୨୩/୫- ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଜମ୍ମୁ କଶ୍ମୀର ଦ୍ରୁତ ବୋଲର ଆକ୍ୱିବ୍ ନବିଙ୍କୁ ସାମିଲ କରାଯାଇନଥିବାରୁ ପୂର୍ବତନ ବ୍ୟାଟର୍ ଦିଲୀପ ଭେଙ୍ଗସରକାର୍ ବିସିସିଆଇକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯଦି ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନକୁ ବିଚାରକୁ ନିଆଯାଉନାହିଁ, ତେବେ ତାହାକୁ ବନ୍ଦ କରିଦିଆଯାଉ। ଗତ ଋତୁରେ ଜମ୍ମୁ ଓ କଶ୍ମୀରକୁ ରଣଜୀ ଚାମ୍ପିଅନ କରିବାରେ ନବିଙ୍କ ଏକ ବଡ଼ ଭୂମିକା ଥିଲା। ସମୁଦାୟ ଋତୁରେ ସେ ୬୦ ୱିକେଟ୍ ନେଇଥିଲେ। ଏପରି ଚମତ୍କାର ସଫଳତା ସତ୍ତ୍ୱେ ତାଙ୍କୁ ଚୟନକର୍ତ୍ତାମାନେ ଦଳରେ ନେଇନଥିବାରୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଭେଙ୍ଗସରକାର କହିଛନ୍ତି, ‘‘ଚୟନକର୍ତ୍ତାଙ୍କ ନିଷ୍ପତ୍ତି ମୂର୍ଖତାପୂର୍ଣ୍ଣ। ଏହା କେଉଁ ପ୍ରକାରର ଚୟନ ? ଏହା ଅନ୍ୟାୟ ଓ ଗ୍ରହଣୀୟ ନୁହେଁ। ଆପଣ ନବିଙ୍କ ଦୁଃଖ ବୁଝିପାରୁଥିବେ। ସେ ୬୦ ୱିକେଟ୍ ନେଇଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇବାକୁ ସେ କଠିନ ପରିଶ୍ରମ କରିଛନ୍ତି। ଯଦି ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ ଯୋଗ୍ୟତାର ମାନଦଣ୍ଡ ନୁହେଁ, ତେବେ ତାହାକୁ ବନ୍ଦ କରିଦିଆଯାଉ।’’ ଏହା ପୂର୍ବରୁ ପୂର୍ବତନ କ୍ରିକେଟର୍ ଆକାଶ ଚୋପ୍ରା ବି ଅଜିତ ଅଗରକର ନେତୃତ୍ୱାଧୀନ ଚୟନ କମିଟିକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଜାତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଆଉ କ’ଣ କରିବାକୁ ହେବ।

## ନିଖିଲ ହାଡ଼ପା ହତ୍ୟାକାଣ୍ଡ ଘଟଣା, ରାୟଗଡାରେ ଉତ୍ତେଜନା

# ୬ ପ୍ଲାଟୁନ ପୁଲିସର ଫ୍ଲାଗ୍ ମାର୍ଚ୍ଚ



ରାୟଗଡା, ୨୨/୦୫:( କୈଳାସ ସ୍ୱାଇଁ )ନିଖିଲ ହାଡ଼ପା ଗୁଳିକାଣ୍ଡ ଓ ହତ୍ୟା ଘଟଣାକୁ କେନ୍ଦ୍ର କରି ରାୟଗଡା ସହରରେ ଦିନକୁ ଦିନ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ରାୟଗଡା ଟାଉନ ଥାନା ସମ୍ମୁଖରେ ପିଟଲାସାହି ଓ ରେଲିସାହି ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଥିଲା। ଏହି ଘଟଣାରେ ଉଭୟ ପକ୍ଷର ୩ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି।ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ୬ ପ୍ଲାଟୁନ ପୁଲିସ ରେଲିସାହି, ପିଟଲାସାହି ଓ ଆଖପାଖ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରିଥିଲା। ରେଲିସାହିରେ ଫ୍ଲାଗ୍ ମାର୍ଚ୍ଚ ସମୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ସ୍ଥାନୀୟ ବାସିନ୍ଦା ପୁଲିସକୁ ଅଟକ ରଖି ନ୍ୟାୟ ଦାବି କରିଥିଲେ। ପୁଲିସ ଉପସ୍ଥିତିରେ ମଧ୍ୟ ସେମାନଙ୍କ ଉପରେ ଆକ୍ରମଣ ହେଉଥିବା ଅଭିଯୋଗ ଉଠିଥିଲା।ଅନ୍ୟପଟେ, ରାୟଗଡା ଉପକାରାଗାର ସମ୍ମୁଖରେ କିଛି ସନ୍ଦିଗ୍ଧଙ୍କ ଗତିବିଧି ଓ ଜେଲ କର୍ମଚାରୀଙ୍କୁ ଧମକ ଦେବା ଘଟଣା ପରେ ନିଖିଲ ହତ୍ୟାକାଣ୍ଡରେ ଗିରଫ ହୋଇଥିବା ୧୨ ଜଣ ମଧ୍ୟରୁ ୯ ଜଣ ଅଭିଯୁକ୍ତଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଛି.ଜେଲ ସୁପରିଣ୍ଟେଣ୍ଡେଣ୍ଟ କିଶୋର କୁମାର ସିଂଙ୍କ ସୂଚନା ଅନୁଯାୟୀ, ୩ ଜଣଙ୍କୁ ବ୍ରହ୍ମପୁର, ୩ ଜଣଙ୍କୁ କୋରାପୁଟ ଓ ଅନ୍ୟ ୩ ଜଣଙ୍କୁ ଫୁଲବାଣୀ ଜେଲକୁ ପଠାଯାଇଛି। ସହରରେ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଘଟଣାସ୍ଥଳରେ ଏଏସ୍ପି ରାମେନ୍ଦ୍ର ପ୍ରସାଦ, ଏସ୍‌ଡିପିଓ ଗୌରହରୀ ସାହୁ, ଆଇଆଇସି ପ୍ରସନ୍ନ ବେହେରା ଓ ଅନ୍ୟ ଅଧିକାରୀମାନେ ନଜର ରଖିଛନ୍ତି।ସୂଚନାଯୋଗ୍ୟ, ଗତ ୯ ତାରିଖରେ ପୂର୍ବ ଶତ୍ରୁତା ଓ ଜୁଆ ଅଡ୍ଡାକୁ କେନ୍ଦ୍ର କରି ୧୮ ବର୍ଷୀୟ ନିଖିଲ ହାଡ଼ପାଙ୍କୁ ଗୋଡ଼ାଇ ଗୋଡ଼ାଇ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ୨୧ ଜଣଙ୍କ ସଂପୃକ୍ତି ଥିବା କହିଛି। ଘଟଣାକୁ ୧୫ ଦିନ ବିତିଥିଲେ ମଧ୍ୟ ସହରରେ ଭୟ ଓ ଉତ୍ତେଜନାର ପରିବେଶ ଜାରି ରହିଛି।

## ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

# ମନରେଗା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ନୂଆପଡା, ୨୩/୦୫ ( ଅକ୍ଷର ଓଡିଶା ) ନୂଆପଡା ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଅଧିକାରୀ ସ୍ୱୟଂ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଓ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷିବନୀକରଣ ଯୋଜନା ଅଧୀନରେ ୬୩ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସମସ୍ତ ଯୋଜନାର ବର୍ତ୍ତମାନ ପ୍ରଗତି ସମ୍ପର୍କରେ ମଧ୍ୟ ସେ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସେହିପରି ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମାପ୍ତ କରିବାକୁ ମଧ୍ୟ କହିଥିଲେ। ଏହି ଅବସରରେ ଜିଲ୍ଲାର ପାଞ୍ଚଟି ବ୍ଲକର ପାଞ୍ଚଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ଦେବପ୍ରିୟ ପାଣିଗ୍ରାହୀ ଓ ଦେବେନ୍ଦ୍ର କୁମାର ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୟୁର ପାଇଁ ବନ ବିଭାଗ ପକ୍ଷରୁ ପାଣି ଯୋଗାଣ



ଆସିକା, ୨୩/୦୫ (ଅକ୍ଷର ଓଡ଼ିଶା)- ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ଆସିକା ରେଞ୍ଜର ବିଭିନ୍ନ ବନ କ୍ଷେତ ଅଞ୍ଚଳରେ ଜାତୀୟ ପକ୍ଷୀ ମୟୁର ପାଇଁ ଦୈନ ଦିନ ପାଣି କୁଣ୍ଡରେ ଜଳ ଯୋଗାଉଛି ବନ ବିଭାଗ । ପ୍ରଚଣ୍ଡ ରୌଦ୍ରତାପ ହେଉଥିବା ବେଳେ ମୟୁର ମାନେ ପାଣି ପାଇଁ ଅସୁବିଧା ନହେବା ସକାଶେ ଜଳ କୁଣ୍ଡ ସ୍ଥାପନ କରିଛନ୍ତି । ଆସିକା ରେଞ୍ଜ ଅଧୀନରେ ଥିବା ଶେରଗଡ଼ ଏବଂ ଚେରାମାରିଆ ବିଟର ଖଡ଼ଭାଗ, ଚେରମାରିଆ, ଖଣ୍ଡଦେଉଳି, ନୁଆଗାଁ, କରଞ୍ଜେଇ, ପାକିଦି, କାଞ୍ଜିଆମା, ତଅଁର, ଶୋଭାଚନ୍ଦ୍ରପୁର, କେରିକୋଟୀ ଖୋଳା, ଗର୍ଭ ଗଣ୍ଡା, ଚିକିଲି,ସମେତ ଅନେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜାତୀୟ ପକ୍ଷୀ ମୟୁର ମାନଙ୍କ ତୃଷା ନିବାରଣ ପାଇଁ ୬୫ରୁ ଉର୍ଦ୍ଧ ପାଣି କୁଣ୍ଡ ପ୍ରସ୍ତୁତ କରି ନିୟମିତ ପାଣି ଭର୍ତି କରି ରଖୁଛନ୍ତି । ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବନପାଳ ରାଜେନ୍ଦ୍ର ଗୌଡ଼ , ବନ ସୁରକ୍ଷା ସମିତି, ଫରେଷ୍ଟ ଗାର୍ଡ ପ୍ରମୁଖ ସହଯୋଗ କରୁଛନ୍ତି ।

# ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ବୈଠକ

ସମ୍ବଲପୁର, ୨୩/୦୫(ଅକ୍ଷର ଓଡିଶା)ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ଅନ୍ତର୍ଜାତୀୟ ବିବାହ କରିଥିବା ପଦ୍ମଶ୍ରୀ ଡ.ଜିତେନ୍ଦ୍ର ହରିପାଲଙ୍କ ନାତୁଣୀ ପାୟଲ ହରିପାଲଙ୍କ ସ୍ୱାମୀ ଆମେରିକାର କାୟଲଙ୍କୁ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନ ଠାରେ ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶନିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ହରିପାଲ ପରିବାରର ସଦସ୍ୟ ଅଜା ପଦ୍ମଶ୍ରୀ ଡ.ଜିତେନ୍ଦ୍ର ହରିପାଲ, ବାପା ପ୍ରଭାତ ହରିପାଲ, ମାତା ମିନୁ ହରିପାଲ, ପାୟଲଙ୍କ ଭଉଣୀ ଘୁଙ୍ଘୁରୁ ଓ ଗୁଞ୍ଜନ ଉପସ୍ଥିତ ଥିଲେ। ଏଥିରେ ଉପାଧ୍ୟକ୍ଷ ଡ. ସୁଶିଲ କୁମାର ବେହେରା, ଆଇନଜୀବୀ ଜୟକୃଷ୍ଣ ବେହେରା, ସୁରେଶ୍ୱର ଭୋଇ, ଝସକେତନ ଦୀପ, ଉପମହାସଚିବ ଯମୁନା ଶିକା, ଶିବପ୍ରୀୟା ସାହୁ, ପଦ୍ମିନୀ ଭୋଇ, ଶୁନୟନା ନାୟକ, ପିଙ୍କି ଲୁହା, ଭଗବାନ ନିଆଲ ପ୍ରମୁଖ ଯୋଗଦାନ କରି ନବ ବିବାହିତ ଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ବର୍ଦ୍ଧନା ବକ୍ତବ୍ୟରେ ବକ୍ତାମାନେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଗଣ୍ଡା ବଜା ସମ୍ବଲପୁରୀ ଗୀତ ରଙ୍ଗବତୀକୁ ଦେଶ ବିଦେଶରେ ପହଞ୍ଚେଇବାରେ ଅନ୍ୟତମ ହେଇଥିବା ସହ




ଅନ୍ୟ ଜଣେ ଗଣ୍ଡା ସମ୍ପ୍ରଦାୟର ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ଅର୍ନ୍ତରାଷ୍ଟ୍ରୀୟ ବିବାହ କରିଥିବା ବେଳେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ନାତୁଣୀ ପାୟଲ ଗଣ୍ଡା ସମ୍ପ୍ରଦାୟର ଆମେରିକାର ବରପୁତ୍ରକୁ ବାହା ହୋଇ ଗୋଟିଏ ଦେଶ ସହ ଅନ୍ୟ ଏକ ଦେଶ ମଧ୍ୟରେ ବନ୍ଧୁତାର ସେତୁ ସ୍ଥାପନ କରିଛନ୍ତି।। ଏପରି ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଗର୍ବ ଅନୁଭବ କରେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ଓଡିଶା ପଚାଶ ବଲ କ୍ରିକେଟ ଦଳରେ ଜୁନାଗଡର ଦୀପମଜ୍ୟୋତି ମେହେର



କଳାହାଣ୍ଡି, ୨୩।୫ (ଅକ୍ଷର ଓଡିଶା)- ଜୁନାଗଡ଼ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଜୁନାଗଡ ବ୍ଲକ ଚିଚେଇ ଗୁଡା ଗ୍ରାମର ତୁଷାର ମେହେର ପୁଅ ତଥା ପୂର୍ବତନ ମନ୍ତ୍ରୀ ବିଜେପିର ବରିଷ୍ଠ ନେତା ହିମାଂଶୁ ଶେଖର ମେହେରଙ୍କ ନାତି ଯୁବ କ୍ରିକେଟ ପ୍ରତିଭା ଦୀପମଜ୍ୟୋତି ମେହେର । ଜାତୀୟ ସ୍ତରରେ ଓଡ଼ିଶାର ଦଳରେ ମନୋନୀତ ହୋଇଛନ୍ତି। ପଚାଶ ବଲ କ୍ରିକେଟ ସଂଘ ଓଡ଼ିଶା ପକ୍ଷରୁ ଘୋଷିତ ରାଜ୍ୟ ଅର୍ନ୍ତୁଦ୍ଧ ୧୫ ବର୍ଷ ପଚାଶ ବଲ କ୍ରିକେଟ ଦଳରେ ସେ ଓଡ଼ିଶା ଦଳରେ ବ୍ୟାଟ୍ସମ୍ୟାନ୍ ଭାବେ ସ୍ଥାନ ପାଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଓ.ଡି.ଏମ୍. ଗ୍ଲୋବାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ନିଜ ବିଦ୍ୟାଳୟରେ କ୍ରିକେଟ ପ୍ରଶିକ୍ଷଣ ନେଉଛନ୍ତି ବୋଲି ସୂଚନା ମିଳିଛି। ବ୍ୟକ୍ତିଗତ ସ୍ତରରେ କଠିନ ଅଭ୍ୟାସ ବଳରେ ସେ ରାଜ୍ୟ ଦଳକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୭ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧାସ୍ଥିତ କେ.ଟି. ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଉପ-କନିଷ୍ଠ ପଚାଶ ବଲ କ୍ରିକେଟ ଜାତୀୟ ପ୍ରତିଯୋଗିତାରେ ଦୀପମଜ୍ୟୋତି ଓଡ଼ିଶା ଦଳରେ ବ୍ୟାଟ୍ସମ୍ୟାନ୍‌ଭାବେ ଖେଳିବେ। ଏହି ପ୍ରତିଯୋଗିତା ଭାରତୀୟ ପଚାଶ ବଲ କ୍ରିକେଟ ମହାସଂଘଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି। ଦୀପମଜ୍ୟୋତିଙ୍କ ଏହି ସଫଳତା ଖବର ପ୍ରଚାରିତ ହେବା ପରେ ଜୁନାଗଡ଼ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

# ନିଶାମୁକ୍ତି ଅନ୍ତେବାସୀଙ୍କୁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଶୁଭେଚ୍ଛା



କଟକ ସଦର :(୨୩/୫(ଅକ୍ଷର ଓଡିଶା ) କଟକ ଜିଲ୍ଲା ଚୌଦ୍ୱାର ସ୍ଥିତ ଥିବା ଓଡିଶାର ସର୍ବ ପ୍ରଥମ ନିଶାସେବନ କାରୀ ନାବାଳକ ମାନଙ୍କ ପାଇଁ ଉଦିଷ୍ଟ ନିରାପଦ ଓ ଭବିଷ୍ୟତ ଗଠନ କରୁଥିବା ଅନୁଷ୍ଠାନ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରରେ ଥିବା ମୟୁରଭଞ୍ଜ ଜିଲ୍ଲାର ନାବାଳକ ଅନ୍ତେବାସୀ ଶିବମ ବେହେରା ଘରେ ଥିବା ସମୟରେ ଅତ୍ୟଧିକ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାର କରିଥିଲା। ଅସାମାଜିକ ଯୁବକ ମାନଙ୍କ ସହ ପଡି ବିଦ୍ୟାଳୟ ଶିକ୍ଷା ଗ୍ରହଣ ନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଲେ । ଏହି ଚିନ୍ତାଗ୍ରସ୍ତ ସମୟ ମଧ୍ୟରେ ଆମ ପରିବର୍ତ୍ତନ କେନ୍ଦ୍ରରେ ଅଭିଭାବକ ଆଣି ପିଲାଟିକୁ ଛାଡିଥିଲେ ଆମ ପରିବର୍ତ୍ତନ ଅନୁଷ୍ଠାନରେ ରହି ପିଲାଟି ଦୈନିକ ରୁଟିନ ଅନୁସାରେ ଆମ ସେବକ କର୍ମଚାରୀମାନେ ମଧ୍ୟ ସେଇ ନାବାଳକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଲେ । ଶିବମର ସୋସିଆଲ ମିଡ଼ିଆ ଏଡିଟରେ ବହୁତ ଆଗ୍ରହ ଥିଲା। ସକାଳ ଓ ସନ୍ଧ୍ୟା ୨ ଓଳା ପାଠ ପଢିବାରେ ଇଚ୍ଛା ପ୍ରକାଶ ଧୀରେ ଧୀରେ ବଢିଲା । ଶିକ୍ଷାରୁ ବଞ୍ଚିତ ଥିବା ୨ ବର୍ଷ ଡ୍ରପ ଆଉଟ ପିଲାକୁ ପୁଣି ଥରେ ଚୌଦ୍ୱାରରେ ଥିବା ସ୍ଥାନୀୟ କଳିଙ୍ଗ ପବ୍ଲିକ ହାଇସ୍କୁଲ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇଲେ। ସେ ବିଦ୍ୟାଳୟକୁ ଯାଇ ଶିକ୍ଷା ଅଧୟନ କରିବାକୁ ଲାଗିଲା । ଚଳିତ ବର୍ଷ ୨୦୨୬ ମାଟ୍ରିକ ପରୀକ୍ଷାରେ ତୃତୀୟ ସ୍ଥାନରେ ପାସ କରିଥିଲେ। ଉଚ୍ଚ ଶିକ୍ଷାରେ ଫିଲ୍ମ ସୁଟିଙ୍ଗ ଓ ଅଡିଟିଂ ଇଞ୍ଜିନିଅରିଂ ଲାଇନରେ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ ଦକ୍ଷ ଏଡିଟର ହୋଇବେ ବୋଲି ଆଶା ରଖିଛନ୍ତି । ଏଇ ମାଟ୍ରିକ ସଫଳତାରେ ଟ୍ରଷ୍ଟି ମୁଖ୍ୟ ଭାରତୀ ଦାସ ଓ ପରିବର୍ତ୍ତନ କେନ୍ଦ୍ର ଅଧ୍ୟକ୍ଷ ସମାଜସେବୀ ନରୋତ୍ତମ ଦାସ ଉଦୟ ମାନ ଯୁବକ ଶିବମ ବେହେରା ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ଆଶା ଓ ବିଶ୍ୱାସ ରଖିଛନ୍ତି । ମୁଖ୍ୟ ସେବକ ସୁବ୍ରତ ଖଟୁଆ ଓ ପ୍ରିୟଙ୍କା ଦାସ ଓ ସୁନୀଲ ମୁର୍ମୁଙ୍କ ତତ୍ତ୍ୱାବଧାନ ଓ ସହଯୋଗ ମଧ୍ୟ ନେଇ ସଫଳତା ପାଇଥିଲେ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera